୬ ବାଂଲାଦେଶକୁ ୩-୦ରେ ହରାଇ ସିରିଜ୍ କବ୍ଜା କଲା ଭାରତ





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

• ବର୍ଷ-୩୧ • ସଂଖ୍ୟା-୯୫ • ୩ ମଇ ୨୦୨୪, ଶୁକ୍ରବାର • ଭୁବନେଶ୍ୱର • Vol -31 • Issue-95 • 3rd May 2024, Friday • Bhubaneswar

Licensed to post without pre-payment of postage No- BN-60/22-24







# କଣ୍ଟାବାଞ୍ଜି ବିଧାନସଭା ଆସନରୁ ନାମାଙ୍କନ ଦାଖଲ କଲେ ମୁଖ୍ୟମନ୍ତ୍ରୀ

ବଲାଙ୍ଗୀର, ୨।୫
ନ୍ୟୁଜ୍ ବ୍ୟୁରୋ

ଗୁରୁବାର ବଲାଙ୍ଗୀରର କଣ୍ଟାବାଞ୍ଜି ବିଧାନସଭା ଆସନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଗଞ୍ଜାମର ହିଞ୍ଜିଳି ବିଧାନସଭା ଆସନ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦ୍ୱିତୀୟ ଆସନ ଭାବେ କଣ୍ଟାବାଞ୍ଜି ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଗୁରୁବାର ଦିନ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀ ଟିଟଲାଗଡ଼ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ନାମାଙ୍କନପତ୍ର ଦାଖଲ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନ୍, ପୂର୍ବତନ ମନ୍ତ୍ରୀ ଅନଙ୍ଗଉଦୟ ସିଂହଦେଓଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଗତ ୩୦ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳି ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ଆସନ୍ତା ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ଏହି ଆସନ ପାଇଁ ମତଦାନ ହେବାକୁ ଥିବାବେଳେ ଷଷ୍ଠଥର ପାଇଁ ନବୀନ ଏହି ଆସନରୁ ନିର୍ବାଚନ ଲଢୁଛନ୍ତି। ଜିଲ୍ଲା ସଦର ମହକୁମା ଛତ୍ରପୁର ଆସି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନପତ୍ର ଦାଖଲ ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



# ଡବଲ ଇଞ୍ଜିନକୁ ଟାର୍ଗେଟ କଲେ ବିଜେଡ଼ିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ

ବଲାଙ୍ଗୀର, ୨।୫ : ନ୍ୟୁଜ୍ ବ୍ୟୁରୋ

ଡବଲ ଇଞ୍ଜିନକୁ ଟାର୍ଗେଟ କଲେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ। ନିର୍ବାଚନ ଜିତିବାକୁ ମିଛ କହି ଅପପ୍ରଚାର କରୁଛନ୍ତି । ଗତ ଜିଲ୍ଲା ପରିଷଦ ନିର୍ବାଚନରେ ବି ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଅପପ୍ରଚାର କରିଥିଲେ। ରାଜ୍ୟବାସୀ ତା'ର ଜବାବ ଦେଲେ। ସମସ୍ତ ୩୦ ଜିଲ୍ଲା ପରିଷଦ ଆସନ ଦଖଲ କଲା ବିଜେଡ଼ି। ବିଜେଡି ପ୍ରତି ବଢୁଥିବା ଜନସମର୍ଥନ, ବିରୋଧୀଙ୍କ ଆତ୍ମବିଶ୍ୱାସ ଭାଙ୍ଗିଦେଉଛି । ୧୨୦ ବିଧାନସଭା ଓ ୧୬ ଲୋକସଭା ଆସନରୁ ଜିତିବାକୁ ଦାବି କରୁଛନ୍ତି ଡବଲ ଇଞ୍ଜିନ ଦଳ। ହେଲେ ସେମାନଙ୍କ ପାଖରେ ପ୍ରାର୍ଥୀ ନାହାଁନ୍ତି । ବିଜେଡି ପ୍ରାର୍ଥୀ ତାଲିକା ପ୍ରକାଶକୁ ଅପେକ୍ଷା କରୁଛନ୍ତି ବିରୋଧୀ। ବାଲିଗୁଡାରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଅବସରରେ ଡବଲ ଇଞ୍ଜିନ ଦଳର ମିଛ ଘୋଷଣାର ପୋଲ ଖୋଲିଛନ୍ତି କାର୍ତ୍ତିକ ପାଣ୍ଡିଆନ।

କନ୍ଧମାଳ ଲୋକସଭା ଆସନ ଅନ୍ତର୍ଗତ ବାଲିଗୁଡା, ଜି.ଉଦୟଗିରିଓ ଦଶପଲ୍ଲାରେ ଶ୍ରୀ ପାଣ୍ଡିଆନ ଗୁରୁବାର ଦଳୀୟ ପ୍ରାର୍ଥୀଙ୍କ ପାଇଁ ମରାଥନ ପ୍ରଚାର କରିଛନ୍ତି। ବାଲିଗୁଡା ଠାରେ ଆୟୋଜିତ ଜନସମାବେଶରେ ଶ୍ରୀ ପାଣ୍ଡିଆନ୍ କହିଛନ୍ତି, ପ୍ରତିବର୍ଷ ଦୁଇ କୋଟି ନିଯୁକ୍ତି ଘୋଷଣାକୁ ଭୁଲିଗଲେ ଡବଲ ଇଞ୍ଜିନ ସରକାର। ପେଟ୍ରୋଲ ଦର କମାଇବୁ, ଡିଜେଲ ଦର କମାଇବୁ, ଗ୍ୟାସ ଦର କମାଇବାକୁ ଘୋଷଣା କରିଥିଲେ। ସରକାର ଆସିବା ପରେ ସେ ଘୋଷଣା ଭୁଲିଗଲେ। ନବୀନ ଇଞ୍ଜିନ କିନ୍ତୁ ଲୋକଙ୍କ ସବୁ ସମସ୍ୟାର ସମାଧାନର ଗ୍ୟାରେଣ୍ଟି ଦେବା ସହ ଲୋକଙ୍କୁ ସବୁ କାମର ହିସାବ ଦେଉଛି । ଡବଲ ଇଞ୍ଜିନ ପାଖରେ ହିସାବ ଦେବାକୁ ଦମ ନାହିଁ । ହେଲେ ନବୀନ ଇଞ୍ଜିନ ସବୁ କାମର ହିସାବ ଦେବାକୁ ଦମ ରଖିଛି।

ଆଦିବାସୀଙ୍କ ପରିଚୟ ହେଉଛି ସେମାନଙ୍କ ଭାଷା, କଳା, ସଂସ୍କୃତି ଓ ପୂଜାସ୍ଥଳୀ। ଛତିଶଗଡରେ ଡବଲ ଇଞ୍ଜିନ ସରକାର ଏବଂ ଝାରଖଣ୍ଡରେ ବି ଡବଲ ଇଞ୍ଜିନ ସରକାର ଥିଲା। ସେମାନେ କିନ୍ତୁ ଆଦିବାସୀଙ୍କ ଭାଷା, କଳା ଓ ସଂସ୍କୃତିର ସୁରକ୍ଷା ପାଇଁ କିଛି କଲେନି। ମୁଖ୍ୟମନ୍ତ୍ରୀ କିନ୍ତୁ ଓଡ଼ିଶାର ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ କରିଛନ୍ତି । ଗତ ବର୍ଷକ ମଧ୍ୟରେ ସ୍ୱତନ୍ତ୍ର ବିକାଶ ପରିଷଦ ଜରିଆରେ ବାଲିଗୁଡା ବିଧାନସଭା କ୍ଷେତ୍ରରେ ୧୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ସୁବିଧା ଯୋଗାଇଦେବାକୁ ଆଦିବାସୀ ହଷ୍ଟେଲ ସହ ଇଂରାଜୀ *(ପୃଷ୍ଠା ୭ରେ)*



# ୪୫ ଡିଗ୍ରୀ ସହ ବଲାଙ୍ଗୀର ସବୁଠୁ ଉତ୍ତପ୍ତ ସହର

ଭୁବନେଶ୍ୱର, ୨।୫
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ୪୫ଡ଼ିଗ୍ରୀ ସହ ବଲାଙ୍ଗୀର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ରାଜ୍ୟର ୨୯ସହରରେ ଗୁରୁବାର ୪୦ଡ଼ିଗ୍ରୀ କିମ୍ବା ଅଧିକ ଦିନ ତାପମାତ୍ରା ରେକର୍ଡ ହୋଇଛି । ୪୩ ଡିଗ୍ରୀ ଉପରେ ୮ ସହରର ତାପମାତ୍ରା ରେକର୍ଡ ହୋଇଛି ।ଭୁବନେଶ୍ୱର ଓ କଟକରେ ମଧ ତାପମାତ୍ରା ହ୍ରାସ ପାଇଛି । ରାଜ୍ୟରେ ଅନେକ ସ୍ଥାନରେ ଦିନ ତାପମାତ୍ରାରେ ୩ ରୁ ୪ ଡ଼ିଗ୍ରୀ ଯାଏଁ ହ୍ରାସ ଘଟିବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। *(ପୃଷ୍ଠା ୭ରେ)*






# ମୁଁ ନବୀନ ପଟ୍ଟନାୟକଙ୍କ ମହାନ ମୂଲ୍ୟବୋଧର ଉତ୍ତରାଧିକାରୀ: କାର୍ତ୍ତିକ ପାଣ୍ଡିଆନ

ଭୁବନେଶ୍ୱର, ୨।୫
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ଉଷ୍ମ ରାଜନୈତିକ ପରିବେଶ ପରିସ୍ଥିତି ମଧ୍ୟରେ ବଡ଼ ବୟାନ ଦେଇଛନ୍ତି ବିଜେଡି ନେତା ତଥା ୫-ଟି ଅଧକ୍ଷ ଏବଂ ନବୀନ ଓଡ଼ିଶା ଚେୟାରମ୍ୟାନ କାର୍ତ୍ତିକ ପାଣ୍ଡିଆନ। ଗୁରୁବାର ଖବର ସରବରାହ ସଂସ୍ଥାକୁ ଏକ ସାକ୍ଷାତକାର ଦେଇ ପାଣ୍ଡିଆନ କହିଛନ୍ତି ଯେ, ସେ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ମହାନ ମୂଲ୍ୟବୋଧର ଜଣେ ପ୍ରାକୃତିକ ଉତ୍ତରାଧିକାରୀ ଏବଂ ସେ *(ପୃଷ୍ଠା ୭ରେ)*




# ଅନ୍ତିମ ପର୍ଯ୍ୟାୟ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା ବିଜେଡ଼ି

ଭୁବନେଶ୍ୱର, ୨।୫
ନ୍ୟୁଜ୍ ବ୍ୟୁରୋ

ବିଜେଡ଼ିର ବହୁ ପ୍ରତିକ୍ଷୀତ ଅବଶିଷ୍ଟ ୩ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି । କୋରେଇ, ଖଣ୍ଡପଡ଼ା ଏବଂ ନୀଳଗିରି ଆସନରୁ ବିଧାନସଭା ପ୍ରାର୍ଥୀ ଘୋଷଣା କରାଯାଇଛି। ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଗୁରୁବାର ଏହି ଘୋଷଣା କରିଛନ୍ତି। କୋରେଇ ବିଧାନସଭା ଆସନରୁ ସନ୍ଧ୍ୟାରାଣୀ *(ପୃଷ୍ଠା ୭ରେ)*




# ସାମରିକ ବେସ୍‌ରୁ ୧୦୦୦ରୁ ଅଧିକ ଗୁଳି ସହ ୩୭ କ୍ଷେପଣାସ୍ତ୍ର ଚୋରି

ବାଗୋଟା, ୨।୫

ଦକ୍ଷିଣ ଆମେରିକାର କଲମ୍ବିଆରେ ଚୋରି ମାମଲା ସାମ୍ନାକୁ ଆସିଛି। ଏନେଇ ସରକାରଙ୍କ ଚିନ୍ତା ବଢ଼ିବାରେ ଲାଗିଛି । ଦେଶର ଦୁଇଟି ସାମରିକ ବେସ୍‌ରୁ ହଜାରେରୁ ଅଧିକ ସେଲ ଏବଂ ୩୭ଟି କ୍ଷେପଣାସ୍ତ୍ର ଚୋରି ହୋଇଛି । କଲମ୍ବିଆର ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ କହିଛନ୍ତି ଦେଶର ଦୁଇଟି ସାମରିକ ବେସ୍‌ରୁ ହଜାରରେ ଅଧିକ ଗ୍ରେନେଡ ଏବଂ ଗୁଳି ଚୋରି ହୋଇଛି।

ପେଟ୍ରୋ ଏକ ସଂକ୍ଷିପ୍ତ ବିବୃତ୍ତିରେ କହିଛନ୍ତି ସୈନ୍ୟବାହିନୀ ଚଳିତ ମାସରେ ଯାଞ୍ଚ କରିଥିଲେ ଏବଂ ସାମରିକ ଘରୁ ହଜାର ହଜାର ଗୁଳି ଏବଂ ୩୭ଟି ଆଣ୍ଟି-ଆର୍ଟିଲିରି କ୍ଷେପଣାସ୍ତ୍ର ଚୋରି ହୋଇଥିବା ଜଣାପଡିଛି।

ଏହି ସାମରିକ ବେସ ମଧ୍ୟରୁ ଗୋଟିଏ ଦେଶର ମଧ ଭାଗରେ *(ପୃଷ୍ଠା ୭ରେ)*



# ୬ ଆସନରେ ପ୍ରାର୍ଥୀ ଦେଲା ବିଜେପି

ଭୁବନେଶ୍ୱର, ୨।୫
ନ୍ୟୁଜ୍ ବ୍ୟୁରୋ

ଭାରତୀୟ ଜନତା ପାର୍ଟି (ବିଜେପି) ଗୁରୁବାର ୬ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟିର ସାଧାରଣ ସଂପାଦକ ଅରୁଣ ସିଂହ ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି, କେନ୍ଦୁଝର ଜିଲ୍ଲା ଘସିପୁରାରେ ବିଜେପି ଶମ୍ଭୁନାଥ ରାଉତଙ୍କୁ ପ୍ରାର୍ଥୀ କରିଛି। ସେହିପରି ବାଲେଶ୍ୱର ଜିଲ୍ଲା ଭୋଗରାଇରେ ଆଶିଷ ପାତ୍ର, ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀରେ ସୁଧାଂଶୁ ନାୟକ, ଯାଜପୁର ଜିଲ୍ଲା ବରୀରେ ଉମେଶ ଜେନା, ବାରବାଟୀ-କଟକରେ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଖୋର୍ଦ୍ଧା ଜିଲ୍ଲା ବେଗୁନିଆରେ ପ୍ରକାଶ ରଣ ବିଜୁଲିଙ୍କୁ ବିଜେପି ଟିକେଟ ମିଳିଛି । ତେବେ ବିଜେପି ଏପର୍ଯ୍ୟନ୍ତ ୧୪୬ଟି ଆସନରେ ପ୍ରାର୍ଥୀ ଘୋଷଣା ସାରିଥିବା ବେଳେ ନୀଳଗିରି ଆସନ ପାଇଁ ଏପର୍ଯ୍ୟନ୍ତ କାହାରିକୁ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ।

# ପଥର ଖଣିରେ ଭୟଙ୍କର ବିସ୍ଫୋରଣ, ଚାଲିଗଲା ୪ ଜୀବନ

ଭୀରୁଧୁନଗର, ୨।୫

ତାମିଲନାଡୁର ଭୀରୁଧୁନଗର ଜିଲ୍ଲାର ଏକ ପଥର ଖଣିରେ ଭୟଙ୍କର ବିସ୍ଫୋରଣ ଘଟିଛି । ଏଥିରେ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୧୦ ଜଣ ଗୁରୁତର ହୋଇଛନ୍ତି। ଖାଦାନାରେ ନିୟୋଜିତ ଶ୍ରମିକମାନେ ଗୋଟିଏ ଗାଡ଼ିରୁ ବିସ୍ଫୋରକ ସାମଗ୍ରୀ ପଥର ଖଣିର ଭଣ୍ଡାର ଘରକୁ ବୋହି ନେଉଥିବା ବେଳେ ଏହି ବିସ୍ଫୋରଣ ଘଟିଛି।



ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଏହାର ପ୍ରଭାବ ଖଣି ଖାଦାନ ଠାରୁ ୧୦ କିମି ଦୂର ଯାଏ ଅନୁଭୂତ ହୋଇଥିଲା। ବିସ୍ଫୋରଣ ଶବ୍ଦ ଶୁଣି ୧୦ କିମି ପରିଧି ମଧ୍ୟରେ ଥିବା ଲୋକମାନେ ଭୟରେ ଘର ଛାଡ଼ି ବାହାରକୁ ଦୌଡ଼ିଥିଲେ। ଖବର ପାଇ ତୁରନ୍ତ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେହିପରି ଉକ୍ତ ପଥର ଖଣିକୁ ତୁରନ୍ତ ବନ୍ଦ କରିବାକୁ ଗ୍ରାମବାସୀମାନେ ମଦୁରାଇ-ତୁତିକୋରନ ଜାତୀୟ ରାଜପଥ ଉପରେ ରାସ୍ତାକୁ ଅବରୋଧ କରିଥିଲେ।

ପ୍ରାୟ ୬ ଘଣ୍ଟାରୁ ଅଧିକ *(ପୃଷ୍ଠା ୭ରେ)*

## ଏକାଳ ସେକାଳ



ପିଲାଛୁଆ ଧରି ମଇଦାନରେ
ନେତାଗୁଡା ସାଲୁବାଲୁ
ଆଗାମୀ ପିଢ଼ିକୁ ବାଟଦେଖାନ୍ତି
ହେଉଥାନ୍ତି କୁଲୁକୁଲୁ
ହେ ବିଧାତା ଏକି କଲୁ
ବଣ ସାରୁ କିବା କାମ କରିଥିଲେ
ଆହୁରି ଓଲୁଅ ଦେଲୁ।

# ନିର୍ବାଚନ ମଇଦାନରେ ମହିଳାଙ୍କୁ ସୁଯୋଗ ଦେବାରେ ବିଜେଡ଼ି ଆଗରେ

ଭୁବନେଶ୍ୱର, ୨।୫
ନ୍ୟୁଜ୍ ବ୍ୟୁରୋ

ମହିଳା ସଶକ୍ତିକରଣ କଥା କେବଳ ଏକ ସ୍ଲୋଗାନ ନୁହେଁ। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାସ୍ତବରେ ତାହା କାର୍ଯ୍ୟକାରୀ କରିଦେଖାଇଛନ୍ତି । ୨୦୨୪ ନିର୍ବାଚନରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ୨୦୧୯ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଅଭିଯାନ ଆରମ୍ଭ କରିଥିଲେ। ସେହି ନିର୍ବାଚନରେ ଓଡ଼ିଶାରୁ ୭ଜଣ ମହିଳାଙ୍କୁ ଲୋକସଭା ପାଇଁ ପ୍ରାର୍ଥୀ କରିବା ସହ ସେମାନଙ୍କୁ ଜିତାଇ ଲୋକସଭାକୁ ପଠାଇଥିଲେ। ଏଥର ୨୦୨୪ ନିର୍ବାଚନରେ ମଧ ଅନୁରୂପ ଭାବେ ୭ଜଣ ମହିଳାଙ୍କୁ ଲୋକସଭା ନିର୍ବାଚନ ଲଢିବା ପାଇଁ ସୁଯୋଗ ଦେଇଛନ୍ତି। ସେହିପରି ଭାବେ ମହିଳାଙ୍କୁ ନିର୍ବାଚନରେ ପ୍ରାର୍ଥୀ ଭାବେ ଲଢାଇ ବିଧାନସଭାରେ ପ୍ରତିନିଧିତ୍ୱ କରିବା ପାଇଁ ସୁଯୋଗ ଦେବାରେ ମଧ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ୟ ଦଳ ଅପେକ୍ଷା ଆଗରେ ରହିଛନ୍ତି। ଏହି ନିର୍ବାଚନରେ ବିଜେଡ଼ି ଏକାକୀ ୧୪୭ ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୩୫ଟି ଆସନରେ ମହିଳାଙ୍କୁ ପ୍ରାର୍ଥୀ କରି ଏହାର ପ୍ରମାଣ ଦେଇଛି। ୨୦୧୯ ନିର୍ବାଚନରେ ପ୍ରମିଳା ମଲ୍ଲିକ, ଟୁକୁନି ସାହୁ, ବର୍ଷାସିଂ ବରିହା, ଦିପାଳୀ ଦାସ, ଲତିକା ପ୍ରଧାନ, ରୀତା ସାହୁ, ସ୍ନେହାଙ୍ଗିନୀ ଛୁରିଆ, ପଦ୍ମିନୀ ଦିଆନ, ସୁନନ୍ଦା ଦାସ, ମିନାକ୍ଷୀ ମହନ୍ତ, ସାବିତ୍ରୀ ଅଗ୍ରୱାଲ ଓ ଉଷା ଦେବୀ ପ୍ରମୁଖ ୧୩ଜଣ ବିଜୟ ଲାଭ କରି ବିଧାନସଭାରେ ପ୍ରତିନିଧିତ୍ୱ କରିଥିଲେ। ତେବେ ଏଥର ୨୪ ନିର୍ବାଚନରେ ଏମାନଙ୍କ ମଧ୍ୟରୁ ପଦ୍ମିନୀ ଦିଆନ, ସୁନନ୍ଦା ଦାସ, ମିନାକ୍ଷୀ ମହନ୍ତ, ସାବିତ୍ରୀ ଅଗ୍ରୱାଲ ଓ ଉଷା ଦେବୀଙ୍କୁ ନିର୍ବାଚନ ଲଢିବାକୁ ସୁଯୋଗ ଦିଆଯାଇ ନାହିଁ। ଅର୍ଥାତ୍ ସେମାନଙ୍କର ଟିକେଟ୍ କାଟି ଦିଆଯାଇଛି। ସେମାନଙ୍କ ସ୍ଥାନରେ ନୂଆ ମୁହଁକୁ ସୁଯୋଗ ଦିଆଯାଇଛି।

ଅନ୍ୟପକ୍ଷରେ ବିଜେପିରୁ ମାତ୍ର ଦୁଇ ଜଣ ମହିଳା ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଏବଂ ଅପରାଜିତା ପ୍ରିୟଦର୍ଶିନୀ ଯଥାକ୍ରମେ ଭୁବନେଶ୍ୱର ଓ ଆସ୍କା ଲୋକସଭା ଆସନରୁ ନିର୍ବାଚନ ଲଢୁଥିବା ବେଳେ କଂଗ୍ରେସରୁ ମାତ୍ର ଜଣେ ମହିଳା ପ୍ରାର୍ଥୀ ସ୍ମିତା ରାଣୀ ବେହେରା ଢେଙ୍କାନାଳ ଲୋକସଭା ଆସନରୁ ନିର୍ବାଚନ ଲଢୁଛନ୍ତି। ତେବେ ବିଜେଡ଼ିର ଅନ୍ତିମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ପରେ ଚୂଡାନ୍ତ ଭାବେ ମଇଦାନରେ ସମୁଦାୟ ୩୫ଜଣ ମହିଳା ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିବା ଜଣାପଡିଛି।

# ଏକ ତୃତୀୟାଂଶ ମହିଳା ସଂରକ୍ଷଣ ଲାଗୁ କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨।୫

ମହିଳା ସଶକ୍ତିକରଣ ଦିଗରେ ସୁପ୍ରିମକୋର୍ଟଙ୍କ ବଡ଼ ପଦକ୍ଷେପ। ବାର ଆସୋସିଏସନର ଏକ ତୃତୀୟାଂଶ ମହିଳା ସଂରକ୍ଷଣ ଲାଗୁ କରିବାକୁ ଦେଲେ ନିର୍ଦ୍ଦେଶ। ମେ' ୧୬ ରେ ହେବାକୁ ଥିବା ସୁପ୍ରିମକୋର୍ଟର ବାର ଆସୋସିଏସନ ନିର୍ବାଚନର ଠିକ ପୂର୍ବରୁ ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ଆସିଛି।

ସୁପ୍ରିମକୋର୍ଟର ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ କେବି ବିଶ୍ୱନାଥନଙ୍କ ଖଣ୍ଡପୀଠ ବିଡି କୌଶିକଙ୍କ ମାମଲାରେ ଦିଆଯାଇଥିବା ପୁରୁଣା ରାୟକୁ ସ୍ପଷ୍ଟ କରିବାକୁ ଯାଇ ଏହି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ସୁପ୍ରିମକୋର୍ଟ ବାର ଆସୋସିଏସନର କୋଷାଧକ୍ଷ ପଦକୁ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯିବ।



ବର୍ତ୍ତମାନ ଅଧିକାରୀଙ୍କ ମଧ୍ୟରେ ପଦାଧିକାରୀ ଅଧକ୍ଷ, ସଚିବ ଏବଂ କୋଷାଧକ୍ଷ ପଦ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ। ସୁପ୍ରିମକୋର୍ଟ ବାର ଆସୋସିଏସନରେ ସିନିୟର ଆଡଭୋକେଟଙ୍କ ପାଇଁ *(ପୃଷ୍ଠା ୭ରେ)*





# ବଢୁଛି ତାତି:ଦାଉ ଦାଉ ଜଳୁଛି ଇଟାଭାଟି



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ଗତ କିଛି ଦିନ ହେଲା ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ୪୧ଟି ଗ୍ରାମପଞ୍ଚାୟତରେ ଅହେତୁକ ଭାବେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ପ୍ରଚଣ୍ଡ ରୌଦ୍ରତାପ ଓ ଡହଡହ ତାତି ସାଙ୍ଗକୁ ଝାଞ୍ଜି ପବନ ତୁହାକୁ ତୁହା ବହୁଛି। ଲୋକେ ତ୍ରାହି ତ୍ରାହି ଡାକ ଦେଉଛନ୍ତି। ଏପରିସ୍ଥଳେ ସମଗ୍ର ବ୍ଲକ ଅଞ୍ଚଳରେ ପ୍ରଶାସନର ଜ୍ଞାତସାରରେ ମାଫିଆମାନେ ଇଟା ଭାଟି ପୋଡୁଥିବାର ଦେଖିବାକୁ ମିଳିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର, ନେମାଳ, କଟିକଟା, ଅସୁରେଶ୍ୱର, ସୁକରପଡା, କେନ୍ଦୁପାଟଣା, ବରାଦୋ, ନଟକାଇ, ପାଳଦା, ବାବୁଜଙ୍ଗ ପ୍ରଭୃତି ବହୁ ପଞ୍ଚାୟତରେ ଅବାଧରେ ଇଟାଭାଟି ପଡୁଥିବାର ଦେଖିବାକୁ ମିଳିଛି। ଇଟା ମାଫିଆମାନେ ପ୍ରଶାସନକୁ ହାତ ବାରିସି କରି ସ୍ଥାନୀୟ ବିଭିନ୍ନ ଗୋଚର ଜମି, ନଦୀପଠା ମାନଙ୍କରୁ ଜେସିବି ମେସିନ୍ ସାହାଯ୍ୟରେ ମାଟି ଖନନ କରୁଛନ୍ତି। ଏହି ମାଟିକୁ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ଆଣି ଇଟା ପକାଉଥିବାର ଦେଖିବାକୁ ମିଳିଛି। ଏପରିକି ଏହି ଇଟାଭାଟି ମାନଙ୍କରେ ସରକାରଙ୍କ ସମସ୍ତ ଶ୍ରମ ଆଇନକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଥିବାର ଦେଖିବାକୁ ମିଳିଛି। ସରକାରଙ୍କ ତରଫରୁ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କୌଣସି ଶ୍ରମିକ କାମ କରିପାରିବେନାହିଁ ବୋଲି ନିର୍ଦ୍ଦେଶନାମା ଥିଲା ବେଳେ ଇଟା ମାଫିଆ ମାନେ ସରକାରଙ୍କ ଏହି ନିର୍ଦ୍ଦେଶକୁ ଫୁ କରି ଉଡାଇ ଦେଉଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଇଟାଭାଟି ମାନଙ୍କରେ ଶିଶୁ ଶ୍ରମିକମାନେ ମଧ୍ୟ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଛି। ତେବେ ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ୪୨ ଡିଗ୍ରୀରୁ ଉର୍ଦ୍ଧ୍ୱ ହୋଇଥିଲା ବେଳେ ଇଟା ମାଫିଆମାନେ ବେପରୁଆ ଭାବେ ଇଟାଭାଟି ପୋଡୁଥିବା ଯୋଗୁ ପରିସ୍ଥିତି ଅଧିକ ଜଟିଳ ହୋଇପଡିଛି। ଇଟାଭାଟିର ତାଉ ଓ ଧୂଆଁରେ ସ୍ଥାନୀୟ ଅଞ୍ଚଳର ପରିବେଶ ଦୂଷିତ ହେଉଥିବାର ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳର ରାଜସ୍ୱ ନିରୀକ୍ଷକମାନେ ଇଟା ମାଫିଆଙ୍କ ସହ ଅସାଧୁ ମେଣ୍ଟ କରି ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବାର ଅଭିଯୋଗ ହୋଇଛି। ରାଜସ୍ୱ ନିରୀକ୍ଷକଙ୍କ ସହ ଇଟା ମାଫିଆଙ୍କର ଭିତିରି ସମ୍ପର୍କ ଥିବା କାରଣରୁ ଏ ଦିଗରେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି। ତେବେ ଏହି ବ୍ଲକଟି କିଶନନଗର ଓ ନିଶ୍ଚିନ୍ତକୋଇଲି ତହସିଲର ଦୈତ୍ୟ ଶାସନରେ ରହିଥିବାରୁ ଏଦିଗରେ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସେପଟେ ପ୍ରଶାସନର ଲଗାମ ଢିଲା କାରଣରୁ ଇଟା ମାଫିଆମାନେ ବେଫିକର ଭାବେ ଇଟା ପକାଇ ଚାଲିଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଇଟା ମାଫିଆଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

# ବେଆଇନ୍ ବାଲିଘାଟ ବୁଲି ଦେଖିଲେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼



**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ତହସିଲ ଅଧିନ ଆନନ୍ଦପୁର ପଞ୍ଚାୟତର ଉଡେଇପୁର-୨ ବାଲିଘାଟରୁ ବେଆଇନ୍ ଭାବେ ବାଲି ଉଠାଣ ନେଇ ଜାତୀୟ ସବୁଜ ପ୍ରାଧିକରଣ-ଏନଜିଟିର ନିର୍ଦ୍ଦେଶ ଅନୁସାରେ ମଙ୍ଗଳବାର ତଦନ୍ତ କରାଯାଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷଙ୍କ ବରିଷ୍ଠ ବୈଜ୍ଞାନିକ ଏବଂ ଧାମନଗର ତହସିଲଦାର ଦୀପକ ଦାସ ମଙ୍ଗଳବାର ଅପରାହ୍ଣରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତ। ତଦନ୍ତକାରୀ ଟିମ୍ ଉଡେଇପୁର ମଲ୍ଲିମାହାରାରେ ପହଞ୍ଚିଥିଲେ। ମାତ୍ର ୫ ମିନିଟ୍ ବୁଲି ଦେଖି ସାଙ୍ଗେ ସାଙ୍ଗେ ଫେରି ଆସିଥିଲେ। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ଅନୁସାରେ ସବୁ ଅଫିସରମାନେ ଆସିଲେ ଗାଡ଼ିରୁ ଓହ୍ଲାଇ ନଦୀକୂଳକୁ ଯାଇଥିଲେ। ସେଠାରୁ ସାଙ୍ଗେ ସାଙ୍ଗେ ଫେରିଗଲେ। ଏନେଇ ଧାମନଗର ତହସିଲଦାର ଦୀପକ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏକ ତଦନ୍ତକାରୀ ଟିମ୍ ଆସୁଥିବା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆମକୁ ସୂଚନା ଆସିଥିଲା। ସେମାନଙ୍କୁ ସହଯୋଗ କରିବା ଲାଗି କୁହାଯାଇଥିଲା ଏଣୁ ଆମ କାର୍ଯ୍ୟାଳୟର ରେଭିନ୍ୟୁ ସୁପରଭାଇଜର, ସୋଧ ଆରଆଇଙ୍କ ସହ ମୁଁ ଘଟଣାସ୍ଥଳକୁ ଯାଇଥିଲି। ବାଲିଘାଟ ଚିହ୍ନାଇଦେଲୁ। ସେମାନେ ତଦନ୍ତ କରି ଫେରିବା ପରେ ସୌଜନ୍ୟତା ଦୃଷ୍ଟିରୁ ମୋ ଅଫିସରେ ସେମାନଙ୍କୁ ଥଣ୍ଡା ପିଆଇଥିଲି ହେଲେ ସେମାନେ କଣ ତଦନ୍ତ କଲେ, ସେ ବାବଦରେ ଆମ ସହ କୌଣସି ଆଲୋଚନା କରିନାହାନ୍ତି। ଥଣ୍ଡା ପିଇ ସାରିବା ପରେ ସେମାନେ ଭୁବନେଶ୍ୱର ଫେରି ଯାଇଛନ୍ତି। ଉଡେଇପୁର-୨ ବାଲିଘାଟଟି ବେଆଇନ୍ ଭାବେ ଚାଲୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଥିଲେ। ଏପରିକି ଏହାକୁ ନେଇ ୨୦୨୨ ଏପ୍ରିଲ ମାସରେ ଗଣ୍ଡଗୋଳ ହୋଇଥିଲା। ପରେ ଥାନାରେ ମାମଲା ରୁଜୁ ହୋଇଥିଲା। ହେଲେ ଧାମନଗର ତହସିଲଦାର କିମ୍ବା ଜିଲ୍ଲାପାଳ ଏନେଇ କୌଣସି ପଦକ୍ଷେପ ନେଇନଥିଲେ ବୋଲି ସ୍ଥାନୀୟ ଲୋକେ କହନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଉଡେଇପୁର-୨ ବାଲିଘାଟଟି ୨୦୧୭ରେ ନିଲାମ ଡକାଯାଇଥିଲା। ସେହି ବର୍ଷ ଡିସେମ୍ବରରେ ନିଲାମ ପାଇଥିଲେ। ସ୍ଥାନୀୟ ବ୍ୟକ୍ତି ଶରତ ଚନ୍ଦ୍ର ମାଝି ଏହାପରେ ପରେ ସେ ଘାଟରୁ ବାଲି ଉଠାଇଥିଲେ। ହେଲେ ଚଞ୍ଚକତା କରି ପରିବେଶ ଅନୁମତି ବାହାନାରେ ବାଲି ଉଠାଇବା ଲାଗି ଶରତଙ୍କ ସହ ଧାମନଗର ତହସିଲର ତତ୍କାଳୀନ ଅତିରିକ୍ତ ତହସିଲଦାର ଲଗ୍ନଜିତ ବେହେରା ୨୦୧୯ ଡିସେମ୍ବରରେ ରାଜିନାମା ସ୍ୱାକ୍ଷର କରିଥିଲେ। ଏଣୁ ଶରତଙ୍କ ପାଇଁ ବାଲିଘାଟ ନିଲାମର ଅବଧି ୨ ବର୍ଷ ବଢ଼ି ଯାଇଥିଲା। ଅର୍ଥାତ ସେ ୨୦୨୪ ଡିସେମ୍ବର ଯାଏ ବାଲି ଉଠାଇବାକୁ ଯୋଗ୍ୟ ହୋଇଥିଲେ। ହେଲେ ବାଲିଘାଟରୁ ବାଲି ଉତ୍ତୋଳନ ପାଇଁ ପରିବେଶ ନିୟନ୍ତ୍ରଣ ବିଭାଗ ପକ୍ଷରୁ ସେ ଯେଉଁ ସିଟିଓ ଆଣିଥିଲେ, ତାହାର ଅବଧି ୨୦୨୨ ମାର୍ଚ୍ଚ ୩୧ରେ ଶେଷ ହୋଇଥିଲା। ନିୟମ ଅନୁସାରେ ସିଟିଓ ଅବଧି ସରିବା ପରେ ସେ ଆଉ ବାଲି ଉଠାଇବା କଥା ନୁହଁ। ହେଲେ ଶରତ ଏ ଘାଟରୁ ସିଟିଓ ଅବଧି ସମାପ୍ତ ପରେ ବି ବାଲି ଉଠାଇଥିଲେ। ଏହିଭଳି ପ୍ରମାଣକୁ ଭିତ୍ତି କରି ସ୍ଥାନୀୟ ବାସିନ୍ଦା ଏନଜିଟିରେ ମାମଲା କରିଥିଲେ। ମାର୍ଚ୍ଚ ୨୦ରେ ମାମଲାର ଶୁଣାଣି କରି ଅଭିଯୋଗର ତଦନ୍ତ ପାଇଁ ଏକ ଟିମ୍ ଗଠନ କରିଥିଲେ। ଏହାସହ ମାସକ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ବିଜେଡ଼ିର ବନ୍ଧୁ ମିଳନ ଓ କର୍ମୀ ସମାବେଶ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ କାକଟ ମଣ୍ଡପ ଠାରେ କେନ୍ଦ୍ରାପଡା ବ୍ଲକର ବିଜୁ ଜନତା ଦଳ ତରଫରୁ ବନ୍ଧୁ ମିଳନ ଓ କର୍ମୀ ସମାମେଶ ଜିଲ୍ଲା ସଭାପତି ଧିରେନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଆଲୋକ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କେନ୍ଦ୍ରାପଡା ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭୋଳ, ପ୍ରଦିପ୍ତ ମହାନ୍ତି, ଦୁର୍ଗାଶିଷ ମହାନ୍ତି, ଯୁବ ନେତା ରାଜେଶ ଦାସ ପ୍ରମୁଖଙ୍କ ସମେତ କେନ୍ଦ୍ରାପଡା ବ୍ଲକର ଓସ୍ତପୁର, କଂସାର, ପୁରୁଷୋତ୍ତମପୁର, ଆୟବା ପ୍ରଭୃତି ପଞ୍ଚାୟତର ଶହ ଶହ କର୍ମୀ ଓ ନେତା ଉପସ୍ଥିତ ରହି ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ବିଜୁ ଜନତାଦଳର ବିଧାନ ସଭା ଓ ଲୋକସଭା ପ୍ରାର୍ଥୀଙ୍କୁ ବହୁ ଭୋଟ ବ୍ୟବଧାନରେ ଜିତାଇବା ପାଇଁ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଆହ୍ୱାନ ଦେଇଥିଲେ। ବିଜେଡିକୁ ଜିତାଇ ଆଣିବା ସଙ୍ଗେ ସଙ୍ଗେ ଭାରତର ଲୋକପ୍ରିୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ଗାଦିସୀନ କରିବାକୁ ଉପସ୍ଥିତ ଥିବା କର୍ମୀ ଓ ନେତାଙ୍କୁ ଅନୁରୋଧ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂପାଦକ ରିତ କୁମାର ସାହୁ, ଜିଲ୍ଲା ସଂଯୋଜକ ହିରଣ୍ୟ କୁମାର ପଣ୍ଡା, ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତ, ଆୟବା ସରପଞ୍ଚ କାଦମ୍ବିନୀ ବିଶ୍ୱାଳ, କଂସାର ସରପଞ୍ଚ ସରୋଜିନୀ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମାନସ ପରିଡା, ଜିଲ୍ଲା ପରିଷଦ ସଭ୍ୟ ସନନ୍ତ ସେଠୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ସୁରେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଇସୁଆଁରେ ବିଜେପିର ବିରାଟ ମିଶ୍ରଣ ପର୍ବ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ରବିବାର ଦିନ କେନ୍ଦୁଝର ସଦର ବ୍ଲକର ରାଇସୁଆଁ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବିଜେପିର କାର୍ଯ୍ୟକର୍ତ୍ତା ସମ୍ମିଳନୀ ସହିତ ଏକ ବିରାଟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେପିର କେନ୍ଦୁଝର ସାଂସଦ ପ୍ରାର୍ଥୀ ଅନନ୍ତ ନାୟକଙ୍କ ସହିତ କେନ୍ଦୁଝର ସଦର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ ଉପସ୍ଥିତ ରହି ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେବା ସହିତ ମିଶ୍ରଣ ପର୍ବରେ ନବାଗତଙ୍କୁ ସ୍ୱାଗତ କରି ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଥିଲେ। ବିଜେଡିର ମାନସ କୁମାର ରାଉତ, ବନମାଳୀ ଘୋଷ, ଗଣେଶ ବାରିକ, ଚରଣ ବେସ୍ରା, ରମେଶ ମୁଣ୍ଡାଙ୍କ ନେତୃତ୍ୱରେ ରାଇସୁଆଁ, ମହାଦେଇ ଯୋଡା, ବାଉରିପଦା, ଦନାପୁର, ଗୋପୀନାଥପୁର ଓ ବରଦପାଳ ପରି ୬ଟି ପଞ୍ଚାୟତରୁ ଶହ ଶହ ଲୋକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟାଧାରାରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗଦେଇଛନ୍ତି। କେନ୍ଦୁଝର ଜିଲ୍ଲାରେ ବିଜେପି ଦଳର ସମସ୍ତ ବିଧାୟକ ଏବଂ ସାଂସଦ ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍‌ରେ ଜିତାଇବାକୁ ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିବା ନବାଗତ ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଜୁ ଜନତା ଦଳରେ ରହି ସ୍ଥାନୀୟ ଜନସାଧାରଣଙ୍କର ଯେଉଁପରି ଭାବରେ ସେବା କରିବାର ଆଶା ରଖି ନିସ୍ୱାର୍ଥପର ଭାବେ କାର୍ଯ୍ୟ କରିଆସୁଥିଲେ ବାସ୍ତବରେ ଦଳ ଅଞ୍ଚଳବାସୀଙ୍କୁ ଉପେକ୍ଷା କରିବାରୁ ଏହି ବିଜେଡି ଦଳର ସ୍ଥାନୀୟ ନେତାମାନେ ବିଜେପିରେ ମିଶିଥିବା ନେତା ମାନସ କୁମାର ରାଉତ କହିଛନ୍ତି। ପକ୍ଷରୁ ବେରିକେଡିଂ କରି ମିଳିତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ପର୍ଯ୍ୟବେକ୍ଷକ ପ୍ରମୋଦ ପି.ଶାହାକର ବିଭିନ୍ନ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରିତା ଓ ପରିଚାଳନା ଉପରେ ଅଧିକାରୀଙ୍କୁ ପଚାରି ବୁଝିଥିଲେ।



# ବିଜେପି କୃଷକ ମୋର୍ଚ୍ଚାର କୃଷକ ପଞ୍ଚାୟତ ଗଠନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧର ବଘିଆପଡା ଅନ୍ତର୍ଗତ ଗୋଛାପଡା ଗ୍ରାମରେ ବିଜେପି କୃଷକ ମୋର୍ଚ୍ଚା ତରଫରୁ ସଭାପତି ରବୀନ୍ଦ୍ର କୁମାର ଦେଓଙ୍କ ସଭାପତିତ୍ୱରେ କୃଷକ ପଞ୍ଚାୟତ ଗଠନ କରାଯାଇଛି। ଏଥିରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୋଦି ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହା ସଙ୍ଗେ ସଙ୍ଗେ ଦୀର୍ଘ ୨୫ ବର୍ଷ ହେଲା ନବୀନ ସରକାରଙ୍କ ଚାଷୀ ମାରଣ ନୀତି ଯୋଗୁଁ ଓଡ଼ିଶାରେ ଚାଷୀ ଆତ୍ମହତ୍ୟା ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି, ଚାଷୀ ପୁଅ ପେଟ ବିକଳରେ ଦାଦନ ଖଟି ଯାଉଛି। ପାଣି ଅଭାବରୁ ଚାଷ ଜମି ପଡ଼ିଆ ରହୁଚି। ଓଡ଼ିଶାରେ ଏଥର ବିଜେପି ସରକାର ଆସିଲେ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା କରିବ, ୧୮ ବର୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ମାସକୁ ୧୦୦୦ ଟଙ୍କା ଦିଆଯିବ, ଭତ୍ତା ୩ ହଜାର ଟଙ୍କା କରାଯିବ। ରାଜ୍ୟ ଉପ ସଭାପତି ସୂର୍ଯ୍ୟ ମହାପାତ୍ର ଗୁରୁଜୀମୁଣ୍ଡାର ଗମ୍ଭୀରଦରହ ଠାରେ ଏକ ଜଳଭଣ୍ଡାର ନିର୍ମାଣ ପାଇଁ ଗୁରୁତ୍ୱ ଦେଇଥିଲେ ଓ ଚାଷୀଙ୍କୁ ପଦ୍ମଫୁଲରେ ଉଭୟ ଏମ୍‌ଏଲଏ ଓ ଏମ୍‌ପିଙ୍କୁ ଭୋଟ୍ ଦେଇ ବିଜେପି ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବାପାଇଁ ଅନୁରୋଧ କରିଥିଲେ। ଫଳରେ ଜଳ ଭଣ୍ଡାର କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଏହି ସଭାରେ ନୟାଗଡ଼ ଜିଲ୍ଲା ସଭାପତି ଶ୍ରୀନିବାସ ପ୍ରଧାନ, ଆରତ ଧଳ, ବିଶିକେଶନ ପ୍ରଧାନ, ସତ୍ୟାନନ୍ଦ ପ୍ରଧାନ, ସୁଶାନ୍ତ ଧଳ ପ୍ରମୁଖ ଶତାଧିକ ଚାଷୀ ଯୋଗ ଦେଇଥିଲେ।

# ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଛାତ୍ରଛାତ୍ରୀଙ୍କ ଜାତୀୟ ରାଜପଥ ଅବରୋଧ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ ବାମଣ୍ଡା ପଞ୍ଚାୟତ (କଟାତଳ) ସ୍ଥିତ ମଡେଲ୍ ଡିଗ୍ରୀ କଲେଜରେ ଲାଗି ରହିଥିବା ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିରେ ଛାତ୍ରଛାତ୍ରୀମାନେ ଖୋର୍ଦ୍ଧା -ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ କଲେଜ ସମ୍ମୁଖରେ ଅବରୋଧ କରିଥିଲେ। କଲେଜରେ ପାନୀୟ ଜଳ ସଂକଟ, ବାରମ୍ବାର ବିଦ୍ୟୁତ୍ କାଟ୍, ଅଣଛାତ୍ରଙ୍କ ପ୍ରବେଶ ଓ କଲେଜ୍ ସମ୍ମୁଖ ଦେଇ ଯାଇଥିବା ଜାତୀୟ ରାଜପଥ ନମ୍ବର ୫୭ରେ ହମ୍ପସ୍ ନିର୍ମାଣ ଆଦି ପ୍ରସଙ୍ଗରେ ଛାତ୍ରଛାତ୍ରୀମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଅନେକ ଯାନବାହନ ଅଟକି ରହିଥିଲା। ପରେ ବୌଦ୍ଧ ଆଦର୍ଶ ପୋଲିସ ପହଞ୍ଚି କଲେଜ୍ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକ ହଟିଥିଲା ଓ ଜାତୀୟ ରାଜପଥ ସ୍ୱାଭାବିକ ହୋଇଥିଲା।

# ଜିଲ୍ଲା ପ୍ରଭାରୀ ଜ୍ୟୋସ୍ନାରାଣୀଙ୍କ ପ୍ରଚାର ଅଭିଯାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ବିଜେପି ଲୋକସଭା ପ୍ରଭାରୀ ଡ଼ଃ ଜ୍ୟୋସ୍ନାରାଣୀ ଜେନା ନିର୍ବାଚନ ପ୍ରଚାର ଅଭିଯାନକୁ ତୀବ୍ର କରି ଦେଇଛନ୍ତି। ଲୋକସଭା ପ୍ରଭାରୀ ଭାବେ ଦଳ ପକ୍ଷରୁ ଦାୟିତ୍ୱ ମିଳିବା ପରେ ସକ୍ରୀୟ ଭାବେ ବିଭିନ୍ନ ଅଞ୍ଚଳରେ ଭୋଟର ମାନଙ୍କୁ ସାକ୍ଷାତ କରି ବିଜେପି ସପକ୍ଷରେ ପଦ୍ମଫୁଲରେ ଭୋଟ୍ ଦେବାପାଇଁ ଭୋଟର ମାନଙ୍କୁ ପ୍ରଭାବିତ କରୁଥିବା ଦେଖିବାକୁ ମିଳିଛି। ଜିଲ୍ଲା ପରିଷଦର ୮ନଂ ଜୋନ୍‌ର ସଭ୍ୟା ଭାବେ ଦୀର୍ଘଦିନରୁ କାର୍ଯ୍ୟ କରି ହାସଲ କରିଥିବା ଲୋକପ୍ରିୟତାକୁ ପାଥେୟ କରି ଭୋଟର ମାନଙ୍କ ନିକଟରେ ପହଞ୍ଚି କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାରଙ୍କ ଆର୍ଥିକ ବିକାଶ, ରାଷ୍ଟ୍ରୀୟ ଆଇନ୍ ଶୃଙ୍ଖଳା ପରିସ୍ଥିତି, ସଫଳ ବିଦେଶ ନୀତି ତଥା ଦେଶକୁ ବିଶ୍ୱର ୫ମ ଆର୍ଥିକ ଶକ୍ତି ଭାବେ ଠିଆ କରାଇବାରେ ଆନ୍ତରିକ ଉଦ୍ୟମ ତଥା ଜାତୀୟ ସମସ୍ୟା ସମାଧାନରେ ବଳିଷ୍ଠ ପଦକ୍ଷେପ ଯୋଗୁଁ ଆମ ଦେଶ ବିଶ୍ୱର ଏକ ପ୍ରମୁଖ ରାଷ୍ଟ୍ର ଭାବେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଗଉଥିବାରୁ ତାଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ଓ ଦଳର ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ବିଧାୟକ ଭାବେ ଗୀତାଞ୍ଜଳୀ ସେଠୀଙ୍କୁ ପଦ୍ମଫୁଲରେ ଭୋଟ୍ ଦେଇ ନିର୍ବାଚିତ କରେଇବା ପାଇଁ ନିବେଦନ କରୁଛନ୍ତି। ବିଶେଷ କରି ମହିଳା ଭୋଟର ମାନଙ୍କୁ ସାକ୍ଷାତ କରି ପ୍ରଚାର ଅଭିଯାନ ଚଳାଇଥିବା ବେଳେ ବହୁ ସ୍ଥାନରେ ଶ୍ରୀମତୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ଦେଖିବାକୁ ମିଳୁଛି।



# ରମ୍ଭାରେ ସି.ପି.ଆଇର ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟ ରାସ୍ତା ପାର୍ଶ୍ୱ ବସ୍‌ଷ୍ଟାଣ୍ଡ ସନିକଟ ସନ୍ଧ୍ୟାରେ ଛତ୍ରପୁର ସି.ପି.ଆଇର ବିଧାୟକ ପ୍ରାର୍ଥୀ କ୍ରମେଡ଼ ଗୁରୁନାଥ ପ୍ରଧାନ ଓ ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର ଦ୍ୱୟଙ୍କ ଦ୍ୱାରା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ହର୍ଷ ରଥ, ବରିଷ୍ଠ ନେତା ଗୋକୁଳ ଚନ୍ଦ୍ର ପଣ୍ଡା, ସି.ପି.ଆଇର ସହ ସମ୍ପାଦକ ନୀଳକଣ୍ଠ ଦାସ, ନାରୀନେତ୍ରୀ ଏନ. ଭାନୁମତୀ ରେଡି, ପୂର୍ଣ୍ଣ ରଥ, ଜେ. ଭାସ୍କର ପାତ୍ର, ନାରାୟଣ ନାୟକ, ବି. ଦଣ୍ଡପାଣି ପାତ୍ର, କାଉନ୍‌ସିଲର କ୍ଷେତ୍ରମୋହନ ବେହେରା, ରାମଚନ୍ଦ୍ର ପାତ୍ର, କାମଦେବ ନାହାକ, କାଉନ୍‌ସିଲର ପ୍ରତିନିଧି ନିରାକାର ବେହେରା, ରଜନୀକାନ୍ତ ବେହେରା, ଏନ ମାଧବ, ଲୋକନାଥ ପାତ୍ର, ଅରକ୍ଷିତ ନାୟକ, ଚକ୍ରପାଣି ରେଡି, ଏମ. ଜଗଦୀଶ ପାତ୍ର ପ୍ରମୁଖ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ। ଏଥି ସହିତ ୩ ଜଣ ବରିଷ୍ଠ ଓ ବୟୋଜ୍ୟେଷ୍ଠ କ୍ରମାଗତ ୫ ଥର କାଉନ୍‌ସିଲର କ୍ଷେତ୍ରବାସୀ ନାହାକ, ୩ ଥର କାଉନ୍‌ସିଲର ଜେ. ସୀମାଦ୍ରି ପାତ୍ର ଓ ରାଘବ ବେହେରାଙ୍କୁ ବିଧାୟକ ପ୍ରାର୍ଥୀ ଗୁରୁନାଥ ପ୍ରଧାନ ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟନ ପୂର୍ବକ ଉପରୋକ୍ତ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତତ୍‌ସହିତ ପ୍ରାର୍ଥୀଙ୍କୁ କଲେଜ ଛକ ଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

# କୃଷ୍ଣାନନ୍ଦପୁର ପାଇକା ନଦୀବନ୍ଧ ନିର୍ମାଣରେ ବିଳମ୍ବ ନେଇ ଗ୍ରାମବାସୀଙ୍କ ଉଦ୍‌ବେଗ

**ତିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ**



ତିର୍ତ୍ତୋଲ ବ୍ଲକ କୃଷ୍ଣାନନ୍ଦପୁର ପାଇକା ନଦୀବନ୍ଧ ନିର୍ମାଣ କାର୍ଯ୍ୟରେ ବିଳମ୍ବ ନେଇ ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦୀର୍ଘବର୍ଷ ପରେ ରାସ୍ତା ନିର୍ମାଣ ପାଇଁ ୧୩ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ବରାଦରେ ଟେଣ୍ଡର କରାଯାଇଛି। ଠିକାଦାର ଆସି ନଦୀବନ୍ଧର ଦୁଇ ପାର୍ଶ୍ୱକୁ ସଫା କରି ଚାଲିଯାଇଛି। ରାସ୍ତା କାମ କରିବାକୁ ନା ଧରୁନାହିଁ। ନଦୀବନ୍ଧ ବଡ଼ ବଡ଼ ଖାଲଖମାରେ ଭର୍ତ୍ତି ଯାତାୟାତରେ ପଥଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ସରଳପୁର ଠାରୁ ନାଳପୁର ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ନଦୀବନ୍ଧରେ ବିନା ସୂଚନା ଫଳକରେ କାର୍ଯ୍ୟ ହେଉଥିବା ସ୍ଥାନୀୟ ଜନସାଧାରଣ ମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ନଦୀବନ୍ଧର କେତେ ଚଉଡ଼ା ହେବ, କେତେ ମୋଟାର ଡଷ୍ଟ ପଡ଼ିବ, କେତେ ଇଞ୍ଚ୍‌ର ମେଣ୍ଟାଲ ପଡିବ ତାହା ସର୍ବସାଧାରଣରେ ଜାଣିପାରୁନଥିବା କହିଛନ୍ତି। ପ୍ରତ୍ୟେକ ବର୍ଷ ବର୍ଷାଦିନେ ମରାମତି ନାଁରେ ଲକ୍ଷାଧିକ ଟଙ୍କା କରନ୍ତି। ଅତ୍ୟନ୍ତ ନିମ୍ନ ମାନର ରାସ୍ତା ନିର୍ମାଣ କରି ଠିକାଦାର ଖସିଯିବାକୁ ବସିଛନ୍ତି। ଏହି ନଦୀବନ୍ଧ ସ୍ଥାୟୀ ନିର୍ମାଣ ହେଲେ କୃଷ୍ଣାନନ୍ଦପୁର, ବିଷନପୁର, ନୂଆଗାଁ, କଦମଛନ୍ଦା, ନିରପୋଇ, ମତଗଜପୁର, ନବୀନାବାଗ, ଗଇଠିପୁର, ଲଙ୍କାପଡା, ମିର୍ଜାପୁର, ସରଳପୁର, ହୟାତପୁର, ଶଙ୍ଖେଶ୍ୱର, ଢ଼େରକଣା ଆଦି ଗ୍ରାମର ଗ୍ରାମବାସୀ ମାନେ ବହୁ ଉପକୃତ ହେବାସହିତ ଗମନା ଗମନରେ ବହୁ ସୁବିଧା ହୋଇଯିବ। ସେହି ଦୃଷ୍ଟିରୁ ନଦୀବନ୍ଧର ସ୍ଥାୟୀ ସୁଦୃଢ଼ୀକରଣ ପାଇଁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଧାମନଗର କଲେଜ ଅଧ୍ୟକ୍ଷଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର କଲେଜର ଅଧ୍ୟକ୍ଷ ଡ଼ା. ବନମାଳୀ ଦାସଙ୍କର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରେ କଲେଜର ବିଭିନ୍ନ ବିଭାଗ ପକ୍ଷରୁ ଅଧ୍ୟକ୍ଷଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କଲେଜ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଏମଡି ଇସରାଇଲିଙ୍କ ସଭାପତିତ୍ୱରେ ଅଧ୍ୟାପିକା ଶ୍ୱେତା ସମିନୀ, ଅବସରପ୍ରାପ୍ତ ଅଧ୍ୟାପକ ନେୟାଜ ଅହେମ୍ମଦ, ଅଧ୍ୟାପକ ମନୋଜ କର, ରସାୟନ ବିଭାଗ ପକ୍ଷରୁ ଆଶ୍ରିବାଦ ମହାନ୍ତି, ସରୋଜ ନନ୍ଦ, ଜୟ ପ୍ରକାଶ ନାୟକ, ପ୍ରଶାନ୍ତ ପରିଡ଼ା, ଆଶିଷ ସ୍ୱାଇଁ, ଜିଜ୍ଞାଶୁ ଦାସ ପ୍ରମୁଖ ଅଧ୍ୟକ୍ଷ ଡ. ବନମାଳୀ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କଲେଜର ଛାତ୍ରଛାତ୍ରୀ ଯଥା ରଶ୍ମିରଞ୍ଜନ ମହାପାତ୍ର, ଅମିତି କୁମାର ମୁଦୁଲି, ଅଜୟ କବି, ମାନସ ବିଶ୍ୱାଳ, ଦିବ୍ୟ ରଂଜନ ମହାପାତ୍ର, ସୁଶ୍ରୀ ସଂଗୀତା ଜେନା, ଆଶିଷ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପ୍ରଶାସନିକ ଅବହେଳାରୁ କାର୍ଯ୍ୟକ୍ଷମ ନହୋଇ ଖତ ଖାଉଛି ଶୀତଳ ଭଣ୍ଡାର

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଆଦିବାସୀ ଅଧ୍ୟୁଷିତ ରାୟଗଡା ଜିଲ୍ଲାରେ ଉନ୍ନତମାନର କୃଷି ପ୍ରଣାଳୀ ମାଧ୍ୟମରେ ଚାଷ କାମ କରିବା ପାଇଁ ଅନୁଦାନ ଉପରେ ଅନୁଦାନ ଆସୁଛି ହେଲେ ଉକ୍ତ ଅନୁଦାନ ଗୁଡିକ ଚାଷୀଙ୍କ ସ୍ୱାର୍ଥରେ ଲାଗୁନି। କେଉଁଠି ଜଳସେଚନକୁ ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି ତ ଆଉ କେଉଁଠି ଉତ୍ପାଦିତ ଫସଲକୁ ନେଇ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଯାହାର ଜ୍ୱଳନ୍ତ ଉଦାହରଣ ସାଜିଛି ରାୟଗଡା ସହରରେ ଥିବା ଶୀତଳଭଣ୍ଡାରକୁ ନେଇ ରାୟଗଡା ଜିଲ୍ଲାରେ ହଜାର ହଜାର ପନିପରିବା ଚାଷୀମାନେ ନିଜ ଉତ୍ପାଦିତ ଫସଲକୁ ଦୀର୍ଘଦିନ ଧରି ସଂରକ୍ଷିତ ରଖିପାରୁ ନଥିବାରୁ ଚାଷ ଜମିରୁ ଟନ୍ ଟନ୍ ପରିବା ଉତ୍ପାଦନ କରୁଥିଲେ ମଧ୍ୟ ବାଧ୍ୟ ହୋଇ କମ୍ ଦରରେ ବ୍ୟବସାୟୀଙ୍କୁ ବିକ୍ରି କରି ଦେଉଛନ୍ତି। ରାୟଗଡା ବ୍ଲକରେ ଚାଷୀମାନେ ବିଭିନ୍ନ ପ୍ରକାର ପନିପରିବା ଯଥା ବାଇଗଣ, ଭେଣ୍ଡି, ଫୁଲକୋବି, ଫଳକୋବି, ଲଙ୍କା ସହ ଜିଲ୍ଲାର ବିଭିନ୍ନ ବ୍ଲକରେ ଅନେକ ପ୍ରକାର ଫଳ ଯଥା ସପୁରି, ପଣସ, ଆମ୍ବ, ଶୀତାଫଳ, ବୋଇତାଳୁ, କଦଳୀ ଆଦି ଅନ୍ୟାନ୍ୟ ଚାଷ କରାଯାଇ ଭଲ ଫସଲ ଉତ୍ପାଦିତ ହଉଥିବା ବେଳେ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ହେଉନଥିବାରୁ ଚାଷୀମାନେ କ୍ଷତି ସହୁଥିବା କହିଛନ୍ତି। ଏହି ଜିଲ୍ଲାରେ କେତେ ଜିଲ୍ଲାପାଳ ଆସିଲେ ଓ ଗଲେ କିନ୍ତୁ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ନହୋଇ ଶୀତଳ ପଡିଯାଇଛି। ଯେତିକି ପନିପରିବା ଓ ଫଳ ଉତ୍ପାଦିତ ହେଉଛି ସେତିକି ବିକ୍ରିବଟା ହୋଇପାରୁନାହିଁ। ବଳକା ପନିପରିବା, ଫଳ ଓ ଜଙ୍ଗଲିଯାତ ଦ୍ରବ୍ୟକୁ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ନଥିବାରୁ ଏହାର ଫାଏଦା ନେଇ ରାଜ୍ୟ ତଥା ରାଜ୍ୟ ବାହାରୁ ବେପାରୀମାନେ ଆସି ଚାଷୀମାନଙ୍କୁ ଉତ୍ପାଦିତ ଫସଲର ଉଚିତ୍ ମୂଲ୍ୟ ନଦେଇ କମ୍ ଦର ଦେଇ ବାହାର ରାଜ୍ୟକୁ ରପ୍ତାନୀ କରୁଥିବା ବେଳେ ଆଉ କିଛି ପନିପରିବା ପଚିଶଢି ନଷ୍ଟ ହୋଇଯାଉଛି। ବିଭିନ୍ନ ପନିପରିବା ସମେତ ରାୟଗଡା ଜିଲ୍ଲାର ନିୟମଗିରି ସପୁରି ଓ ପଣସ ଏବଂ କାଶୀପୁର ବ୍ଲକର ସ୍ୱାଦିଷ୍ଟ ଆମ୍ବ ଆଜି ଜାତୀୟ ବଜାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କିନ୍ତୁ ଏସବୁକୁ ସାଇତି ରଖିବା ପାଇଁ ପ୍ରଶାସନ ଯେପରି ହାତ ଟେକି ଦେଇଥିବା ମନେ ହେଉଛି। ଧାର କରଜ କରି ଚାଷୀମାନେ ଫସଲ ଉପୁଯାଉଛନ୍ତି, ହେଲେ ଆଖିଆଗରେ ନିଜ ପରିଶ୍ରମ ଉଜୁଡିଯାଉଥିବା ଦେଖି ଚିନ୍ତାରେ ପଡିଛି ଚାଷୀ। ରାୟଗଡା ସହରର ତୁମ୍ପିଗୁଡା ନିକଟସ୍ଥ ରାୟଗଡା ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ ପାର୍ଶ୍ୱରେ ରହିଥିବା ୫ ହଜାର ମେଟ୍ରିକ୍ ଟନ୍ କ୍ଷମତା ସମ୍ପନ୍ନ ଶୀତଳଭଣ୍ଡାର ଏବେ ଜରାଜିର୍ଣ୍ଣ ଅବସ୍ଥାରେ ପଡିରହିଛି। ରକ୍ଷଣବେକ୍ଷଣ ଅଭାବରୁ ଶୀତଳଭଣ୍ଡାର ଭିତରେ ଓ ବାହାରେ ଜଙ୍ଗଲ ସୃଷ୍ଟି ହୋଇଗଲାଣି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଶୀତଳ ଭଣ୍ଡାରରେ ଥିବା ସମସ୍ତ ଶୀତତାପ ଓ ଯନ୍ତ୍ରପାତି ବ୍ୟବହାର ହେଉନଥିବାରୁ ନଷ୍ଟ ହୋଇଗଲାଣି। ଚାଷୀଙ୍କ ଉତ୍ପାଦିତ ଫଳ ଓ ପନିପରିବା ଆଦିକୁ ସଂଗୃହିତ କରି ଦୀର୍ଘ ଦିନ ଧରି ସଂରକ୍ଷିତ ରଖିବାର ଉଦ୍ଦେଶ୍ୟ ନେଇ ରାୟଗଡାରେ ନିର୍ମିତ ହୋଇଥିଲା ଶୀତଳ ଭଣ୍ଡାର ୧୯୯୮ ମସିହାରେ ଏନେଇ ଟେଣ୍ଡର ହୋଇଥିଲା। ଆର.ଏଲ.ଟି.ଏପି ଏବଂ ଆର.କେ.ଭି.ୱାଇ ସ୍କିମ୍‌ରେ ୪ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇ ୨୦୦୨ ବର୍ଷରେ ଶେଷ ହୋଇଥିଲା। ୨୦୧୩ ମସିହା ଫେବୃୟାରୀ ୪ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଦିନ ହିଁ ଶୀତଳ ଭଣ୍ଡାରରେ ଚାବି ପଡିଥିଲା। ଚାବି ପଡିବାର ୫ ବର୍ଷ ପରେ ଶୀତଳ ଭଣ୍ଡାରରେ ଇଲେକ୍ଟ୍ରିକାଲ୍ କାମ ସହ ଅନ୍ୟାନ୍ୟ କାମ ପାଇଁ ୨ କୋଟି ୪୦ ଲକ୍ଷ ଟଙ୍କା ନିୟନ୍ତ୍ରୀତ ବଜାର କମିଟିକୁ ପ୍ରଦାନ କରାଯାଇଥିଲା। ହେଲେ ଦୀର୍ଘବର୍ଷ ବିତିଯିବାରୁ ଶୀତଳ ଭଣ୍ଡାରର କୌଣସି କାମ ନହେବାରୁ ସୁଧ ସହିତ ସେହି ୨ କୋଟି ୪୦ ଲକ୍ଷ ଟଙ୍କା ମାର୍କଫେଡ ସଂସ୍ଥାକୁ ରିଟର୍ଣ୍ଣ କରାଯାଇଥିଲା। ଅର୍ଥାତ୍ ୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଶୀତଳ ଭଣ୍ଡାର ଦୀର୍ଘ ୨୨ ବର୍ଷ ହେଲା ଜରାଜୀର୍ଣ୍ଣ ହେବା ସହ ଭୂତ କୋଠୀରେ ପରିଣତ ହୋଇଗଲାଣି। ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ନେଇ ମୁଖ୍ୟ କାର୍ଯ୍ୟାଳୟକୁ ଚିଠି ମାଧ୍ୟମରେ ବେସରକାରୀ ଘରୋଇ ସଂସ୍ଥାକୁ ଲିଜ୍ ଭାବେ ଦେଇ କାର୍ଯ୍ୟକ୍ଷମ କରିବାକୁ ମାର୍କଫେଡ ଅବଗତ କରାଇଥିବା ବେଳେ ତାହା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଏହାକୁ ସ୍ୱୀକାର କରିବା ସହ ଜରାଜୀର୍ଣ୍ଣ ଅବସ୍ଥାରେ ପଡିଥିବା ଶୀତଳ ଭଣ୍ଡାରକୁ କାର୍ଯ୍ୟକ୍ଷମ କରିବା ପାଇଁ ଚେଷ୍ଟା କରିବେ ବୋଲି ରାୟଗଡା ବିଧାୟକ ମକରନ୍ଦ ମୁଦୁଲି କହିଥିବା ବେଳେ କିନ୍ତୁ ରାୟଗଡା ଜିଲ୍ଲାପାଳ କହିଛନ୍ତି ଯେ କଣ ପାଇଁ ବନ୍ଦ ହୋଇ ପଡିଛି ତାହାର ତଦନ୍ତ କରଯାଇ ବ୍ୟବସ୍ଥା ଗ୍ରହଣ କରାଯିବ, ନଚେତ ସରକାରଙ୍କ ନିଷ୍ପତି ଅନୁଯାୟୀ ଡି.ସେଣ୍ଟ୍ରାଲାଇଜଡ ମୋଡେଲରେ ଛୋଟ ଛୋଟ ଶୀତଳଭଣ୍ଡାର ନିର୍ମାଣ କରାଯାଇ ଚାଷୀଙ୍କ ପାଇଁ ପ୍ରଦାନ କରାଯିବ ବୋଲି ରାୟଗଡା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି। ରାୟଗଡା ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଓ ଚାଷୀ ପ୍ରବଣ ଜିଲ୍ଲା। ଜିଲ୍ଲାରେ ଶୀତଳଭଣ୍ଡାର ନଥିବାରୁ ଚାଷୀମାନେ ନିଜ ଉତ୍ପାଦିତ ଜିନିଷର ଉଚିତ ମୂଲ୍ୟ ନପାଇ କ୍ଷତି ସହୁଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଓ ସରକାର ଯଥାଶୀଘ୍ର ଚାଷୀଙ୍କୁ ଏକ ଶୀତଳଭଣ୍ଡାର ଯୋଗାଇଦେବା ନିତ୍ୟାନ୍ତ ଜରୁରୀ।

# ଘସିପୁରା ନିର୍ବାଚନ ମଣ୍ଡଳୀରେ ସମାଜସେବୀ ପ୍ରଭାତ କୁମାରଙ୍କ ଜନସମର୍ଥନ ବଢୁଛି

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ବହୁ ଚର୍ଚ୍ଚିତ ଘସିପୁରା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ମଇଦାନକୁ ବହୁତ ନୂଆ ନେତା ପ୍ରଚାରରେ ଓହ୍ଲାଇ ନିର୍ବାଚନରେ ଜନମତକୁ ନିଜ ସପକ୍ଷରେ ନେଉଥିବା ବେଳେ କେଶଦୁରାପାଳର ସମାଜସେବୀ ପ୍ରଭାତ କୁମାର ଦାସଙ୍କ ଲୋକପ୍ରିୟତା ବଢ଼ିବାରେ ଲାଗିଛି। ତାଙ୍କର ଘର କେଶଦୁରପାଳ ଗ୍ରାମରେ ହୋଇଥିବାରୁ ଆଖପାଖ ଗ୍ରାମରେ ଲୋକମାନଙ୍କର ଅସୁବିଧା ସମୟରେ ଛିଡା ହୋଇ ଘସିପୁରା ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନରେ ଲଢ଼ିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ସେ ନିଜର ନାମାଙ୍କନ ପତ୍ର ଦାଖଲ କରି ଘସିପୁରା ନିର୍ବାଚନ ମଣ୍ଡଳୀରେ ନିଜର ପ୍ରଚାର ମଇଦାନକୁ ଡେଇଁ ଜନମତକୁ ନିଜ ଆଡକୁ ଆଣି ନିଜର ଲୋକପ୍ରିୟତା ଧୀରେ ଧୀରେ ବଢ଼ାଉଛନ୍ତି।

# ଟିପିଏନ୍‌ଓଡ଼ିଏଲ୍‌କୁ 'ଓଡ଼ିଶା ବେଷ୍ଟ ଏମ୍ପ୍ଲୋୟର ବ୍ରାଣ୍ଡ' ସମ୍ମାନ

**ବାଲେଶ୍ୱର, ନ୍ୟୁଜ୍**





ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏନଓଡିଏଲ)ର ଗୁଣାତ୍ମକ କର୍ମଚାରୀ ପରିଚାଳନା ପଦ୍ଧତିକୁ ମିଳିଛି ଆଉ ଏକ ସ୍ୱୀକୃତି। କର୍ମଚାରୀମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ଉନ୍ନତମାନର ସୁବିଧା ଯୋଗାଇବା ପାଇଁ ଟିପିଏନଓଡିଏଲକୁ ଶ୍ରେଷ୍ଠ ନିଯୋଜକ ସମ୍ମାନ (ଓଡ଼ିଶା ବେଷ୍ଟ ଏମ୍ପ୍ଲୋୟର ଆୱାର୍ଡ଼)ରେ ସମ୍ମାନିତ କରାଯାଇଛି। ୱାର୍ଲ୍ଡ ଏଚଆରଡି କଂଗ୍ରେସ ପକ୍ଷରୁ ଭୁବନେଶ୍ୱରର ସାଣ୍ଡି ଟାୱାର ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଟିପିଏନଓଡିଏଲକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଟିପିଏନଓଡିଏଲ ପକ୍ଷରୁ ଚିଫ୍ ଅପରେସନ୍ ନିଲେଶ ପୋଟଫଡେ, ଏଚଆର ଏଜିଏମ୍ ଚିନ୍ମୟ ରଥ, ଏଚଆର ବିଭାଗୀୟ ମୁଖ୍ୟ ଷ୍ଟିଫେନ୍ ହେମ୍ବ୍ରମ୍ ପ୍ରମୁଖ ଉପସ୍ଥିତ ରହି ଏହାକୁ ଗ୍ରହଣ କରିଥିଲେ। ଏହାକୁ ନେଇ ଟିପିଏନଓଡିଏଲ ସିଇଓ ଦ୍ୱିଜଦାସ ବସ୍‌କ ଖୁସି ବ୍ୟକ୍ତ କରିବା ସହ ଏହି ସଫଳତା ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ଦିଗରେ ଅଧିକ ପ୍ରେରଣା ଦେବ ବୋଲି କହିଛନ୍ତି। ସୂଚନା ମୁତାବକ ନିକଟରେ ଟିପିଏନଓଡିଏଲକୁ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ସମ୍ମାନ ମଧ୍ୟ ମିଳିଛି। ମାତ୍ର ୩ ବର୍ଷର ଏହି ସଂସ୍ଥା ନିଜର ଗୁଣବତ୍ତା ସେବା ଓ କର୍ମଚାରୀଙ୍କୁ ମୌଳିକ ଭିତ୍ତିଭୂମି ଯୋଗାଇ ଏହି ସମ୍ମାନର ଅଧିକାରୀ ହୋଇପାରିଛି। ନିଜର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଦିଗରେ ଟିପିଏନଓଡିଏଲ ଗୁରୁତ୍ୱ ଦେବା ସହ କର୍ମଚାରୀଙ୍କୁ କାର୍ଯ୍ୟ କରିବା ପାଇଁ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ଓ ସାମାଜିକ ବିକାଶ ମୂଲ୍ୟବୋଧକୁ ମଧ୍ୟ ଗୁରୁଦାୟିତ୍ୱ ସହ ବହନ କରୁଛି।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ମଇ ୨୦୨୪ ଶୁକ୍ରବାର





## କଟକ ଜିଲ୍ଲାରେ ପହଞ୍ଚିଲେ ତିନି ନିର୍ବାଚନୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ

# ସ୍ୱଚ୍ଛ, ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱ



**କଟକ, ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ -୨୦୨୪ ନିମନ୍ତେ କଟକ ଜିଲ୍ଲାରେ ତିନିଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପହଞ୍ଚିଛନ୍ତି। ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ ସୁରେଶ ଶିବନନ୍ଦନ ୧୪- କଟକ ଲୋକସଭା ନିର୍ବାଚନ ମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବାବେଳେ ଆଇ.ଆର.ଏ.ଏସ୍ ସୁପ୍ରିୟା ସୁରେନ୍ଦ୍ରନାଥ ଘାଗ ୯୦- ବାରବାଟୀ କଟକ, ୯୧- ଚୌଦ୍ୱାର କଟକ ଏବଂ ୯୩- କଟକ ସଦରର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ସେହିପରି ଆଇଆରଏସ୍ ପୀୟୁଷ ବାରାସୁ ବାଧେ ୮୭- ବଡ଼ମ୍ବା, ୮୮- ବାଙ୍କୀ, ୮୯- ଆଠଗଡ ଏବଂ ୧୨୦- ଖଣ୍ଡପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିବେ। ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କର ନିର୍ବାଚନୀ ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ଅନିୟମିତତା ନଜରକୁ ଆସିଲେ ଜନସାଧାରଣ ବା ପ୍ରାର୍ଥୀ ସିଧାସଳଖ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନଙ୍କ ନିକଟରେ ଅଭିଯୋଗ କରିପାରିବେ। ଜିଲ୍ଲାରେ ପହଞ୍ଚିଥିବା ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ରିଟର୍ଣ୍ଣିଂ ଅଫିସର, ଜିଲ୍ଲାର ସମସ୍ତ ଖର୍ଚ୍ଚ ପରିଚାଳନା ଅଧିକାରୀ ଓ ସହକାରୀ ଖର୍ଚ୍ଚ ପରିଚାଳନା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମା ଅନୁସାରେ ଆଗାମୀ ନିର୍ବାଚନକୁ ମୁକ୍ତ, ଅବାଧ ଓ ସ୍ୱଚ୍ଛତାର ସହ ପରିଚାଳନା କରାଯିବ। ସେଥିପ୍ରତି ଯତ୍ନବାନ ହେବାକୁ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ପରାମର୍ଶ ଦେବା ସହ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କର ନିର୍ବାଚନୀ ଖର୍ଚ୍ଚ କିଭଳି ତଦାରଖ କରାଯିବ ସେ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିସହ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ଖର୍ଚ୍ଚ ଅନିୟମିତତା ସମ୍ପର୍କରେ କୌଣସି ଅଭିଯୋଗ ଆସିଛି କି ନାହିଁ ସେ ସମ୍ପର୍କରେ ମଧ୍ୟ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ସମୀକ୍ଷା କରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ, ଡିସିପି ପ୍ରକାଶ ଆର୍., ମୁଖ୍ୟ ଉନ୍ନୟନ ତଥା ମୁଖ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କଟକ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ୍, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଜିଲ୍ଲା ଏସ୍. ପି. ଏଲ୍. ଦିବ୍ୟା, ଉପଜିଲ୍ଲାପାଳ କଟକ ସଦର ଜ୍ୟୋତିଶଙ୍କର ରାୟ, ଉପଜିଲ୍ଲାପାଳ ବାଙ୍କୀ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଉପଜିଲ୍ଲାପାଳ ଦେବାଶିଷ ମହାପାତ୍ର, ଡେପୁଟି କଲେକ୍ଟର ସୁଶ୍ରୀ ନିଷ୍ଠା ମହାପାତ୍ର ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତକୁ ଉଚ୍ଚକୁ ନେବା ନିମନ୍ତେ ଯୁବବର୍ଗଙ୍କୁ ପ୍ରୋତ୍ସାହନ ଓ ମାର୍ଗ ଦର୍ଶନ ଦେବାର ଆବଶ୍ୟକତା ରହିଛି:ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଉପଯୁକ୍ତ ପ୍ରୋତ୍ସାହନ ଓ ମାର୍ଗଦର୍ଶନ ମିଳିଲେ ଭାରତର ଯୁବପିଢ଼ିଙ୍କ ମଧ୍ୟରେ ଦେଶକୁ ଶୀର୍ଷକୁ ନେବାର ଦକ୍ଷତା ରହିଛି ବୋଲି ସୋମବାର ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ବର୍ତ୍ତମାନ ଯୁବକମାନେ ଦେଶର ବିକାଶ ସହିତ ଖୁବ୍ ନିବିଡ଼ ଭାବେ ଜଡ଼ିତ ଏବଂ ବିଶ୍ୱ ସ୍ତରରେ ନିଜକୁ ପ୍ରତିପାଦିତ କରିବାରେ ସେମାନଙ୍କର ଦକ୍ଷତା ରହିଛି ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ 'ୟୁଥ୍ ଫର ନ୍ୟାସନ୍' (ୱାଇ୪ଏନ୍)ର ଓଡ଼ିଶା ଚ୍ୟାପ୍ଟରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଦାସ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୟୁଥ୍ ଫର ନ୍ୟାସନ୍‌ର ରାଜ୍ୟ ଶାଖାକୁ ଶୁଭାରମ୍ଭ କରିବା ଅବସରରେ ଏହି ଅନୁଷ୍ଠାନ ଯୁବପିଢ଼ିଙ୍କୁ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିବା ସହ ସେମାନଙ୍କ ମଧ୍ୟରେ ଦେଶାତ୍ମବୋଧ ଭାବ ସୃଷ୍ଟି କରିବାକୁ ସକ୍ଷମ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଆଇଟି ଖଡ଼ଗପୁରର ପୂର୍ବତନ ନିର୍ଦ୍ଦେଶକ ତଥା ୟୁଥ୍ ଫର୍ ନ୍ୟାସନ୍ (ଓଡ଼ିଶା ଶାଖା)ର ସଭାପତି ପ୍ରଫେସର ଦାମୋଦର ଆଚାର୍ଯ୍ୟ, ଉତ୍ତର ପ୍ରଦେଶ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ୱାଇ୪ଏନ୍‌ର କାର୍ଯ୍ୟକାରୀ ସଭାପତି ପ୍ରଫେସର ଦୁର୍ଗ ସିଂ ଚୌହାନ୍, ୱାଇ୪ଏନ୍‌ର ଜାତୀୟ ସଂଯୋଜକ କମାଣ୍ଡର ଭି.କେ. ଜେଟ୍‌ଲି, ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ୱାଇ୪ଏନ୍‌ର ସଚିବ ଅରବିନ୍ଦ ତ୍ରିପାଠୀ ଏବଂ ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। କମାଣ୍ଡର ଜେଟ୍‌ଲୀଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ 'ହଣ୍ଡ୍ରେଡ୍ ଗ୍ରେଟ୍ ଆଇଆଇଟିଆନ୍‌ସ୍'କୁ ରାଜ୍ୟପାଳ ଏହି ଅବସରରେ ଉନ୍ମୋଚନ କରିଥିଲେ। ପୁସ୍ତକ ଉନ୍ମୋଚନ ଅବସରରେ କମାଣ୍ଡର ଜେଟ୍‌ଲୀ କହିଥିଲେ ଯେ ପୁସ୍ତକଟି ନନ୍ଦନ ନିଲେକାନି, ନାରାୟଣ ମୂର୍ତ୍ତୀ, ଦାମୋଦର ଆଚାର୍ଯ୍ୟ ଏବଂ ଗୋପାଳ ଚନ୍ଦ୍ର ମିତ୍ରଙ୍କ ଭଳି ଆଇଆଇଟିଆନ୍‌ସ୍‌ଙ୍କ ଉପରେ ପର୍ଯ୍ୟବେସିତ ଯେଉଁମାନେ କି ବିଦେଶକୁ




ଯିବାକୁ ଲାଳାୟିତ ନ ହୋଇ ନିଜ ଜନ୍ମ ମାଟିରେ ହିଁ କାର୍ଯ୍ୟ କରିବାକୁ ପସନ୍ଦ କରିଥିଲେ। ନିଜ ଭାଷଣରେ ରାଜ୍ୟପାଳ ନୂତନ ଶିକ୍ଷାନୀତି ସମ୍ପର୍କରେ କହିଥିଲେ ଯେ ଏହା ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତର ଆହ୍ୱାନଗୁଡ଼ିକୁ ସାମ୍ନା କରିବା ନିମନ୍ତେ ପ୍ରସ୍ତୁତ କରିବ। ସେମାନଙ୍କ ନିମନ୍ତେ ନୂତନ ସୁଯୋଗ ସୃଷ୍ଟି କରିବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ସ୍ୱାମୀ ବିବେକାନନ୍ଦଙ୍କର ସ୍ୱପ୍ନ ଥିଲା ଭାରତ ବିଶ୍ୱର ନେତୃତ୍ୱ ନେଉ ଏବଂ ଯୁବପିଢ଼ିଙ୍କୁ ସେଥିପାଇଁ ଦିଗ୍‌ଦର୍ଶନ ଦେବା ଆବଶ୍ୟକ। ସେ କହିଥିଲେ ଯେ ଭାରତ ବିଶ୍ୱର ୫ମ ବୃହତ୍ ଅର୍ଥନୈତିକ ଶକ୍ତି ହୋଇଥିବା ବେଳେ ୨୦୦ ବର୍ଷ ଧରି ଦେଶକୁ ପରାଧିନ କରି ରଖିଥିବା ବ୍ରିଟେନ୍‌କୁ ଏ ଦିଗରେ ପଛରେ ପକାଇ ଦେଇଛି। ଛାତ୍ରଛାତ୍ରୀ ଓ ଫ୍ୟାକଲ୍ଟି ମେମ୍ବର୍ସମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖି ପ୍ରଫେସର ଆଚାର୍ଯ୍ୟ କହିଥିଲେ ଯେ ଦେଶକୁ ସଶକ୍ତ କରିବା ନିମନ୍ତେ ଯୁବକମାନଙ୍କୁ କୁଶଳୀ କରିବାର ଆବଶ୍ୟକତା ରହିଛି। ଛାତ୍ରଛାତ୍ରୀମାନଙ୍କର ମନୋଭାବ, ପ୍ରଶିକ୍ଷଣ ଓ ନୈତିକତା ଦ୍ୱାରା ହିଁ ଦେଶର ଉନ୍ନତି ଘଟିବ ଏବଂ ଆଗାମୀ ଦଶ ବର୍ଷ ମଧ୍ୟରେ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୈତିକ ଶକ୍ତି ହୋଇପାରିବ ବୋଲି ସେ କହିଥିଲେ। ପ୍ରଫେସର ଚୌହାନ୍ କହିଥିଲେ ଯେ ସମସ୍ତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଯୋଡ଼ିବା ସହ ସେମାନଙ୍କ ମଧ୍ୟରେ ଦେଶାତ୍ମବୋଧ ଭାବ ସୃଷ୍ଟି କରିବା ହିଁ ୱାଇ୪ଏନ୍‌ର ଚେଷ୍ଟା। ପ୍ରଫେସର ନନ୍ଦ କହିଥିଲେ ଯେ ବିଶ୍ୱବିଦ୍ୟାଳୟଗୁଡ଼ିକ ଦେଶ ଗଠନ ନିମନ୍ତେ ଯୁବପିଢ଼ିଙ୍କୁ ଶିକ୍ଷିତ କରିବାର କାର୍ଯ୍ୟଧାରା ଜାରି ରଖିଛି। ସୋଆ ମଧ୍ୟ ଏ ଦିଗରେ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ। 'ହଣ୍ଡ୍ରେଡ୍ ଗ୍ରେଟ୍ ଆଇଆଇଟିଆନ୍‌ସ' ପୁସ୍ତକରେ ସ୍ଥାନୀତ ସୋଆର ଉପଦେଷ୍ଟାମଣ୍ଡଳୀ ଅଧ୍ୟକ୍ଷ ପ୍ରଫେସର ଆଚାର୍ଯ୍ୟ, ଆଇଆଇଟି-ଆଇଏସ୍‌ଏମ୍, ଧାନବାଦର ପୁରାତନ ଛାତ୍ର ଡକ୍ଟର ଅରୁଣ କୁମାର ଶୁକ୍ଳା ଏବଂ ଆଇଆଇଟି ଖଡ଼ଗପୁରର ପୁରାତନ ଛାତ୍ର ସ୍ୱର୍ଗତ ଗୋପାଳଚନ୍ଦ୍ର ମିତ୍ରଙ୍କୁ ଏହି ଅବସରରେ ରାଜ୍ୟପାଳ ସମ୍ମାନିତ କରିଥିଲେ। ସ୍ୱର୍ଗତ ମିତ୍ରଙ୍କ ପକ୍ଷରୁ ଏହି ସମ୍ମାନ ପ୍ରଫେସର ପି.କେ. ପାଢ଼ୀ ଗ୍ରହଣ କରିଥିଲେ। ଓଡ଼ିଶାର ବିକାଶ କ୍ଷେତ୍ରରେ ସ୍ୱର୍ଗତ ମିତ୍ରଙ୍କର ଅନେକ ଅବଦାନ ରହିଛି ବୋଲି ପ୍ରଫେସର ପାଢ଼ୀ କହିଥିଲେ।

# ଜଳ ପାଇଁ ହାହାକାର:ରାସ୍ତାରେ ଲହଡ଼ି ମାରୁଛି ପାନୀୟ ଜଳ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ପାଇଁ ଜନସାଧାରଣ ହାହାକାର ହେଉଥିବା ବେଳେ ୨-୩ କିମି ଦୂରରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ରାଜ୍ୟ ସରକାର ପ୍ରତ୍ୟେକ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗ ଓ ଜନ ସ୍ୱାସ୍ଥ୍ୟ ଉପଖଣ୍ଡ ବିଭାଗ ଜନସାଧାରଣଙ୍କୁ ପାନୀୟ ଜଳ ସମସ୍ତ ସ୍ଥାନରେ ଯୋଗାଉନାହାଁନ୍ତି। ଯାହାଫଳରେ



ଦୈନିକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜନସାଧାରଣ ପାନୀୟ ଜଳ ପାଉନଥିବା ଅଭିଯୋଗ କରୁଛନ୍ତି। ହେଲେ ଦୀର୍ଘ ୧ ବର୍ଷ ହେବ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଗୋପସ୍ଥିତ ରେଳ ଲାଇନ୍ ପୋଲ ତଳେ ଏକ ଜଳ ଯୋଗାଣ ପାଇପ୍ ଫାଟି ବିଟ୍ ରାସ୍ତାରେ ପାନୀୟ ଜଳ ଲହଡ଼ି ମାରୁଛି। ଏନେଇ ସ୍ଥାନୀୟ ଲୋକ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ ବିଭାଗୀୟ ଅଧିକାରୀମାନେ ଏହାକୁ ମରାମତି କରୁନାହାଁନ୍ତି। ଯାହାଫଳରେ ଦୈନିକ ହଜାର ହଜାର ଲିଟର ପାନୀୟ ଜଳ ବର୍ବାଦ ହେଉଛି। ତୁରନ୍ତ ଏହି ପାଇପ୍‌କୁ ମରାମତି କରି ଜନ ସାଧାରଣଙ୍କୁ ପାନୀୟ ଜଳ ଯୋଗାଇବାକୁ ଦାବି ହେଉଛି।

# ଭୋଗରାଇ ନିର୍ବାଚନ ମଣ୍ଡଳୀରେ ମିଶ୍ରଣ ପର୍ବ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଲୋକସଭା କାର୍ଯ୍ୟାଳୟ ରୟାଲ କୁଇନ୍ ସମ୍ମିଳନୀ କକ୍ଷରେ ଭୋଗରାଇ ନିର୍ବାଚନ ମଣ୍ଡଳୀ ପକ୍ଷରୁ ଏକ ବିଶାଳ ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲ୍ଲା ସମ୍ପାଦକ ବିଜୟ ସାହୁ ଓ ଲୋକସଭା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଓ ଜୟନ୍ତ ଜେନାଙ୍କ ଉପସ୍ଥିତିରେ ଶତାଧିକ କଂଗ୍ରେସ ଏବଂ ବିଜେଡ଼ି ନେତା ଓ କର୍ମୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କାର୍ଯ୍ୟଦକ୍ଷତା ଓ ଜନକଲ୍ୟାଣକାରୀ ଯୋଜନା ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଭାରତୀୟ ଜନତା ପାର୍ଟିରେ ବିଧିବଦ୍ଧ ଭାବେ ଯୋଗଦାନ କରିଛନ୍ତି। ନବାଗତ କର୍ମୀଙ୍କୁ ସାଂସଦ ଓ ସଭାପତି ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। କୁମ୍ଭାରମୁଳି ପଞ୍ଚାୟତର ସମିତିସଭ୍ୟ ଆଶିଷ ପାତ୍ରଙ୍କ ନେତୃତ୍ୱରେ ରାଧାକାନ୍ତ ପ୍ରଧାନ ସମିତିସଭ୍ୟ ଜୟରାମପୁର ପଞ୍ଚାୟତ, ସୁମତି ପାତ୍ର ସରପଞ୍ଚ ଗୁଣାଇବସାନ ପଞ୍ଚାୟତ, କମଳଲୋଚନ ଦେ ଏକ୍ସ-ସିଆରପିଏଫ୍, ସସ୍ମିତା ଦେ ଗୁଣାଇବସାନ ପଞ୍ଚାୟତ, ଶ୍ରୀକାନ୍ତ ଭଞ୍ଜ, ପ୍ରଦୀପ ବାରିକ, ପ୍ରକାଶ ଦତ୍ତ, କମଲ ଲୋଚନ ଦାସ, ରାମକୃଷ୍ଣ ପାତ୍ର, ବିଜୟ ମହାନ୍ତି, ପ୍ରତାପ ପାତ୍ର, ବସନ୍ତ ଦାସ ଅଧିକାରୀ, କୃପାସିନ୍ଧୁ ଦତ୍ତ, ବୈକୁଣ୍ଠ ନାଥ, ପ୍ରଭାକର ଚାନ୍ଦ, କାର୍ତ୍ତିକ ପରିଡ଼ା, ଈଶ୍ୱର ପାଲ, ଜଗନ୍ନାଥ ବାରିକ, ନବକାନ୍ତ ପ୍ରଧାନ, ରଞ୍ଜନ ପ୍ରଧାନ, ସିରିଶ ପାତ୍ର, କମଲ ଲୋଚନ ମହାପାତ୍ର, ଜୀବନ କୃଷ୍ଣ ମହାନ୍ତି, ଧନଞ୍ଜୟ ଦାସ, ରବୀନ୍ଦ୍ର ପାତ୍ର, ଚୈତନ୍ୟ ପାତ୍ର, ଦେବାଶିଷ ଦାସ, ରବୀନ୍ଦ୍ର ଦତ୍ତ, ପ୍ରକାଶ ପାତ୍ର, ମୃତ୍ୟୁଞ୍ଜୟ ପାତ୍ର, ରମେଶ ଚନ୍ଦ୍ର ମଣ୍ଡଳ, ଅରୁଣ ସ୍ୱାଇଁ, ଅନାଦି ସ୍ୱାଇଁ, ପରେଶ ମହାନ୍ତି, ବସନ୍ତ ମହାନ୍ତି, ଶମ୍ଭୁ ପାତ୍ର, ସୁଶୀଲ ଦେ, ଗୋପାଳ ଚନ୍ଦ୍ର ଚାନ୍ଦ, କୃପାସିନ୍ଧୁ ଦତ୍ତ, ମୃତ୍ୟୁଞ୍ଜୟ ପାତ୍ର, ବସନ୍ତ ମହାନ୍ତି, ଚିନ୍ମୟ ଚାନ୍ଦ, ଶଙ୍କର ସ୍ୱାଇଁଙ୍କ ସମେତ ଶତାଧିକ କଂଗ୍ରେସ ନେତା ଓ କର୍ମୀ ମିଶ୍ରଣ ପର୍ବରେ ଯୋଗଦେଇଥିଲେ। ଜିଲ୍ଲା ଗଣମାଧ୍ୟମ ସହସଂଯୋଜକ ରଣଜିତ ପୃଷ୍ଟି ଓ ଅନୀଲ ମହାନ୍ତି ସଭା କାର୍ଯ୍ୟ ପରିଚାଳନାରେ ସାହାଯ୍ୟ କରିଥିଲେ।

## ଆପତ୍ତି ଅଭଯୋଗ ପାଇଁ ମୋବାଇଲ ନମ୍ବର ଜାରି କଲେ ଖର୍ଚ୍ଚ ପର୍ଯ୍ୟବେକ୍ଷକ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ମଇ ୨୦ ତାରିଖରେ ସୁବର୍ଣ୍ଣପୁର ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବ। ଏହି ପରିପେକ୍ଷୀରେ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଭାରତୀୟ ନିର୍ବାଚନ କମିଶନଙ୍କ ତରଫରୁ ୧୦ -ବଲାଙ୍ଗିର ସଂସଦୀୟ କ୍ଷେତ୍ରର ସୁବର୍ଣ୍ଣପୁର ଜିଲ୍ଲାର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ରୂପେ ବାକର ସ୍ୱପ୍ନିଳ ଶରଦ (ଆଇଆରଏସ) ଓ ଜିଲ୍ଲା ଅନ୍ତର୍ଗତ ୬୪ - ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ୬୫- ସୋନପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ପ୍ରମୋଦ ପି ଶାହକର (ଆଇଆରଏସ) ନିର୍ବାଚନ ଖର୍ଚ୍ଚ ତଦାରଖ କରିବାକୁ ଜିଲ୍ଲାରେ ଆସି ପହଞ୍ଚିଛନ୍ତି। ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରମୁଖ ସ୍ଥାନୀୟ ସର୍କିଟ୍ ହାଉସ୍ ଠାରେ ଅବସ୍ଥାନ କରୁଥିବା ବେଳେ ଜିଲ୍ଲାରେ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରମୁଖ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ନିମନ୍ତେ ମୋବାଇଲ ନମ୍ବର ଜାରି କରିଛନ୍ତି। ବୀରମହାରାଜପୁର ଓ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ କୌଣସି ଅଭିଯୋଗ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରମୋଦ ପି. ଶାହକରଙ୍କୁ ମୋ.ନ. ୮୨୮୦୬୮୯୫୧ରେ ଏବଂ ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ବଲାଙ୍ଗିର ଲୋକସଭା ସାଂସଦ କ୍ଷେତ୍ର ନିମନ୍ତେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ବାକର ସ୍ୱପ୍ନିଳ ଶରଦଙ୍କୁ ମୋ.ନ. ୯୪୩୭୧୦୩୪୧୮ରେ ଫୋନ୍ ମାଧ୍ୟମରେ ନିର୍ବାଚନୀ ଖର୍ଚ୍ଚ ବାବଦରେ କୌଣସି ଅଭିଯୋଗ ସିଧାସଳଖ ଜଣେଇ ପାରିବେ। ନିର୍ବାଚନ ଶେଷ ଯାଏଁ ଏହି ନମ୍ବର ଉପଲବ୍ଧ ରହିବ। ଜନସାଧାରଣ ଏହାର ଉଚିତ୍ ବିନିଯୋଗ କରିବାକୁ ଅନୁରୋଧ କରାଯାଇଛି।

# ପ୍ରାର୍ଥୀ ଓ ପ୍ରତିନିଧିଙ୍କ ସହ ପର୍ଯ୍ୟବେକ୍ଷକଙ୍କ ବୈଠକ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ଚଳିତ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବା ପାଇଁ ଜିଲ୍ଲାର ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ଆସନ ପାଇଁ ନିର୍ବାଚନ ମଇଦାନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ରାଜନୈତିକ ଦଳର ପ୍ରାର୍ଥୀ ଓ ପ୍ରତିନିଧିଙ୍କ ସହିତ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀ ସାଧାରଣ ପର୍ଯ୍ୟବେକ୍ଷକ ପଲ୍ଲଭ ଗୋପାଳ ଝା, ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅର୍ଣ୍ଣବ ମୁଖାର୍ଜୀ, ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ, ଜିଲ୍ଲାର ଛଅଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଟି.ପି ସଲିମ କୁମାର ଆଇଆରଏସ୍, ପୋଲିସ ପର୍ଯ୍ୟବେକ୍ଷକ ପ୍ରବିନ ସିଂ ମଲ୍, ଆଇପିଏସ୍, ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର, ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚିନାରାୟଣ ଦରାନ, ଡେପୁଟି କଲେକ୍ଟର ପି. ମନସ୍ମିତାଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ଆସନ୍ତା ମେ ମାସ ୧୩ ତାରିଖରେ ହେବାକୁଥିବା ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ ସୁପରିଚାଳନାରେ ଏବଂ ନିର୍ବାଚନ ଆଚରଣ ବିଧିକୁ କଡାକଡି ଭାବେ ପାଳନ କରିବାରେ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନକୁ ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତା, ପ୍ରାର୍ଥୀ, ପ୍ରତିନିଧି ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଆବଶ୍ୟକ ସ୍ଥଳେ ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥିଲେ ସାଧାରଣ ପର୍ଯ୍ୟବେକ୍ଷକ, ଖର୍ଚ୍ଚ ପର୍ଯ୍ୟବେକ୍ଷକ, ପୋଲିସ ପର୍ଯ୍ୟବେକ୍ଷକଙ୍କ ସହିତ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି। ବିଶେଷକରି ପାର୍ଥୀଙ୍କ ଖର୍ଚ୍ଚ ସଠିକ୍ ଭାବରେ ପାର୍ଥୀଙ୍କୁ ଦିଆଯାଇଥିବା ରେଜିଷ୍ଟରରେ ଲିପିବଦ୍ଧ କରିବାରେ ସନ୍ଦେହ ଥିଲେ ଖର୍ଚ୍ଚ କମିଟିଙ୍କୁ ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଭେଟି ଏ ସମ୍ପର୍କରେ ଜାଣିବା ଓ ନିର୍ଭୁଲ୍ ଭାବରେ ସୁଧାରିବା ପାଇଁ ଜିଲ୍ଲାପାଳ ଡଃ ମିଶ୍ର ପରାମର୍ଶ ଦେଇଥିଲେ। ଶେଷରେ ଜିଲ୍ଲାପାଳ ଡଃ ମିଶ୍ର ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାରେ ଜିଲ୍ଲାପ୍ରଶାସନକୁ ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତା, ପ୍ରାର୍ଥୀଙ୍କ ପୂର୍ଣ୍ଣ ସହଯୋଗ କାମନା କରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ନିର୍ବାଚନ ଖର୍ଚ୍ଚ ସମ୍ପର୍କିତ ମନିଟରିଂ କମିଟିର ବୈଠକ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ନିର୍ବାଚନ ଖର୍ଚ୍ଚ ସମ୍ପର୍କିତ ମନିଟରିଂ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ -୨୦୨୪ ପାଇଁ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇବା ପାଇଁ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କନ୍ଧମାଳ ଲୋକସଭା କ୍ଷେତ୍ର ଓ ଅନ୍ତର୍ଭୁକ୍ତ ସମସ୍ତ ବିଧାନସଭା ଆସନ ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ ଏନ.କେ. ମିଶ୍ର, ବୌଦ୍ଧ ଓ କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ କମିଶନରଙ୍କ ଦ୍ୱାରା ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରବୀଣ କୁମାର ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନ ମୁକ୍ତ, ଅବାଧ ନିରପେକ୍ଷ ଭାବେ କରିବା ଉଦ୍ଦେଶ୍ୟରେ ନିୟୋଜିତ ଅଧିକାରୀମାନେ ବିଧିବଦ୍ଧ




ଭାବେ ସଠିକ୍ ଢଙ୍ଗରେ କାର୍ଯ୍ୟ କରିବେ ବୋଲି ଉଭୟ ପର୍ଯ୍ୟବେକ୍ଷକ ଆହ୍ୱାନ ଦେଇଥିଲେ। ତେବେ ମତଦାନ ଓ ଭୋଟଗଣତିର ଅବ୍ୟବହିତ ପୂର୍ବରୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଜେ. ସୋନାଲ ସାଧାରଣ ନିର୍ବାଚନ-୨୦୨୪ ପାଇଁ ନିଯୁକ୍ତ ହୋଇଥିବା ଆକାଉଣ୍ଟିଙ୍ଗ ଟିମ୍, ଫ୍ଲାଇଙ୍ଗ ସ୍କ୍ୱାର୍ଡ ଟିମ୍, ଭିଡିଓ ସର୍ଭେଲାନ୍ସ ଟିମ୍, ଭିଡିଓ ଭିଉଇଙ୍ଗ ଟିମ୍, ସହକାରୀ ବ୍ୟୟ ପର୍ଯ୍ୟବେକ୍ଷକ ଟିମ୍, ଅଭିଯୋଗ ମନିଟରିଂ କଣ୍ଟ୍ରୋଲ୍‌ରୁମ୍, କଲ୍‌ସେଣ୍ଟର ଏବଂ କେନ୍ଦ୍ରୀୟ ତଥା ରାଜ୍ୟ ଏନ୍‌ଫୋର୍ସମେଣ୍ଟ ଏଜେନ୍‌ସିର କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନ ଟିମ୍‌ର ନୋଡାଲ ଅଧିକାରୀମାନେ ସେମାନଙ୍କ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ଟିମ୍‌ର ସଦସ୍ୟ, ସଦସ୍ୟାମାନେ ସେମାନଙ୍କ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବାକୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ମିଶ୍ର ଏବଂ ଶ୍ରୀ କୁମାର କହିବା ସହିତ ସମସ୍ୟାର ସମାଧାନ ପାଇଁ ସେମାନଙ୍କର ତ୍ୱରିତ ପଦକ୍ଷେପ ଏବଂ ସହଯୋଗ ରହିବ ବୋଲି କହିଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ତଥା କନ୍ଧମାଳ ରିଟର୍ଣ୍ଣିଂ ଅଫିସର ଦାରିଦ୍ର୍ୟ ଭଞ୍ଜନ ମଦନମୋହନ ପାତ୍ର, ଉପଜିଲ୍ଲାପାଳ ତଥା ବୌଦ୍ଧ ରିଟର୍ଣ୍ଣିଂ ଅଫିସର ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଡେପୁଟି କଲେକ୍ଟର ନିର୍ବାଚନ ଶାଶ୍ୱତ ପ୍ରଧାନଙ୍କ ସମେତ ବିଭିନ୍ନ ଅଧିକାରୀ ତଥା ବିଭିନ୍ନ ଟିମ୍‌ର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

# ବିଜେଡ଼ି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର

**କୁଚିଣ୍ଡା, ନ୍ୟୁଜ୍ ବ୍ୟୁରୋ**

କୁଚିଣ୍ଡା ନିର୍ବାଚନ ପାଖେଇ ଆସୁଥିବା ବେଳେ କୁଚିଣ୍ଡାରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ସୋମବାର କୁଚିଣ୍ଡା କଲେଜ ପଡିଆରେ ବିଜେଡି ପକ୍ଷରୁ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ସଂଗଠନ ସମ୍ପାଦକ ତଥା ସମ୍ବଲପୁର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ (ବବି) ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ନିର୍ବାଚନ ବିଜୟ ପାଇଁ ଗୁରୁମନ୍ତ୍ର ଦେଇଛନ୍ତି। ଏହି ଅବସରରେ ବବି କହିଛନ୍ତି ଯେ, କୁଚିଣ୍ଡାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚୁର ଅର୍ଥ ଦେଇଛନ୍ତି। ଆପଣମାନେ ଯେତେ ବେଳେ ଯାହା ମାଗିଛନ୍ତି, ମୁଖ୍ୟମନ୍ତ୍ରୀ ତାହା ଦେଇଛନ୍ତି। ତେଣୁ ତାଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଆଗାମୀ ନିର୍ବାଚନରେ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ଏହି ସମାବେଶରେ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ, ନିର୍ବାଚନ ମଣ୍ଡଳୀ



ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ର, ଜିଲ୍ଲାପରିଷଦ ସଭାପତି କୁମୁଦିନୀ ନାୟକ, କେନ୍ଦୁପତ୍ର କଲ୍ୟାଣ ବୋର୍ଡ ଉପଦେଷ୍ଟା ତଥା ଯୁବନେତା ସଞ୍ଜିତ ମହାନ୍ତି, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଜିଲ୍ଲାପରିଷଦ ସଭ୍ୟ ଅଜିତ ମହାପାତ୍ର, ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଜିଲ୍ଲା ଉପସଭାପତି ପ୍ରଦୀପ ମିଶ୍ରଙ୍କ ସମେତ ବହୁସଂଖ୍ୟକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ପୂର୍ବାହ୍ନରେ ସମଲେଇ ମନ୍ଦିର ଠାରୁ ଏକ ବାଇକ୍ ଶୋଭାଯାତ୍ରା ସମାବେଶ ସ୍ଥଳ ପର୍ଯ୍ୟନ୍ତ ଆସିଥିଲା। ଏହି ସମାବେଶରେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକରୁ ସହସ୍ରାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ଓଲଟିଲା କୋଇଲା ବୋଝେଇ ଟକ୍

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଇଣ୍ଡେନ ଗ୍ୟାସ୍ ଗୋଦାମ ନିକଟରେ ଏକ କୋଇଲା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ତେବେ ଟ୍ରକ୍ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ କୋଇଲା ବୋଝେଇ ହୋଇଥିବା ଏକ ଟ୍ରକ୍ ମହାନଦୀ ବ୍ରିଜ୍ ଛକ ଆଡ଼କୁ ଯାଉଥିବା ବେଳେ ଇଣ୍ଡେନ୍ ଗ୍ୟାସ୍ ଗୋଦାମ ସମ୍ମୁଖରେ ରାସ୍ତା ତଳକୁ ଖସିପଡ଼ି ଏକ ବିଲ ମଧ୍ୟରେ ଓଲଟି ପଡିଥିଲା। ଖବରପାଇ ବୌଦ୍ଧ ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି।



# ଜାରକାରେ ବିଜେଡ଼ିର ମିଶ୍ରଣ ପର୍ବ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ବିଜୁ ଜନତା ଦଳ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ମଙ୍ଗଳବାର ପୂର୍ବାହ୍ନରେ ଜାରକା ବିଜେଡ଼ି କାର୍ଯ୍ୟାଳୟ ଠାରେ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜେଡ଼ି ଯୁବ ବ୍ୟାପାର ସାଧାରଣ ସମ୍ପାଦକ ତଥା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ନୂତନ କର୍ମୀ ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ୧୩ନଂ ଜୋନ୍‌ର ହରିଦାସପୁର ଗ୍ରାମପଞ୍ଚାୟତର ବହୁ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ବିଶ୍ୱଜିତ ନାୟକ, ସନ୍ତୋଷ ପୃଷ୍ଟି, ନିରଞ୍ଜନ ନାୟକ, ସୁଶାନ୍ତ ପୃଷ୍ଟି, ପିଣ୍ଟୁ ନାୟକ, ତପନ ସେଠୀ, ଅଧୀର ସେଠୀ, ପର୍ଶୁରାମ ଦେହୁରୀ, ଶଙ୍କର୍ଷଣ ନାୟକଙ୍କ ସମେତ ଶତାଧିକ କର୍ମୀ ବିଜେଡ଼ିରେ ଯୋଗଦେଇଥିଲେ। ଏହି ମିଶ୍ରଣ ପର୍ବରେ ଧର୍ମଶାଳା ଯୁବ ବିଜେଡ଼ି ସଭାପତି ତିସ ନାୟକ, ହରିଦାସପୁର ସଭାପତି ଡକ୍ଟର ସିତାଂଶୁ ଶେଖର କର, ସରପଞ୍ଚ ବିକ୍ରମ ବିଶ୍ୱାଳ, ରୁପେଶ ଭଦ୍ର, ଚିତ୍ତରଞ୍ଜନ ନାୟକ, ବିଜୟକୃଷ୍ଣ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

| | | |
|---|---|---|
| ୩ / ୬ରା | ଲବୃଶୁ | ଚା୍ମଳ୍ପୁ ୧ / ବୃଷ୍ଟ ୧ ୧ |
| ୪ | ୨୪ / ୧୧ | ୧୦ |
| ୫ / ୬କେ | ୭ | ୯ / ୮ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୩।୫।୨୦୨୪, ବୈଶାଖ ଦି୨୦ନ,ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୦୫।୧୭।୧୯** **ଚନ୍ଦ୍ରୋଦୟ- ରାଘ ୨।୨।୧।୧୦**

ଦଶମୀ- ରାଘ୧୧।୨୫ ପର୍ଯ୍ୟନ୍ତ। ଶତଭିଷା ନକ୍ଷତ୍ର- ରାଘ ୧୨।୦୬ ପର୍ଯ୍ୟନ୍ତ। କୁମ୍ଭ ଚନ୍ଦ୍ର- ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି -** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ରାଘ ୧୧।୨୫ ପରେ ଶିମ୍ବ ଖାଇବା ମାନ। **ଆଜିର ଶୁଭବେଳା-** ପ୍ରାଘ ୫।୨୦ ଗତେ ଘ ୬।୧୧ ମଧ୍ୟେ। ଦିଘ ୧୨।୧୦ ଗତେ ଘ ୨।୪୩ ମଧ୍ୟେ।


**ମେଷ:** ସମସ୍ତ ଦିଗରୁ ଆଜି ଦିନଟି ଅତି ଉତ୍ତମ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବେ। ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ। ଭଲ କହିଲେ ମଧ ସମସ୍ତେ ତାକୁ ଖରାପ ଭାବିବେ। ଗୃହେ ଅଶାନ୍ତି।


**ବୃଷ:** ବ୍ୟବସାୟରେ ସମସ୍ୟା ଦୂର ହେବ। ଦୂରଯାତ୍ରା କରି ସଫଳତା ଅର୍ଜନ କରିବେ। ଆୟରେ ଉନ୍ନତି ହେବ। ପାରିବାରିକ ଶାନ୍ତି ବଜାୟ ରହିବ। ଅପେକ୍ଷା କରିଥିବା ଖବରଟି ଆଜି ପ୍ରକାଶ ପାଇବ। ମନ ଭଲ ରହିବ।


**ମିଥୁନ:** ନିର୍ମାଣ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ବିରକ୍ତି ପ୍ରକାଶ ପାଇବ। ମନ ଅସ୍ଥିର ରହିବ। ନିଜର ଇଚ୍ଛା ନଥିଲେ ମଧ ଦୂରକୁ ଯିବେ। ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ।


**କର୍କଟ:** ମନରେ ସରସତା ରହିବ ନାହିଁ। ମାଲିମୋକଦ୍ଦମାରେ ସ୍ଥିତି ଅନୁକୂଳ ରହିବ। ପ୍ରତ୍ୟେକ କଥାକୁ ହାଲୁକାରେ ନେବେନାହିଁ। ପ୍ରଶଂସା ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ଆନନ୍ଦ।


**ସିଂହ:** କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାକୁ ନେଇ କଳହ ସୃଷ୍ଟି ହୋଇପାରେ। ଗୃହକୁ ସୌଖିନ ଜିନିଷ ଆଣିପାରନ୍ତି। ସମ୍ମାନ ପାଇବେ। ଆୟରେ ଉନ୍ନତି ହେବ। ପାରିବାରିକ କଳହ ଦେଖାଦେବାର ସୂଚନା।


**କନ୍ୟା:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ପରିବହନ କ୍ଷେତ୍ରରେ ସମସ୍ୟା ଦୂରେଇ ଯିବ। ଆତ୍ମୀୟମାନେ ଶତ୍ରୁତା ଆଚରଣ କରିବେ। ପର ପାଇଁ ହଇରାଣ ହେବେ। ଘରେ ଆନନ୍ଦ ଓ ଶାନ୍ତି ଲାଭ।


**ତୁଳା:** କର୍ମକ୍ଷେତ୍ରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ମାନସିକ ଅବସ୍ଥା ଖରାପ ରହିବ। ପାରିବାରିକ ସମସ୍ୟାର ସମାଧାନ ହେବ। ବନ୍ଧୁ ଦର୍ଶନ ଲାଭ କରିବେ। ଆର୍ଥିକ ସ୍ଥିତି ଭଲ ରହିବାର ସୂଚନା।


**ବିଛା:** ରୋଜଗାର ମଧ୍ୟମ ହେବ। ସମସ୍ତଙ୍କର ପ୍ରିୟ ପାତ୍ର ହେବେ। ପରିବାରରେ ଶାନ୍ତି ଲାଗି ରହିବ। ଯାନ୍ତ୍ରିକ ତ୍ରୁଟି ହେତୁ ଲକ୍ଷ୍ୟ ସ୍ଥଳରେ ବିଳମ୍ବରେ ପହଞ୍ଚିବେ। କାମରେ ସୁବିଧା ନହେବାରୁ ମନ ଭଲ ରହିବନାହିଁ।


**ଧନୁ:** ପ୍ରତିଯୋଗିତାରେ ସଫଳତା ପାଇବେ। ସୌଖୀନ ଦ୍ରବ୍ୟ କ୍ରୟ କରିବେ। ଭାବୁଥିବା କାର୍ଯ୍ୟରେ ସଫଳତା ମିଳିବ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ ଶାନ୍ତି ବଜାୟ ରହିବାର ସୂଚନା।


**ମକର:** ଆଶାବାଦୀ ହୋଇ କାର୍ଯ୍ୟ କରିବେ। କଥାବାର୍ତ୍ତାରେ ସଂଯମ ନରଖିଲେ ବିବାଦଗ୍ରସ୍ତ ହେବେ। ମାଲିମୋକଦ୍ଦମାରେ ଶୁଭଫଳ ପାଇବେ। ଅପରାହ୍ନେ ଟେନ୍‌ସନ୍ କମିବ। ଭ୍ରମଣ ଯୋଗ। ଆୟ ସ୍ଥିର ରହିବ।


**କୁମ୍ଭ:** ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ପରିବହନରେ ସମସ୍ୟା ଦୂର ହେବ। ବନ୍ଧୁ ମିଳନ ଯୋଗ। ଉତ୍ତମ ଭୋଜନ ପ୍ରାପ୍ତ ହେବ। ରୋଜଗାର ମଧ୍ୟମ ହେବ। ପାରବାରିକ ଶାନ୍ତି ବଜାୟ ରହିବ।


**ମୀନ:** ମାନସିକ ସ୍ଥିତି ଭଲ ରହିବ ନାହିଁ। ଆଜିର ଯାତ୍ରା ସଫଳ ହେବ। କାର୍ଯ୍ୟହାନୀ ଘଟିବ। ଖର୍ଚ୍ଚର ପରିମାଣ ବଢ଼ିବ। ଘରେ ଜଞ୍ଜାଳ ଲାଗି ରହିବ। ଦ୍ରବ୍ୟ ନଷ୍ଟ ମଧ ହେବ। କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୪।୫।୨୦୨୪, ବୈଶାଖ ଦି୨୧ନ,ଶନିବାର**

**ସୂର୍ଯ୍ୟୋଦୟ- ଘ୦୫।୧୬।୪୬** **ଚନ୍ଦ୍ରୋଦୟ- ରାଘ ୨।୫୯।୦୩**

ଏକାଦଶୀ- ରାଘ୮।୪୦ ପର୍ଯ୍ୟନ୍ତ। ପୂର୍ବଭାଦ୍ର ନକ୍ଷତ୍ର- ରାଘ ୧୦।୦୭ ପର୍ଯ୍ୟନ୍ତ। କୁମ୍ଭ ଚନ୍ଦ୍ର- ଦିଘ ୪।୩୭ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି -** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର। ଦିଘ ୪।୩୭ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର। ଦିଘ ୪।୩୭ ପରେ ଧନୁ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୮।୪୦ ପରେ ପୋଇ ଖାଇବା ମାନ। **ଆଜିର ଶୁଭବେଳା-** ଦିଘ ୧୦।୦୮ ଗତେ ଘ ୧।୦୧ ମଧ୍ୟେ। ରାଘ ୮।୨୨ ଗତେ ଘ ୧୦।୩୬ ମଧ୍ୟେ। ପର୍ବୋତ୍ସବ - ବରୁଥିନୀ ଏକାଦଶୀ, ଶରଣ ପଞ୍ଚକ ଶେଷ।

30 YEARS
ସମ୍ବାଦ କଳିକା

# ଡିଜିଟାଲିକରଣ ହେବ କେୱାଇସି ପ୍ରକ୍ରିୟା

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆର୍ଥିକ ସ୍ଥିରତା ଏବଂ ବିକାଶ ପରିଷଦର ୨୮ତମ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଘରୋଇ ଏବଂ ବିଶ୍ୱର ଅର୍ଥନୈତିକ ସ୍ଥିତି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅର୍ଥନୈତିକ ସ୍ଥିରତା ଏବଂ ଏହାର ମୁକାବିଲା ପାଇଁ ଭାରତର ପ୍ରସ୍ତୁତି ବିଷୟରେ ସମୀକ୍ଷା କରାଯାଇଥିଲା। ଏହି ବୈଠକରେ କେନ୍ଦ୍ର ବଜେଟରେ କରାଯାଇଥିବା ଘୋଷଣାଗୁଡ଼ିକର କାର୍ଯ୍ୟକାରିତା ଏବଂ ଏଫ୍‌ଏସଡିସିର ପୂର୍ବ ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ରଣନୀତି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ୟୁନିଫର୍ମ କେୱାଇସି (ୟୁନିଫର୍ମ କେୱାଇସି ନିୟମ ନିର୍ଦ୍ଧାରଣ) ମାନଦଣ୍ଡ ସ୍ଥିର କରିବା ସହିତ ସମଗ୍ର ଆର୍ଥିକ କ୍ଷେତ୍ରରେ କେୱାଇସି ରେକର୍ଡର ଆନ୍ତଃ ବ୍ୟବହାରଯୋଗ୍ୟତା ଏବଂ କେୱାଇସି ପ୍ରକ୍ରିୟାର ସରଳୀକରଣ ଏବଂ ଡିଜିଟାଇଜେସନ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ସାମାଜିକ ଷ୍ଟକ ଏକ୍ସଚେଞ୍ଜ ମାଧ୍ୟମରେ ସାମାଜିକ ଉଦ୍ୟୋଗଗୁଡିକ ଦ୍ୱାରା ପାଣ୍ଠି ସଂଗ୍ରହ ଆରମ୍ଭ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଅନ୍ ଲାଇନ୍ ଆପ୍ ଜରିଆରେ ଦିଆଯାଉଥିବା ବେଆଇନ ଋଣ କ୍ଷତିକୁ ରୋକିବା ସହ ଏହାକୁ ରୋକିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏଫ୍‌ଏସଡିସିର ସଦସ୍ୟମାନେ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ଆର୍ଥିକ ସ୍ଥିରତା ପଥରେ ଉପୁଜିଥିବା ବିପଦକୁ ଚିହ୍ନଟ କରି ଆର୍ଥିକ ସ୍ଥିରତା ବଜାୟ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ସ୍ଥିର ହୋଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ


ଶ୍ରୀ ଅଭିରାମ ସରସ୍ୱତୀ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତୁତେ ।'

**ସତ୍ୟ ପାଶେ ଶାନ୍ତି ଦେଲ**
**ଦୟା ପାଶେ କ୍ଷମା ଦେଲ**
**ନାମ ଥୋଇ ଅନାମକୁ**
**ଗୁପତ କରିଲ**
**ହେ ପ୍ରଭୁ ଜଗତନାଥ**
**ମୁଁ**
**କୁହାର କୁହ (୫)**
**ସବୁ ଦେଇ ଶୂନ୍ୟ କଲ**
**ଶୂନ୍ୟ ବ୍ରହ୍ମ ବୋଲାଇଲ**
**ସେ ଶୂନ୍ୟ ବ୍ରହ୍ମ ପଦ୍ମକୁ**
**ଅଭିକି ନ ଦେଲ**
**ହେ ପ୍ରଭୁ ଜଗତନାଥ**
**ମୁଁ**
**କାହାର କୁହ (୬)**

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କର୍ଣ୍ଣରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ତ ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)
(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୩୫



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଚଉଦ ବର୍ଷକାଳ ଆହାର ମଧ୍ୟ ପରିତ୍ୟାଗ କରିଦେଇଛି ଏବଂ ଚଉଦକାଳ ପର୍ଯ୍ୟନ୍ତ ମୋର ପତ୍ନୀ ସହିତ ସମ୍ଭୋଗ କାର୍ଯ୍ୟ କରିନାହିଁ। ଏହି ତିନୋଟି ସାଧନା କରିବା ଏ ପୃଥିବୀରେ ଭୟାନକ ଓ କଷ୍ଟସାଧ୍ୟ। କିନ୍ତୁ ଏହା ସମ୍ଭବ ହେଲା ମୋର ପରମ ପୂଜ୍ୟ ଗୁରୁଦେବ ମହର୍ଷି ବିଶ୍ୱାମିତ୍ରଙ୍କ ନିକଟରୁ। ଗୁରୁ ପ୍ରଦାନ କରୁଥିବା ଶିକ୍ଷା ଯଦି ଶିଷ୍ୟ ତା ଜୀବନରେ ପ୍ରୟୋଗ କରି ନ ପାରିବ, ତେବେ ସେ ଶିକ୍ଷା ନିରର୍ଥକ ହୋଇଯିବ। ଏହି କଥା ଚିନ୍ତା କରି ସେହି ତିନୋଟି ଶିକ୍ଷାକୁ ମୋର ଜୀବନରେ ପ୍ରୟୋଗ କଲି ଅତ୍ୟନ୍ତ କଠୋର ପରିବେଶରେ।

ମୁଁ ପ୍ରୟୋଗ ସମୟରେ ବିଚଳିତ ହେଲି ନାହିଁ। ଏହାକୁ ପ୍ରୟୋଗ କରି ମୁଁ ପ୍ରାଥମିକ ପର୍ଯ୍ୟାୟରେ ଏତେ ଯନ୍ତ୍ରଣା ପାଇଲି ଯାହାକୁ ପ୍ରକାଶ କରିବା ପାଇଁ ପୃଥିବୀର ସମସ୍ତ ଭାଷା ଗୁଡିକ ଯେପରି ଆଜି ଅସ୍ତିତ୍ୱ ହରାଇ ବସୁଛନ୍ତି। ତେବେ ପୃଥିବୀର ଯେତେ ଅସାଧ୍ୟ, ଅସମ୍ଭବ ବୋଧ ହେଉଥିବା କାର୍ଯ୍ୟକୁ ସମ୍ଭବ କରି ଦେଖାଇବା ହେଲା ମୋର ଧର୍ମ। ଯାହାବି ହେଉ ମୁଁ ବାଧ୍ୟ ହେଲି ଏହି ଶପଥକୁ କାର୍ଯ୍ୟକାରୀ କରିବା ପାଇଁ। ମୋତେ ମୋର ପରିସ୍ଥିତି, ପରିବେଶ ବାଧ୍ୟ କଲା ଏହାକୁ କଠୋର ଭାବରେ ପାଳନ କରିବା ପାଇଁ। ଯେତେବେଳେ ଦେଖିଲି ପିତୃସତ୍ୟ ପାଳନ କରିବା ନିମନ୍ତେ ମୋର ଅଗ୍ରଜ ଚଉଦ ବର୍ଷକାଳ ନିବିଡ ଅରଣ୍ୟକୁ ଯିବା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ବଡଭାଇଙ୍କ ସହିତ ମୋର ମାତୃତୁଲ୍ୟା ଭାଉଜ ଜନକ ନନ୍ଦିନୀ ଜାନକୀ ବଦ୍ଧପରିକର ତେଣୁ ବାଧ୍ୟ ହେଲି ତାଙ୍କ ସହିତ ଅରଣ୍ୟ ଗମନ ପାଇଁ। ନିଜେ ବଡଭାଇ ଓ ଭାଉଜ ଜାନକୀ ଯେତେ ବିରୋଧ କଲେବି ମୁଁ ତାଙ୍କ ସହିତ ଅରଣ୍ୟ ଯିବା ପାଇଁ ସଂକଳ୍ପ ବଦ୍ଧ ରହିଲି। ଅଯୋଧ୍ୟା ରାଜଭବନର ସମସ୍ତ କର୍ମକର୍ତ୍ତା, ପରିବାରର ସମସ୍ତ ସଦସ୍ୟଙ୍କ ଦୃଢ ବିରୋଧ ସତ୍ତ୍ୱେ ତାଙ୍କ ସହିତ ଅରଣ୍ୟ ଯିବା ପାଇଁ ଜିଦ୍ ଧରି ବସିଲି। ତେଣୁ ସମସ୍ତେ ରହିଲେ ନୀରବ। ମୁଁ ଆସିଲି ଅରଣ୍ୟ, ମୋର ବଡଭାଇ ଓ ଭାଉଜଙ୍କ ସାଥିରେ। ମୋର ଜିଦ୍ ଆଗରେ ସମସ୍ତଙ୍କର ଅନୁରୋଧ, ବାରଣ ସବୁଗୁଡାକ ନିଷ୍ପ୍ରଭ ହୋଇଗଲା। ଶେଷରେ ଆସିଲେ ମୋର ପିତା ଅଯୋଧ୍ୟା ନରେଶ ଦଶରଥ। ବହୁତ ବ୍ୟାକୁଳ ହୋଇ ମୋତେ ଅରଣ୍ୟକୁ ନ ଯିବା ପାଇଁ ଅନୁରୋଧ କଲେ। ଶେଷରେ ଗୋଟିଏ କ୍ଲାନ୍ତ ସୈନିକ ଭଳି ନିସ୍ତେଜ ଅବସ୍ଥାରେ ଚାଲିଗଲେ। ବିଶାଳ ଅଯୋଧ୍ୟା ରାଜ ଭବନର ପ୍ରତ୍ୟେକ ସଦସ୍ୟ ପ୍ରତ୍ୟେକ ଦାସଦାସୀ ସମସ୍ତେ ହୋଇଗଲେ ନୀରବ। ଅଶ୍ରୁପାତ ହିଁ ହେଲା ସମସ୍ତଙ୍କର ଏକମାତ୍ର ସମ୍ବଳ। ସମୟ ଉପସ୍ଥିତି ହେଲା ଅରଣ୍ୟ ଗମନ ପାଇଁ। ବଡଭାଇ ମୁଁ ଏବଂ ମୋର ଜନନୀ ଭାଉଜ ଜାନକୀ ସମସ୍ତ ରାଜକୀୟ ଆଭୂଷଣ, ସମସ୍ତ ରାଜକୀୟ ବସ୍ତ୍ରମାନ ପରିତ୍ୟାଗକରି ସାଧାରଣ ବସ୍ତ୍ର ପିନ୍ଧି ପ୍ରଣାମ କରିବାକୁ ଉଦ୍ୟତ ହେବାକୁ ଯିବା ବେଳେ ପ୍ରଥମେ ପ୍ରଣିପାତ କଲୁ ପିତାଙ୍କୁ ତତ୍‌ପରେ ବଡଭାଇଙ୍କ ନିର୍ଦ୍ଦେଶ କ୍ରମେ ଭକ୍ତିଭରା ପ୍ରଣାମ କଲୁ କନିଷ୍ଠମାତା କୈକେୟୀଙ୍କୁ। ତା'ପରେ ପ୍ରଣାମ କଲୁ ମାତା କୌଶଲ୍ୟା ଓ ସୁମିତ୍ରାଙ୍କୁ। ସମସ୍ତଙ୍କ ଠାରୁ ବିଦାୟ ଆଣିଲା ବେଳେ ଯେଉଁ ଅଶ୍ରୁର ବାରିଧାରା ଅଯୋଧ୍ୟା ରାଜଭବନରୁ ନିର୍ଗତ ହେଉଥିଲା, ତାକୁ ପୃଥିବୀର କୌଣସି ବ୍ୟକ୍ତି ବର୍ଣ୍ଣନା କରିପାରିବନି। ଅଯୋଧ୍ୟାର ରାଜମାର୍ଗରେ ଶହ ଶହ ପ୍ରଜା ବିକଳ ହୋଇ କାନ୍ଦୁଛନ୍ତି। ଶହ ଶହ ପଶୁପକ୍ଷୀ ମଧ୍ୟ ବଡ ଆଶ୍ଚର୍ଯ୍ୟ ଭାବରେ ଆଖିରୁ ଲୁହ ଗଡାଉଥାନ୍ତି। ଆମ୍ଭେ କାହାକୁ ଶାନ୍ତ୍ୱନା ଦେବୁ, କାହାକୁ ଆମେ କେଉଁ ପ୍ରକାରର ପ୍ରବୋଧନା ଦେବୁ। ସମସ୍ତଙ୍କ ଆଖିରୁ ଲୋତକର ଧାରା ଯେତେବେଳେ ଅବିଶ୍ରାନ୍ତ ଭାବରେ ଛୁଟି ଯାଉଛି ସେଥିରେ କେଉଁ ମଣିଷ ଅବା ଏମାନଙ୍କୁ ଏପରି ଭୟାନକ ପରିସ୍ଥିତିରେ ଛାଡି ଚାଲିଯିବାକୁ ଇଚ୍ଛା କରିବ ? ତଥାପି ବଡ ଭାଇ ସମସ୍ତଙ୍କୁ ବିନମ୍ର ଭାବରେ ପ୍ରଣାମ କରି ବିଦାୟ ଦେବା ପାଇଁ ଅନୁରୋଧ କଲେ। ସୁମନ୍ତ ବହୁ କଷ୍ଟରେ ଆମମାନଙ୍କୁ ରଥରେ ବସାଇ ଅନେକ ଦୂର ପର୍ଯ୍ୟନ୍ତ ନେଲେ କିନ୍ତୁ ପ୍ରଜାମାନଙ୍କର ଗୋଟାଏ ମହାସ୍ରୋତ ଆମ ମାନଙ୍କର ପଶ୍ଚାତ୍ ଧାବନ କରୁଥାଏ। ଶେଷରେ ମନ୍ତ୍ରୀ ସୁମନ୍ତ ଗୋଟିଏ ସ୍ଥାନରେ ରଥ ରଖିଲେ। ଅସରନ୍ତି ଅଶ୍ରୁପାତରେ ଜର୍ଜରିତ ସୁମନ୍ତଙ୍କୁ କୌଣସି ମତେ ପ୍ରବୋଧନା ଦେଇ ମୋର ବଡ ଭାଇ ବିଦାୟ ଦେଇଦେଲେ। ବାକି ରହିଲେ ଶହ ଶହ ପ୍ରଜାଗଣ, କ'ଣ କହି ତାଙ୍କୁ ବିଦାୟ ଦେବେ ସେ କଥା ମୋର ବଡ ଭାଇ ଚିନ୍ତା କରୁଥାନ୍ତି। କେବଳ ପ୍ରଜା ନୁହନ୍ତି, ଏମାନଙ୍କ ସାଥିରେ ଶହ ଶହ ଅଶ୍ୱ ଆସିଛନ୍ତି ଏବଂ ଶ୍ରୀରାମଙ୍କୁ ବିଦାୟ ଦେବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି, ସେମାନଙ୍କୁ କେଉଁ ଆଶ୍ୱାସନା ଦେଲେ ସେମାନେ ଅଯୋଧ୍ୟା ଫେରିବେ, ସେ କଥା ମୋର ବଡ ଭାଇ ଚିନ୍ତା କରି କରି ବିବ୍ରତ ହୋଇ ପଡିଲେଣି କିନ୍ତୁ କୌଣସି ଉପାୟ ଖୋଜି ପାଇ ପାରିଲେ ନାହିଁ। ଶେଷର ଆମେ ଦେଖିଲୁ ଯେଉଁ ପ୍ରଜାମାନେ ଆମ ପଛରେ ଧାଇଁ ଆସିଥିଲେ ଆମକୁ ଫେରାଇ ନେବା ପାଇଁ ସେମାନଙ୍କୁ ଧୀରେ ଧୀରେ ନିଦ୍ରାଗ୍ରାସ କରି ନେଲା, ସେମାନେ ଶୋଇ ପଡିଲେ। ଯେଉଁ ଅଶ୍ୱମାନେ ସ୍ୱତଃ ସ୍ଫୂର୍ତ୍ତଭାବେ ଆମ ପଛରେ ଧାବମାନ କରି ଆସିଥିଲେ, ସେମାନଙ୍କୁ ପ୍ରବଳ କ୍ଷୁଧା ହେବାରୁ ମୋ ବଡ ଭାଇଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ପ୍ରଚୁର ଖାଦ୍ୟ ଯୋଗାଇ ଦେବାରୁ ସେମାନେ କ୍ଷୁଧାତୁର ଭାବେ ଖାଦ୍ୟ ଖାଇବାରେ ଲାଗିଗଲେ, ଯାହା ଫଳରେ ଆମ ମାନଙ୍କୁ ସମୟ ଏକ ସୁଯୋଗ ଦେଲା ସେହି ସ୍ଥାନ ପରିତ୍ୟାଗ କରି ଗଭୀର ଅରଣ୍ୟ ପ୍ରଦେଶକୁ ଗମନ କରିବା ଉଦ୍ଦେଶ୍ୟରେ। ସମସ୍ତ ପ୍ରଜା ନିଦ୍ରାଭିଭୂତ, କ୍ଷୁଧିତ ଅଶ୍ୱ ଗୁଡାକ କ୍ଷୁଧାନିବାରଣରେ ନିମଗ୍ନ, ତେଣୁ ଆମକୁ ଆଉ କେହି ଦେଖି ପାରିଲେ ନାହିଁ। ଆମେ ନିର୍ବିବାଦ ତଥା ନିରାପଦରେ ସେହିସ୍ଥାନ ପରିତ୍ୟାଗ କରି ଗଭୀର ନିର୍ଜନ ଅରଣ୍ୟ ପ୍ରଦେଶରେ ପ୍ରବେଶ କରି ଅନେକ ଦୂର ଚାଲି ଆସିଲୁ। ବଡ ଆଶ୍ଚର୍ଯ୍ୟ ଲାଗିଲା, କେହି ଜଣେ ହେଲେ ଅଯୋଧ୍ୟାର ପ୍ରଜା କିମ୍ବା ଅଯୋଧ୍ୟାର କେହି ଗୋଟିଏ ହେଲେ ଅଶ୍ୱ ଆମକୁ ଦେଖି ପାରିଲେ ନାହିଁ। ଇଏ ହେଉଛି ସବୁଠାରୁ ଦୁର୍ଭାଗ୍ୟ ଜନକ ଘଟଣା ଅଯୋଧ୍ୟାର ପ୍ରଜାମାନଙ୍କ ପାଇଁ। ତେବେ ଯାହାହେଉ ମୋର ବନଗମନ କାଳର ଅବସ୍ଥା ତତ୍ ପରବର୍ତ୍ତୀ ଅବସ୍ଥାରୁ ମୁଁ ତିନୋଟି ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଲାଭ କଲି। ଏହି ତିନୋଟି ଘଟଣାହିଁ ମୋତେ ଏପରି ଶିକ୍ଷାଦେଲା, ଯାହାକୁ ମୁଁ ପାଳନ କରିବା ପାଇଁ ଶପଥ ଗ୍ରହଣ କଲି। ମୋ ବଡଭାଇ ଆଉ ଭାଉଜ ଯେତେବେଳେ ଦୀର୍ଘ ଚଉଦବର୍ଷ ବନବାସକୁ ହସି ହସି ସ୍ୱୀକାର କରିନେଲେ ସେତେବେଳେ ମୋର ଗୋଟାଏ ଶକ୍ତିଶାଳି ବିଶ୍ୱାସ ହୋଇଗଲା ଯେ, ଏ ଦୁନିଆର ପ୍ରତିଟି ମଣିଷର ରୂପ ଉପରକୁ ଯାହା ଦେଖାଯାଏ ତା' ଭିତରେ ଆଉ ଗୋଟିଏ ଅନ୍ତରସ୍ଥ ରୂପଥାଏ, ଯାହାକୁ ସେ କେବେ ହେଲେ କାହାରିକୁ ଦେଖାଏ ନାହିଁ। ଚନ୍ଦ୍ରମା ଯେପରି ଉପରକୁ ତା'ର ଆଲୋକିତ ପାର୍ଶ୍ୱକୁ ସଦାବେଳେ ପୃଥିବୀ ବାସୀଙ୍କୁ ଦେଖାଇ ଥାଏ, ଅନ୍ଧକାର ପାର୍ଶ୍ୱକୁ ଲୁକ୍‌କାୟିତ ଅବସ୍ଥାରେ ରଖିଥାଏ, ଯାହାକୁ କେବେହେଲେ ପୃଥିବୀ ବାସୀଙ୍କୁ ଦେଖାଏ ନାହିଁ। ପ୍ରତିଟି ମଣିଷ ହେଉଛନ୍ତି ଠିକ୍ ସେହି ଚନ୍ଦ୍ରମା ପରି, ଆଉ ସେହି ପ୍ରାକୃତିକ ଅସ୍ତିତ୍ୱକୁ ମଣିଷ ବହନ କରି ଚାଲିଥାଏ। (କ୍ରମଶଃ)

# ଯା ଦେବୀ ସର୍ବଭୂତେଷୁ



ଡାକ୍ତର ମନୋରଞ୍ଜନ ବିଷୋୟୀ
ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ: ୮୮୯୫୧୪୧୭୨୭

**'ଯା ଦେବୀ ସର୍ବଭୂତେଷୁ**
**ଶକ୍ତିରୂପେଣ ସଂସ୍ଥିତା**
**ନମସ୍ତସ୍ୟୈ, ନମସ୍ତସ୍ୟୈ,**
**ନମସ୍ତସ୍ୟୈ ନମୋନମଃ ।'**

ସମସ୍ତ ଜାଗତିକ ସତ୍ତାର ମୂଳାଧାର ଶକ୍ତି । ଶକ୍+ତି= ଶକ୍ତି ଅର୍ଥାତ୍ 'ଶକ୍' ଧାତୁରେ 'କ୍ତିନ୍' ପ୍ରତ୍ୟୟ ଯୋଗେ ଏହା ନିଷ୍ପନ୍ନ ହୋଇଛି । 'ଶକ୍' ଧାତୁ ସମର୍ଥ ସୂଚକ ଓ 'ତି' ପରାକ୍ରମ ଅର୍ଥ ସୂଚକ । ଅତଏବ ଜଗତର ସକଳ କାର୍ଯ୍ୟ ସାଧନରେ ସମର୍ଥ ତଥା ଉପକ୍ରମ ହେଉଛି ଶକ୍ତି । ଏହି ନିଖିଳ ମୂଳରେ ଯେ ଏକ ଅନିର୍ବଚନୀୟ, ଅଚିନ୍ତ୍ୟ, ଅନନ୍ତ, ଅଜ୍ଞେୟ ମହାଶକ୍ତି ବିରାଜିତ, ଏହାକୁ ସବୁଯୁଗରେ, ସବୁକାଳରେ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିଆସିଛନ୍ତି। ଏପରିକି ଏହି ଶକ୍ତିକୁ ବିଜ୍ଞାନ ମଧ୍ୟ ଅସ୍ୱୀକାର କରିପାରି ନାହିଁ । ଯେପରି ବୈଦ୍ୟୁତିକ ଶକ୍ତିକୁ ଦେଖି ନପାରିଲେ ମଧ୍ୟ ଆଲୋକର ପ୍ରକାଶ, ବାୟୁର ସଞ୍ଚରଣ ପ୍ରଭୃତି କ୍ରିୟା ଦ୍ୱାରା ଶକ୍ତିର ଅସ୍ତିତ୍ୱକୁ ସ୍ୱୀକାର କରିଅଛୁ । ଠିକ୍ ସେହିପରି ବିଶ୍ୱର ଯାବତୀୟ କାର୍ଯ୍ୟ ଅନ୍ତରାଳରେ ମଧ୍ୟ ଏକ ମହାଶକ୍ତି ବିରାଜିତ । କାରଣ ବିଶ୍ୱ ଶକ୍ତିମୟ । ଏହାର ପ୍ରତ୍ୟେକଟି ଅଣୁ, ପରମାଣୁ, ଜଡ଼ ଓ ଚେତନରେ ମଧ୍ୟ ଶକ୍ତି ନିହିତା ସଂସାରରେ ପ୍ରତ୍ୟେକ ବସ୍ତୁ ଶକ୍ତିର ପରିଣାମ ସ୍ୱରୂପ । ଏହି ଶକ୍ତିବଳରେ ଅଗ୍ନି ବିଶ୍ୱଦହନ କରିପାରୁଥିବା ସ୍ଥଳେ, ପବନ ବିଶ୍ୱ ବିଲୋଡ଼ନ କରିପାରେ । କାରଣ ଶକ୍ତି ସର୍ବବ୍ୟାପୀ। ଏହି ବିଶାଳ ବ୍ରହ୍ମାଣ୍ଡ ହିଁ ତାଙ୍କର ମୂର୍ତ୍ତି। ତାଙ୍କରି ଠାରୁ ହିଁ ସଂସାର ବିସ୍ତାରିତା ଯେଉଁଦିନ ମନୁଷ୍ୟ ପ୍ରଥମେ ବିଚିତ୍ର-ବର୍ଣ୍ଣ-ବୈଭବରେ ବିମଣ୍ଡିତ ଏହି ପ୍ରକୃତିର ପରିବର୍ତ୍ତିତ ରୂପ ଅବଲୋକନ କରି ପ୍ରକୃତି ମଧ୍ୟରେ ଶକ୍ତିତ୍ୱକୁ ଅନୁଭବ କରିଛି, ସେହିଦିନ ଠାରୁ ହିଁ ଶକ୍ତିପୂଜାର ପରମ୍ପରା ସୃଷ୍ଟି ହୋଇଛି । ଏହି ଶକ୍ତି ହିଁ ପ୍ରକୃତିର କ୍ରିୟା ଶକ୍ତି । ବସ୍ତୁତଃ କହିବାକୁ ଗଲେ କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ- ଏହି ପଞ୍ଚଭୂତ ହିଁ ହେଇଛି ଆଦିଶକ୍ତିଙ୍କର ଲୀଳାକ୍ଷେତ୍ର । ଏଠାରେ ହୁଏ ଜୀବନର ଉତ୍ପତ୍ତି ଓ ବିଲୟ । ଆତ୍ମା ଯେପରି ପରମାତ୍ମାଙ୍କ ଅବ୍ୟକ୍ତ ମୂଳ ପ୍ରକୃତିର ଅଂଶ ଅଟେ, ଠିକ୍ ସେହିପରି ମୂଳ ଅବ୍ୟକ୍ତ ପ୍ରକୃତି ପରମପିତା ପରମାତ୍ମାଙ୍କ ଆଦିଶକ୍ତି ଅଟନ୍ତି । ଏପରିକି ସମସ୍ତ ବଳ, ସମସ୍ତ ବସ୍ତୁ ଯାହା ନାନା ରୂପ ଓ ନାମରେ ପରିଦୃଷ୍ଟ ହେଉଛି, ତାହା ଶକ୍ତିଙ୍କ ରୂପନାମ ବ୍ୟତିରେକ ଅନ୍ୟ କିଛି ନୁହେଁ । ଫଳସ୍ୱରୂପ ଏହି ଶକ୍ତି ନାନା ରୂପଧାରିଣୀ, ପ୍ରଳୟକାରିଣୀ, ନିତ୍ୟମୁକ୍ତା ତଥା ଆଦିଶକ୍ତି ରୂପେ ପ୍ରକାଶିତ । ଏ ପରିପ୍ରେକ୍ଷୀରେ କହିରଖେ ମହାନ ଭାରତୀୟ ସଂସ୍କୃତିରେ ପ୍ରାକ୍-ବୈଦିକ କାଳରୁ ହିଁ ଶକ୍ତି ଉପାସନାର ଅବିଚ୍ଛିନ୍ନ ଧାରାରୁ ଶାକ୍ତଧର୍ମର ଉନ୍ମେଷ ଓ ବିକାଶ ଘଟିଅଛି । ଶକ୍ତି ଦେବୀଙ୍କ ଉପାସକ ଶାକ୍ତଭାବେ ପ୍ରସିଦ୍ଧି ଲାଭ କରିବା ସହ, ସେମାନଙ୍କ ଦ୍ୱାରା ଅନୁସୃତ ଦେବୀ ଉପାସନା ଶାକ୍ତଧର୍ମ ନାମରେ ଅଭିହିତ ହୋଇଅଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତୀକାତ୍ମକ ଶକ୍ତି ଉପାସନା ପ୍ରଚଳନ ଥିଲେ ହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସାକାର ଉପାସନାର ଭବ୍ୟ ରୂପ ଗ୍ରହଣ କରିଅଛି । ପ୍ରାକ୍-ବୈଦିକ କାଳୀନ ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷରୁ ପ୍ରତୀକାତ୍ମକ ଓ ଦେବୀମୂର୍ତ୍ତି ଉଭୟର ସନ୍ଧାନ ମିଳିଥିବାରୁ ହୃଦ୍‌ବୋଧ ହୁଏ ଯେ, ବେଦ ରଚନାର ବହୁ ପୂର୍ବରୁ ଶକ୍ତି ଉପାସନାର ଏକ ବିକଶିତ ଧାରା ପବିତ୍ର ଭାରତଭୂମିରେ ପ୍ରବାହିତ ହୋଇଥିଲା । ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବୈଦିକ ଆର୍ଯ୍ୟ ସଂସ୍କୃତିକୁ ପ୍ରବେଶ କରିଥିବା ଅନୁମାନ କରାଯାଏ। ଏପରିକି ବେଦରେ ଶକ୍ତି ମହାତ୍ମ୍ୟ ପ୍ରଖ୍ୟାପନ ସକାଶେ 'ଦେବୀସୂକ୍ତ', 'କାଳରାତ୍ରି ସୂକ୍ତ' ଓ 'ଶ୍ରୀସୂକ୍ତ' ପ୍ରଭୃତି ଉପଲବ୍ଧ । 'ଦେବୀସୂକ୍ତ'କୁ ଶକ୍ତି ଉପାସନାର ମୂଳଭିତ୍ତି ଭାବରେ ଗ୍ରହଣ କରାଯାଇଛି । ସେହିପରି ଅଥର୍ବ ବେଦରେ ପୃଥିବୀ ଦେବୀ ସୃଷ୍ଟିକାରିଣୀ ଶକ୍ତିରୂପରେ ଅଭିହିତ । ଏହି ସୃଷ୍ଟିକାରିଣୀ ଶକ୍ତି ହିଁ ପରବର୍ତ୍ତୀ ସମୟରେ ମହାଶକ୍ତି ରୂପେ ପରିଚିତା ଯଜୁର୍ବେଦୀୟ ବାଜସନେୟୀ ସଂହିତାର ପ୍ରଥମରେ ରହିଥିବା ଅମ୍ବିକାଙ୍କ ବର୍ଣ୍ଣନା ମଧ୍ୟ ଶକ୍ତିତ୍ୱ ସଂପର୍କିତ ସୂଚନା ପ୍ରଦାନ କରେ । ଏପରିକି ତୈତ୍ତିରୀୟୋପନିଷଦରେ ଆଦ୍ୟାଶକ୍ତିଙ୍କୁ ଦୁର୍ଗା ଶବ୍ଦରେ ଆବାହନ କରାଯାଇଛି । କେନୋପନିଷଦରେ ଉମା, ହୈମବତୀ ପ୍ରଭୃତି ଦେବୀମାନଙ୍କ ନାମୋଲ୍ଲେଖ ଥିବାବେଳେ ମାଣ୍ଡୁକ୍ୟୋପନିଷଦରେ ଅଗ୍ନିଙ୍କ ସପ୍ତଜିହ୍ୱା ରୂପେ ଶକ୍ତିଙ୍କର ସାତୋଟି ରୂପ ପରିକଳ୍ପନା କରାଯାଇଛି । ଉପନିଷଦୀୟ ଚେତନାରେ ଆଦିଶକ୍ତି ସତ୍ତ୍ୱଗୁଣରେ ବୈଷ୍ଣବୀ ରୂପରେ ପାଳନ କରନ୍ତି । ରଜଗୁଣରେ ବ୍ରାହ୍ମୀ ରୂପରେ ଜଗତ ସୃଷ୍ଟି କରନ୍ତି ଏବଂ ତମ ଗୁଣରେ ମାହେଶ୍ୱରୀ ରୂପରେ ଜଗତକୁ ସଂହାର କରନ୍ତି । ପ୍ରକୃତି ଭେଦରେ ମହାଶକ୍ତିଙ୍କର ଭିନ୍ନ ଭିନ୍ନ ନାମ ହେଉଛି ବିଷ୍ଣୁମାୟା, ଯୋଗମାୟା ଓ ମହାମାୟା। ଏପରିକି ପୁରାଣ ଯୁଗରେ ଭାରତୀୟ ଧାର୍ମିକ ଓ ସାମାଜିକ ଜୀବନରେ ଶକ୍ତି ଉପାସନା ପ୍ରାଧାନ୍ୟ ଲାଭ କରିଥିଲା । ତ୍ରିଗୁଣାତ୍ମିକା ମହାଶକ୍ତି ରାଜସୀ ଗୁଣରେ ସତ୍‌ସ୍ୱରୂପା ମହାଲକ୍ଷ୍ମୀ, ସାତ୍ତ୍ୱିକ ଗୁଣରେ ଚିତ୍‌ସ୍ୱରୂପା ମହାସରସ୍ୱତୀ ଓ ତାମସୀ ଗୁଣରେ ଆନନ୍ଦ ସ୍ୱରୂପା ମହାକାଳୀ ନାମରେ ପ୍ରସିଦ୍ଧି ଲାଭ କଲେ । ମାର୍କଣ୍ଡେୟ ପୁରାଣଠାରୁ ଆରମ୍ଭ କରି ଦେବୀ ଭାଗବତ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମପୁରାଣ, ମହାଭାରତ, ହରିବଂଶ ଆଦି ପୁରାଣରେ ଶକ୍ତି ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ । ଏପରିକି ପୁରାଣ ବର୍ଣ୍ଣନା ଅନୁଯାୟୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞ ଧ୍ୱଂସ ପରେ ସତୀଙ୍କ ମୃତ ଶରୀରର ଦେହାବଶେଷ ପତିତ ହୋଇଥିବା ସ୍ଥାନଗୁଡ଼ିକ ପ୍ରସିଦ୍ଧ ଶକ୍ତିପୀଠର ମାନ୍ୟତା ଲାଭ କଲା। ଏହି ପବିତ୍ର ପୀଠ ସମୂହରେ ଦେବୀ ମୂର୍ତ୍ତିମାନ ପ୍ରତିଷ୍ଠିତ ହୋଇ ଭାରତୀୟ ସମାଜରେ ଶକ୍ତି ଉପାସନାର ଏକ ଗୌରବମୟ ପରମ୍ପରା ସୃଷ୍ଟି କରିଥିଲା ଏବଂ ଏହି ପୁରାଣ ପରମ୍ପରାର ଶେଷାର୍ଦ୍ଧରେ ତାନ୍ତ୍ରିକ ବିଚାରବୋଧରେ ଶକ୍ତି ଆରାଧନା ପରମ୍ପରା ସୃଷ୍ଟିଲାଭ କଲା । ତନ୍ତ୍ରୋକ୍ତ ଶକ୍ତି ଉପାସନାରେ କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳାତ୍ମିକା ପ୍ରଭୃତି ଦଶମହାବିଦ୍ୟାଙ୍କର ମହତ୍ତ୍ୱ ବୃଦ୍ଧି ପାଇଥିଲା। ଏଠାରେ କହିରଖେ ପ୍ରଥମେ ଭାରତର ଉଡ୍‌ଡୀୟାନ ପୀଠରେ ବ୍ରାହ୍ମଣ୍ୟ-ତନ୍ତ୍ରଧର୍ମ ପୀଠର ଆରମ୍ଭ ଓ ବୃଦ୍ଧି ଘଟିଥିଲା । ଉତ୍କଳ ବା ଉଡ୍‌ଡୀୟାନ ପୀଠରୁ ତାନ୍ତ୍ରିକତାର ଉଦ୍ଭବ ହୋଇ ପରବର୍ତ୍ତୀ ସମୟରେ କାମାକ୍ଷା, ଶ୍ରୀହଟ୍ଟ ଓ ପୂର୍ଣ୍ଣଗିରି ପ୍ରଭୃତି ପୀଠକୁ ବ୍ୟାପିଥିବା ବିଷୟ ନିଃସନ୍ଦେହରେ କୁହାଯାଇପାରେ । ଉତ୍କଳରେ ଏହି ପାରମ୍ପରିକ ବୌଦ୍ଧଧର୍ମର ପରିବର୍ତ୍ତନ ଧାରାରେ ତାନ୍ତ୍ରିକ ବଜ୍ରଯାନ ଓ ସହଜଯାନର ଯେଉଁ ଆଧ୍ୟାତ୍ମିକ ଉଦ୍‌ବେଳନ ଦେଖାଦେଇଥିଲା, ଶାକ୍ତଧର୍ମରେ ତାର ପ୍ରତିଫଳନ ହୋଇଥିଲା । କାରଣ ଖ୍ରୀଷ୍ଟୀୟ ୬ଷ୍ଠ / ୭ମ ଶତାବ୍ଦୀରେ ବ୍ରାହ୍ମଣ୍ୟ ତନ୍ତ୍ରଧର୍ମ ବୌଦ୍ଧ ବଜ୍ରଯାନ ସହିତ ପ୍ରତିଯୋଗିତା କରି ସମାଜରେ ଲୋକପ୍ରିୟତା ଅର୍ଜନ କରିବା ସହ ଏତିକିବେଳେ ଶାକ୍ତ ଯୋଗିନୀ ପୀଠଗୁଡ଼ିକ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା । ଯାହାର ସୂଚନା ଆଦିକବି ସାରଳା ଦାସଙ୍କ 'ଶ୍ରୀଚଣ୍ଡୀ ପୁରାଣ'ରୁ ସୁସ୍ପଷ୍ଟ । ଏଥିରେ ଅନାଦି ଶକ୍ତି ମହାମାୟା ଦୁର୍ଗା ହେଉଛନ୍ତି ମୁଖ୍ୟ ଦେବୀ । ଦେବତାମାନଙ୍କ କୋପାନଳରୁ ସମ୍ଭୂତା ଦେବୀଙ୍କର ଏକଶିର, ବେନିଚରଣ ଓ ସହସ୍ର ଭୁଜ । ସେ ଅନାଦି ଶକ୍ତି, ଜଗତତାରିଣୀ, ମହାବୈଷ୍ଣବୀ ରୂପ ଧାରଣ କରିଥିଲେ । ଉତ୍କଳର ପୀଠ ସ୍ଥାନମାନଙ୍କରେ ଦେବୀଙ୍କର ଭୁଜ ଦୁଇ ସଂଖ୍ୟାରୁ ଅଷ୍ଟାଦଶ ସଂଖ୍ୟା ପର୍ଯ୍ୟନ୍ତ ଦେଖିବାକୁ ମିଳେ । ଏହା ସହ ଦୁର୍ଗାଙ୍କୁ ସ୍ମରଣ କଲେ ଦୁର୍ଗତି, ବିପଦ, ବିଘ୍ନ ଦୂର ହୁଏ, ଯମଦଣ୍ଡର ଭୟ ରହେ ନାହିଁ, ରୋଗ ନାଶ ହୁଏ, ମନୁଷ୍ୟ ଚିରାୟୁ ହୁଏ, ସନ୍ତାନପ୍ରାପ୍ତ ହୁଏ ଓ ଲୋଭ, ମୋହ, ଅପବାଦରୁ ମୁକ୍ତି ମିଳିଥାଏ । ଦୁର୍ଗାଙ୍କ 'ଦୁ' ଅକ୍ଷର ଦାରିଦ୍ର୍ୟ, ଦୁଃଖ, ଦୁର୍ଭିକ୍ଷ, ଦୁର୍ବାସନାଦି ଦୈତ୍ୟକୁ ନାଶ କରିବା ପ୍ରତୀକ ଏବଂ 'ରେଫ୍' ରୋଗଘ୍ନ, ପାପଘ୍ନ, ଅନ୍ୟାୟ, ଅତ୍ୟାଚାର, ଅନୈତିକତା ଓ ଆଳସ୍ୟାଦି ଆସୁରିକ ପ୍ରକୃତିଗୁଡ଼ିକର ନାଶବାଚକ । ଏପରିକି କବି ଅନାଦି ଶକ୍ତି ରୂପିଣୀ ଦୁର୍ଗାଙ୍କୁ – ବ୍ରହ୍ମାୟଣୀ, ଇନ୍ଦ୍ରାୟଣୀ, ରୁଦ୍ରାୟଣୀ, ନାରାୟଣୀ, ଯମାୟଣୀ, ମାହେଶ୍ୱରୀ, ମହାମାୟା, ବାସେଲୀ, ଉଗ୍ରତାରା, ଭୈରବୀ, ତ୍ରିପୁରା, ଅନନ୍ତା, ବିଜୟା, ଅମ୍ବିକା, ମାଧବୀ, କଙ୍କାଳୀ, ବେତାଳୀ, କାଳିକା, ଚଣ୍ଡୀ, ଚାମୁଣ୍ଡା, କାମାକ୍ଷୀ, ବରାହୀ, ଦକ୍ଷିଣାୟଣୀ, ଉତ୍ତରାୟଣୀ, ପଶ୍ଚିମାୟଣୀ, ଛାୟା, ମାୟା, ଅପର୍ଣ୍ଣା ରୂପେ ନାମିତ କରିଛନ୍ତି । ଯାହା ଅନାଦି ଶକ୍ତି ଦୁର୍ଗାଙ୍କର ପ୍ରାଧାନ୍ୟକୁ ସୂଚିତ କରୁଅଛି । ଦେବତାମାନଙ୍କ ସଂଗଠିତ ଶକ୍ତିରେ ସେ ଅବତରଣ କରିଥିଲେ। ତେଣୁ ଶକ୍ତି ଉପାସନାରେ ଅଦ୍ୱୈତ ତତ୍ତ୍ୱର ଧାରଣା ଜନ୍ମିଥାଏ । ଏପରିକି ସପ୍ତମାତୃକା, ଚଉଷଠୀ ଯୋଗିନୀ, ଶୋଣେହାରୂପି ଦେବୀ, ଚାରିପଦ୍ମ ଚଣ୍ଡୀ, ନବକୋଟି କାତ୍ୟାନୀ, ଛପନକୋଟି ପିଶାଚୁଣୀ- ସମସ୍ତେ ଦୁର୍ଗାଙ୍କ ଠାରୁ ଜାତ । ଏ ପରିପ୍ରେକ୍ଷୀରେ କହିରଖେ ଭାରତରେ ଶକ୍ତିତତ୍ତ୍ୱର ଉନ୍ମେଷ ଓ ବିକାଶ ଧାରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଆସିଛି । ଓଡ଼ିଶାର ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ପରମ୍ପରାରେ ଏହାର ବହୁ ପ୍ରମାଣ ମିଳେ । ଐତିହାସିକ ଯୁଗରେ ଭୌମକର ଶାଳନକାଳରୁ ମାତୃପୂଜାର ପ୍ରାଧାନ୍ୟ ଓଡ଼ିଶାର ଜନଜୀବନରେ ଅନୁଭୂତ ହୋଇ ଆସିଛି । ଭୌମକମାନଙ୍କ ରାଜଧାନୀ ଗୁହଦେବ ପାଟକ ଆଧୁନିକ ଯାଜପୁର ବା ବିରଜା ସହିତ ପରିଚିହ୍ନିତ ହୋଇଛି । ଶାକ୍ତଧର୍ମର ପ୍ରସିଦ୍ଧ ପୀଠସ୍ଥଳୀ ବିରଜା କ୍ଷେତ୍ରରୁ ମିଳିଥିବା ମାତୃକା ମୂର୍ତ୍ତି ଶକ୍ତି ଉପାସନା ସହ ସଂଶ୍ଳିଷ୍ଟ । ଏତଦ୍‌ବ୍ୟତୀତ ଶକ୍ତିଙ୍କର ନାଭିସ୍ଥଳ ଏଠାରେ ପତିତ ହୋଇଥିବାରୁ ଏହା ଏକ ତନ୍ତ୍ରପୀଠ ରୂପେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି । ଏପରିକି ଶ୍ରୀମନ୍ଦିରରେ ବିମଳାଙ୍କ ଉପାସନା ବିଧିରୁ ଶକ୍ତିପୂଜାର ପ୍ରାଧାନ୍ୟ ବେଶ୍ ସୁସ୍ପଷ୍ଟ । ଏହାସହ ଭୁବନେଶ୍ୱର ନିକଟସ୍ଥ ହୀରାପୁରଠାରେ ଥିବା ଚଉଷଠିଯୋଗିନୀ ପୀଠ ଓଡ଼ିଶାର ତନ୍ତ୍ର ଉପାସନାର ଜ୍ୱଳନ୍ତ ନିଦର୍ଶନ ଅଟେ । ଏସବୁ ଓଡ଼ିଶାରେ ଶାକ୍ତଧର୍ମର ପ୍ରାଚୀନତାର ପ୍ରମାଣ ଦେଇ ଆସିଛନ୍ତି। ଏତଦ୍‌ଭିନ୍ନ ମା' ମଙ୍ଗଳା, ସାରଳା, ହିଙ୍ଗୁଳା, ଭଗବତୀ, ତାରିଣୀ, ତାରାତାରିଣୀ, ଚର୍ଚ୍ଚିକା, ସମଲେଶ୍ୱରୀ, କଟକଚଣ୍ଡୀ ଭଳି ଶତାଧିକ ଶକ୍ତିପୀଠ, ଶକ୍ତି ଉପାସନାର ମହନୀୟତାକୁ ପ୍ରତିପାଦିତ କରି ଆସୁଛନ୍ତି ।

# ଶିକ୍ଷିତଙ୍କ କ୍ଷେତ୍ରରେ ବେକାରି ସମସ୍ୟା



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ
ମୋ: ୯୪୩୮୦୭୦୮୪୯

ଦେଶରେ ବୈଶାଖର ଝାଞ୍ଜି ସାଙ୍ଗକୁ ଅଷ୍ଟାଦଶ ସାଧାରଣ ନିର୍ବାଚନର ଉଷ୍ମତା ବେଶ୍ ଅନୁଭୂତ ହେଉଛି । ନେତାଙ୍କ ଠାରୁ ଜନତାଙ୍କ ପର୍ଯ୍ୟନ୍ତ ଏବଂ ସରକାରଙ୍କ ଠାରୁ ଗଣମାଧ୍ୟମ ପର୍ଯ୍ୟନ୍ତ ସମସ୍ତେ ନିର୍ବାଚନକୁ ନେଇ ଉତ୍ସାହିତ ଥିବାବେଳେ ଆନ୍ତର୍ଜାତିକ ଶ୍ରମ ସଙ୍ଗଠନ (ଆଇ.ଏଲ୍.ଓ)ର ରିପୋର୍ଟ ଏବେ ଚିନ୍ତାର ବିଷୟ ପାଲଟିଛି । ଗତ ମାର୍ଚ୍ଚ ମାସ ୨୭ ତାରିଖ ଦିନ ଆଇ.ଏଲ.ଓ ପକ୍ଷରୁ ବେକାରି ହାର ସମ୍ପର୍କରେ ଯେଉଁ ରିପୋର୍ଟ ପ୍ରକାଶ ପାଇଥିଲା ସେଥିରେ ଭାରତ ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି । ଏହି ସର୍ଭେ ରିପୋର୍ଟ ଦର୍ଶାଇଛି ଯେ ଦେଶରେ ଦିନକୁ ଦିନ ବେକାରି ସମସ୍ୟା ଉକ୍ରଟ ହେବାରେ ଲାଗିଛି । ଏହା ଏବେ ଏକ ସାମାଜିକ ବ୍ୟାଧି ଭାବେ ଉଭା ହେଲାଣି । କେବଳ ସେତିକି ନୁହେଁ ବରଂ ନିରକ୍ଷର ବ୍ୟକ୍ତିଙ୍କ ତୁଳନାରେ ଶିକ୍ଷିତମାନଙ୍କ ଠାରେ ବେକାରି ସମସ୍ୟା ଖୁବ୍ ବେଶୀ । ନିରକ୍ଷର ବା ଅକ୍ଷର ପଢ଼ି କିମ୍ବା ଲେଖିପାରୁ ନଥିବା ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୩.୪ ପ୍ରତିଶତ କିନ୍ତୁ ସ୍ନାତକମାନଙ୍କ ବେକାରି ହାର ୨୯.୧ ପ୍ରତିଶତ। ପାଖାପାଖି ନିରକ୍ଷରଙ୍କ ତୁଳନାରେ ସ୍ନାତକମାନଙ୍କ ବେକାରି ହେବାର ଆଶଙ୍କା ପ୍ରାୟ ୯ ଗୁଣା ଅଧିକ । ସେହିଭଳି ମାଧ୍ୟମିକ କିମ୍ବା ତଦୁର୍ଦ୍ଧ ଶିକ୍ଷା ଲାଭ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୧୮.୪ ପ୍ରତିଶତ। ଅର୍ଥାତ୍ ନିରକ୍ଷର ବ୍ୟକ୍ତିଙ୍କ ତୁଳନାରେ ଏମାନେ ବେକାରି ହେବା ଆଶଙ୍କା ୬ ଗୁଣା ଅଧିକ । ବିଶେଷତଃ ଯେଉଁମାନେ ଉଚ୍ଚଶିକ୍ଷା ଲାଭ କରିଛନ୍ତି ସେମାନଙ୍କ ମଧ୍ୟରେ ବେକାରି ସମସ୍ୟା ସମୟାନୁକ୍ରମେ ଅଧିକ ଜଟିଳ ହୋଇଛି । ଯୁବକମାନଙ୍କ ମଧ୍ୟରେ ବେକାରି ହାର ବିଶ୍ୱ ତୁଳନାରେ ଭାରତରେ ଅଧିକ ରହିଛି । ଆନୁଷ୍ଠାନିକ କ୍ଷେତ୍ରରେ ଶିକ୍ଷିତ ଯୁବକମାନଙ୍କ ଅପେକ୍ଷା ଅଣଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ସଂଖ୍ୟା ତୁଳନାତ୍ମକ ଭାବେ ଅଧିକ । ଅର୍ଥାତ୍ ସରଳ ଭାବେ ବୁଝିଲେ ଭାରତରେ ଜଣେ ବ୍ୟକ୍ତି ଯେତେ ଅଧିକ ପାଠ ପଢ଼ିବେ ସେତେ ଅଧିକ ବେକାର ହେବେ । ଶିକ୍ଷିତଙ୍କ କ୍ଷେତ୍ରରେ ରୋଜଗାରର ପନ୍ଥା ଖୋଜିବା ଏକ କଷ୍ଟକର ବ୍ୟାପାର ହୋଇ ପଡ଼ିଲାଣି । ପାଠ ନପଢ଼ିଲେ କିମ୍ବା ଜ୍ଞାନ ଆହରଣ ନକରିଲେ ଜଣେ ବ୍ୟକ୍ତି ସାଧାରଣତଃ ରୋଜଗାରକ୍ଷମ ହୋଇ ନପାରେ କିନ୍ତୁ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ କୌଣସି କର୍ମ ସଂସ୍ଥାନରେ ଯୋଗ ନଦେଇ ବେକାରୀ ଭାବେ ଜୀବନ ବିତାଇବା ନିଶ୍ଚିତ ରୂପେ ଶିକ୍ଷା ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଦେଶରେ ଶିକ୍ଷିତ ଯୁବକ ଯୁବତୀମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରି ଅଣଶିକ୍ଷିତମାନଙ୍କ ପାଇଁ କର୍ମସଂସ୍ଥା ଯୋଗାଇଦେବା ଉଦ୍ଦେଶ୍ୟରେ ଭାରତ ସରକାର ଅନେକ ଗୁଡ଼ିଏ ଯୋଜନା ଯଥା ପ୍ରଧାନମନ୍ତ୍ରୀ ସ୍ୱ-ନିଧି ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାର ପ୍ରୋତ୍ସାହନ ଯୋଜନା,ମନରେଗା ଯୋଜନା, ସ୍କିଲ ଇଣ୍ଡିଆ ଯୋଜନା,ଜାତୀୟ ଜୀବିକା ମିଶନ ଯୋଜନା,ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା,ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାମାନ ପ୍ରଣୟନ କରିଥିଲେ ମଧ୍ୟ ଶିକ୍ଷିତ ବେକାରୀ ହଟାଇବାରେ ସମର୍ଥ ହୋଇପାରିନଥିଲେ । ଭାରତ ବିଶ୍ୱଗୁରୁ ଆଡ଼କୁ ଅଗ୍ରସର ହେଉଥିବାର ନାରା ସରକାର ଦେଉଥିବା ସମୟରେ ବେକାରୀ ସମସ୍ୟାକୁ ନେଇ ଆନ୍ତର୍ଜାତିକ ଶ୍ରମ ସଙ୍ଗଠନର ମତ ରାଜନୈତିକ କ୍ଷେତ୍ରଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ବୈଦିକ ଯୁଗରୁ ଭାରତ ସଦାସର୍ବଦା ତାର ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଆସିଛି । ଭାରତର ଶିକ୍ଷା ବ୍ୟବସ୍ଥା ବିଶ୍ୱରେ ସର୍ବ ପୁରାତନ ଭାବେ ସର୍ବଜନ ବିଦିତ । ବ୍ରିଟିଶ ଶାସନ ପୂର୍ବରୁ ଭାରତର ଶିକ୍ଷା ବ୍ୟବସ୍ଥାରେ ଜାତି,ଧର୍ମ,ବର୍ଣ୍ଣର କୌଣସି ଭେଦ ଭାବ ନଥିଲା । ଅଧିକାଂଶ ଲୋକ ଶିକ୍ଷିତ ଥିଲେ । ତତ୍କାଳୀନ ଶିକ୍ଷା ବ୍ୟବସ୍ଥା କୌଶଳ, ଶୃଙ୍ଖଳା, ଦକ୍ଷତା, କର୍ମ ଏବଂ ଆତ୍ମନିର୍ଭରଶୀଳ କୈନ୍ଦ୍ରିକ ଥିଲା । ଶିକ୍ଷା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଏହାକୁ ଜ୍ଞାନର ଏକ ମାଧ୍ୟମ ବୋଲି ବିବେଚନା କରି ସମସ୍ତେ ଜ୍ଞାନ ଆହରଣ କରି ନିଜ ନିଜର ଜୀବିକାର୍ଜନ କରୁଥିଲେ । କିନ୍ତୁ ବ୍ରିଟିଶ ଶାସନ କାଳରେ ଭାରତର ଶିକ୍ଷା ବ୍ୟବସ୍ଥା ଅବକ୍ଷୟମୁଖୀ ହୋଇଥିଲା । ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷ ମଧ୍ୟରେ ଭାରତର ଶିକ୍ଷା ବ୍ୟବସ୍ଥାରେ ରାଧାକୃଷ୍ଣନ କମିଶନ(୧୯୪୮), ମୁଦାଲୀୟର କମିଶନ୍(୧୯୫୨), କୋଠାରୀ କମିଶନ୍(୧୯୬୪), ଜଶପାଲ୍ କମିଶନ୍(୧୯୯୨)ଙ୍କ ସୁପାରିଶ କ୍ରମେ ଶିକ୍ଷା କ୍ଷେତ୍ରରେ ପୂର୍ବ ଗୌରବକୁ ଫେରାଇ ଆଣିବା ପାଇଁ ଅନେକ ପରିବର୍ତ୍ତନ କରାଯାଇଛି । ଶିକ୍ଷା ବ୍ୟବସ୍ଥାରେ କ୍ରାନ୍ତିକାରୀ ସଂସ୍କାର ଆଣି କେନ୍ଦ୍ର ସରକାର ଦେଶରେ ସଦ୍ୟ ସଦ୍ୟ ନୂତନ ଶିକ୍ଷାନୀତି ୨୦୨୦ ପ୍ରଣୟନ କରିଛନ୍ତି । ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷର ଲମ୍ବା ଯାତ୍ରା ମଧ୍ୟରେ ଭାରତରେ ଅନେକ କିଛି ପରିବର୍ତ୍ତନ ହୋଇଛି । ଏଠି ସରକାର ବଦଳିଛି ଏବଂ ଅନୁରୂପ ଭାବେ ଯୋଜନାରେ ମଧ୍ୟ ପରିବର୍ତ୍ତନ ହୋଇଛି କିନ୍ତୁ ଯେଉଁ ଶିକ୍ଷା ବ୍ୟବସ୍ଥା ଏକ ରାଷ୍ଟ୍ରର ମେରୁଦଣ୍ଡ ସଦୃଶ ସେ ବିଭାଗରେ ଆମେ କେଉଁଠି ନା କେଉଁଠି ବିଫଳ ହୋଇଛେ ବୋଲି ଆମକୁ ମାନି ନେବାକୁ ପଡିବ । ଅଲ୍ ଇଣ୍ଡିଆ ସର୍ଭେ ଅନ ହାୟର ଏଜୁକେଶନର ରିପୋର୍ଟ ଅନୁସାରେ ୨୦୧୬-୧୭ ଶିକ୍ଷା ବର୍ଷରେ ଆମ ଦେଶରେ ସମୁଦାୟ ବିଶ୍ୱବିଦ୍ୟାଳୟ ସଂଖ୍ୟା ୮୬୪ ଥିବାବେଳେ ୨୦୨୦-୨୧ରେ ଏହାର ସଂଖ୍ୟା ୨୮.୮ ପ୍ରତିଶତ ବୃଦ୍ଧି ପାଇ ୧୧୧୩ ହୋଇଥିଲା ଅନୁରୂପ ଭାବେ ମହାବିଦ୍ୟାଳୟ ସଂଖ୍ୟା ୪୦,୦୨୬ରୁ ୯.୪ ପ୍ରତିଶତ ବୃଦ୍ଧିପାଇ ୪୩,୭୯୬ ହୋଇଥିଲା । ଶିକ୍ଷାନୁଷ୍ଠାନର ବୃଦ୍ଧି ସାଙ୍ଗକୁ ପ୍ରତିବର୍ଷ ଭାରତରେ ସ୍ନାତକ ପାସ୍ କରୁଥିବା ପିଲାଙ୍କ ସଂଖ୍ୟା ମଧ୍ୟ ଆଶାତୀତ ବୃଦ୍ଧି ପାଉଛି । ନୂତନ ଅର୍ଥନୀତି ପଲିସି(୧୯୯୧)ରେ ଘରୋଇକରଣ, ଜଗତୀକରଣ ଓ ଉଦାରୀକରଣ ଯୋଗୁଁ କର୍ପୋରେଟ ସେକ୍ଟରରେ ପ୍ରତି ବର୍ଷ ଅନେକ ନିଯୁକ୍ତି ପ୍ରକାଶ ପାଉଥିଲେ ମଧ୍ୟ ଉପଯୁକ୍ତ ଦକ୍ଷତାର ଅଭାବ ଯୋଗୁଁ ସ୍ନାତକଧାରୀମାନେ ବଜାରର ଚାହିଦାକୁ ପୁରଣକରି ପାରୁନାହାନ୍ତି ଫଳରେ ସେମାନେ କୌଣସି କ୍ଷେତ୍ରରେ ନିଯୁକ୍ତି ପାଇ ରୋଜଗାରକ୍ଷମ ହୋଇପାରୁନାହାନ୍ତି । ଏହା ପ୍ରମାଣ କରୁଛି ଯେ ଶିକ୍ଷା ବ୍ୟବସ୍ଥା ଗୁଣାତ୍ମକ ଅପେକ୍ଷା ପରିମାଣାତ୍ମକ ହୋଇଯାଇଛି । ନହେଲେ ଦେଶରେ ଚତୁର୍ଥ ଶ୍ରେଣୀ ପଦ ପାଇଁ ପି.ଏଚ.ଡି ଏବଂ ଏମ.ଫିଲ୍ ଡିଗ୍ରୀଧାରୀ ଆବେଦନ କରୁନଥାନ୍ତେ । ଶିକ୍ଷା ବ୍ୟବସ୍ଥା ପ୍ରତିଯୋଗିତାମୂଳକ ହୋଇଯିବାରୁ କେବଳ ଦକ୍ଷତା ସମ୍ପନ୍ନ ପିଲାମାନେ ନିଯୁକ୍ତି ପାଇଥାନ୍ତି । ଶିକ୍ଷାରେ ସୃଜନାତ୍ମକ ଚିନ୍ତାଧାରାର ଅଭାବ ଯୋଗୁଁ ଅନ୍ୟମାନେ ନିଯୁକ୍ତିର ଅନ୍ୟାନ୍ୟ ପନ୍ଥା ନଖୋଜି ହତୋତ୍ସାହିତ ହୋଇପଡନ୍ତି ଫଳରେ ଆତ୍ମହତ୍ୟା ଭଳି ଘୃଣ୍ୟ ପନ୍ଥା ଆପଣାଇବାକୁ ପଛାନ୍ତି ନାହିଁ । ଗ୍ଲୋବାଲ ଆଇଆଇଟି ଆଲୁମିନି ସପୋର୍ଟ ଗ୍ରୁପର ପ୍ରତିଷ୍ଠାତା ଧୀରଜ ସିଂଙ୍କ ମତରେ ସର୍ବଭାରତୀୟ ସ୍ତରରେ ଉଚ୍ଚ ପ୍ରତିଯୋଗିତା ମଧ୍ୟରେ ପ୍ରବେଶିକା ପରୀକ୍ଷା ଦେଇ ଭାରତର ପ୍ରତିଷ୍ଠିତ ଆଇ.ଆଇ.ଟିରେ ଅଧ୍ୟୟନ କରୁଥିବା ୩୦ ରୁ ୪୦ ପ୍ରତିଶତ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ନିଯୁକ୍ତିକୁ ନେଇ ଏବେ ମଧ୍ୟ ସମସ୍ୟା ଲାଗି ରହିଛି ରହିଛି । କଠିନ ପରିଶ୍ରମ ସତ୍ତ୍ୱେ ଚାକିରୀ ନପାଇ ଛାତ୍ରଛାତ୍ରୀମାନେ ମାନସିକ ଚାପରେ ରହୁଛନ୍ତି । ଏହାର ପରିଣାମ ସ୍ୱରୂପ ଦିନକୁ ଦିନ ଛାତ୍ରଛାତ୍ରୀ ମାନଙ୍କର ଆତ୍ମହତ୍ୟା ବୃଦ୍ଧି ପାଉଛି । ଭାରତର ଉଚ୍ଚଶିକ୍ଷା ତୁଳନାତ୍ମକ ଭାବେ ବିଦେଶର ଶିକ୍ଷାଠାରୁ ଢେର ଶସ୍ତା ସତ୍ତ୍ୱେ ମଧ୍ୟ କେତେକ ଭାରତୀୟ ଛାତ୍ରଛାତ୍ରୀ କାନାଡା,ସିଙ୍ଗାପୁର, ଆମେରିକା,ବ୍ରିଟେନ,ଅଷ୍ଟ୍ରେଲିଆ ଆଦି ଦେଶରେ ଉଚ୍ଚଶିକ୍ଷା କରିବାକୁ ପସନ୍ଦ କରନ୍ତି । ବିଶ୍ୱଗୁରୁ ଭାବେ ଭାରତ ଆଗକୁ ବଢୁଥିବା ସମୟରେ ଭାରତର ବିଶ୍ୱବିଦ୍ୟାଳୟ ବିଶ୍ୱର ଶ୍ରେଷ୍ଠ ଶହେ ବିଶ୍ୱବିଦ୍ୟାଳୟରେ ସ୍ଥାନ ନପାଇବା,ଶିକ୍ଷା ପାଇଁ ବ୍ୟୟ ବରାଦ ଆଶାନୁରୂପ ଭାବେ ବୃଦ୍ଧି ନପାଇବା ଆମ ଶିକ୍ଷା ବ୍ୟବସ୍ଥାର ଅଭାବନୀୟ ଦୃଶ୍ୟ । ବିଶ୍ୱମହାମାରୀ ସମୟରେ କେତେକ ଜରୁରୀକାଳିନ ସେବା ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିଭାଗକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ରଖିଥିଲେ ସରକାର । ସରକାରଙ୍କ ଦୃଷ୍ଟିରେ ଏହା ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇନଥିବାରୁ ସରକାର ବିକଳ୍ପ ଶିକ୍ଷା ବ୍ୟବସ୍ଥାକୁ ଆପଣାଇବା ପରିବର୍ତ୍ତେ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ପାଠ୍ୟ ଖସଡ଼ାକୁ କାଣ୍ଟଛାଣ୍ଟ କରି ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ ମଧ୍ୟ ପୂର୍ବ ପାଠ୍ୟ ଖସଡ଼ା ସଂଯୋଜିତ ବିଷୟ ଗୁଡ଼ିକ କିଭଳି ଛାତ୍ରଛାତ୍ରୀମାନେ ପଢ଼ିବେ ତାହାକୁ ନେଇ କୌଣସି ନିଷ୍ପତି ନେଇନଥିଲେ ସରକାର । ସେ ସମୟରେ ସର୍ବାଧିକ କ୍ଷତିଗସ୍ତ ହୋଇଥଲା ଶିକ୍ଷା ବିଭାଗ । ଅତୀତରେ ଅନେକ ପ୍ରାକୃତିକ ଦୈବ ଦୁର୍ବିପାକ ଯୋଗୁଁ ମଧ୍ୟ ପରୀକ୍ଷାରେ ବିଳମ୍ବ,ପରୀକ୍ଷା ଫଳପ୍ରକାଶରେ ବିଳମ୍ବ ଆଦି ନାନାଦି ଅସୁବିଧାର ସମ୍ମୁଖୀନ ହୋଇଛି ଏହି ବିଭାଗ । କେବଳ ସେତିକି ନୁହେଁ ଅଧିକାଂଶ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ ଅଣଶିକ୍ଷକ ପଦ ଖାଲି ରହିବା, ନିୟମିତ ବେତନ ପାଇଁ ଶିକ୍ଷକମାନଙ୍କ ଆନ୍ଦୋଳନ, ଶିକ୍ଷକମାନଙ୍କର ଶ୍ରେଣୀ ବିଭକ୍ତ, ସେମାନଙ୍କର ନିୟମିତ ପଦୋନ୍ନତିରେ ଅନିୟମିତତା,ଶିକ୍ଷାନୁଷ୍ଠାନରେ ଆତ୍ୟଧିକ ରାଜନୈତିକ ହସ୍ତକ୍ଷେପ, ଶିକ୍ଷାବିଭାଗର ଶିକ୍ଷକଙ୍କ ହାତରେ ନରହି ପ୍ରଶାସକଙ୍କ ହାତରେ ରହିବା, କଡା ସୁରକ୍ଷା ସତ୍ତ୍ୱେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହେବା,ପରୀକ୍ଷା ଖାତା ମୂଲ୍ୟାୟନରେ କୋହଳ ମନୋଭାବ ଯୋଗୁଁ ନିମ୍ନଗାମୀ ହେଉଛି ଶିକ୍ଷା ବ୍ୟବସ୍ଥା । ଫଳରେ ଶିକ୍ଷିତ ହୋଇମଧ୍ୟ ଛାତ୍ରଛାତ୍ରୀମାନେ ଆଶାନୁରୂପ କର୍ମନିଯୁକ୍ତି ପାଇପାରୁ ନାହାନ୍ତି ଯାହା ବେକାରୀ ସମସ୍ୟାକୁ ଆହୁରି ଉକ୍ରଟ କରୁଛି । ଆର୍. ବି. ଆଇ ର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ମଧ୍ୟ ଏହି ବେକାରୀ ସମସ୍ୟାକୁ ନେଇ ଏକଦା କହିଥିଲେ ଯେ, ତ୍ରୁଟିପୂର୍ଣ୍ଣ ଭାରତୀୟ ଶିକ୍ଷା ବ୍ୟବସ୍ଥା ଭାରତୀୟ ଅର୍ଥନୀତିର ବିକାଶ ଉପରେ ଖୁବ୍ ଶୀଘ୍ର ପ୍ରଭାବ ପକାଇବ,ତେଣୁ ଏହା ସେହି ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ନୁହେଁ ତ ? ଯଦି ଏହା ହୋଇଥାଏ ତେବେ ସମୟ ଆସିଛି ଏ ବାବଦରେ ଆମକୁ ସଚେତନ ହେବାକୁ ପଡିବ । ଉପଯୁକ୍ତ ଭିତ୍ତିଭୂମି ସରଞ୍ଜାମ ଆଧାରରେ ଶିକ୍ଷାନୁଷ୍ଠାନ ଖୋଲିବା,ପରିମାଣାତ୍ମକ ଶିକ୍ଷା ପରିବର୍ତ୍ତେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା,ଡ୍ରପ୍ ଆଉଟ ହାରକୁ ହ୍ରାସ କରିବା,ଶିକ୍ଷା ନୀତିରେ ନୀତିଶିକ୍ଷାର ପ୍ରୟୋଗ କରିବା,ଘୋଷାପାଠ ତଥା ନୋଟ ବୁକ୍ ଧରି ପଢ଼ିବା ଅଭ୍ୟାସରୁ ଶିକ୍ଷାର୍ଥୀମାନଙ୍କୁ ମୁକ୍ତ କରିବା, ଯୁବବର୍ଗଙ୍କୁ ଧନ୍ଦାମୂଳକ ଶିକ୍ଷା ତଥା ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା,ପ୍ରତିଯୋଗିତା ମୂଳକ ଶିକ୍ଷାରୁ ଦୂରେଇ ଜୀବିକାର୍ଜନ ମୂଳକ ଶିକ୍ଷାକୁ ଆପଣାଇବା, ନିର୍ଭରଶୀଳ ଶିକ୍ଷାନୀତି ବଦଳରେ ଆତ୍ମନିର୍ଭରଶୀଳ ଶିକ୍ଷାନୀତି ଆପଣାଇବା, ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ଆଦିକୁ ଗ୍ରହଣ କଲେ ହୁଏତ ଭବିଷ୍ୟତରେ ଏ ଅବସ୍ଥାରେ କେତେକ ମାତ୍ରାରେ ପରିବର୍ତ୍ତନ ଆଶା କରାଯାଇପାରେ । ନହେଲେ ଦିନ ଆସିବ ଆମେ ସମସ୍ତେ ଶିକ୍ଷିତ ହୋଇମଧ୍ୟ ବେକାର ଥିବା ଏବଂ ଚିନ୍ତା କରୁଥିବା ଆମେ ଶିକ୍ଷିତ ବେକାର ନା ବେକାର ଶିକ୍ଷିତ ? ଆମେରିକାର ପ୍ରସିଦ୍ଧ ଦାର୍ଶନିକ ଖଲିଲ୍ ଜିବ୍ରାନଙ୍କ ମତରେ 'ଯେଉଁ ଶିକ୍ଷା ଓ ବିଶ୍ୱାସ ସାରାଜୀବନ ଖାଲି କଷଣ ଯୋଗାଏ,ସେହି ଶିକ୍ଷା ଓ ବିଶ୍ୱାସକୁ ଶତ ଧିକ୍' । ବାସ୍ତବିକ୍ ଯଦି ଆମର ଶିକ୍ଷା ବ୍ୟବସ୍ଥା ଶିକ୍ଷିତ ବେକାର ସୃଷ୍ଟି କରୁଛି ତାହେଲେ ସେ ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଅଳ୍ପ ଗଳ୍ପ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୩ ମଇ ୨୦୨୪ ଶୁକ୍ରବାର


# ବାପା



ସେଦିନ ଖୁଡ଼ିଙ୍କ ମୋବାଇଲରୁ ଭିଡ଼ିଓଟିଏ ଦେଖି କୁନା ଚିତ୍କାର କରୁଥିଲା ।ଏକତା ହିଁ ପ୍ରକୃତ ବଳ। ତୁମେ ଠିକ କହୁଥିଲ ଜେଜେମା। ଦେଖ ଦେଖ ବଣର ରାଜା ସିଂହର ଶିକାର ସାଜିଥିବା ମଇଁଷିକୁ ବଞ୍ଚାଇବାକୁ ଯାଇ ଅନ୍ୟ ସବୁ ମଇଁଷିମାନେ ଦଳପତିଙ୍କ ସହ ମିଳିତ ଆକ୍ରମଣ କରିବା ଫଳରେ ମଇଁଷିର ଜୀବନ ବଞ୍ଚିବା ସହ ସିଂହ ପଳେଇଯାଉଛି ଦେଖ କହି ଖୁସିରେ କୁନା ତାଳି ମାରୁଥିଲା ବେଳେ ଜେଜେମାଆ ଦେଖିକି ଖୁସି ହେଲେ ସତ ହେଲେ କୁନାକୁ ମନଲଗାଇ ପାଠ ପଢିବାକୁ କହିଥିଲେ। କୁନା ସେଦିନ ଏକତାହିଁ ବଳ କଥାଟିରେ ଏତେମାତ୍ରାରେ ପ୍ରଭାବିତ ହୋଇଥିଲା ଯେ, ପାଠ ବହି ତଳେ ଜହ୍ନମାମୁଁ ବହି ରଖି ଧାରାବାହିକ ମହାଭାରତ ଗପରେ ପଞ୍ଚୁପାଣ୍ଡବଙ୍କ ଏକତା ବିଷୟରେ ପଢୁଥିଲା ବେଳେ ବାପା ଦେଖିନେଇଥିଲେ। ଜେଜେମା ଯେତେ ଛଡ଼େଇଲେ ମଧ୍ୟ କୁନାର ସେଦିନ ମାଡ଼ ଖାଇବା ଯୋଗ ଥିଲା। ସକାଳୁ ସକାଳୁ କୁନା ଉଠି ଛାତ ଉପରକୁ ଯାଇ ଦେଖିଲା ତା ବୋଉ ଚଉରା ପୂଜା ସାରି ତଳକୁ ଯିବା ପରେ ଜେଜେମା ଚଡ଼େଇ ଗିନା ଦୁଇଟିରେ ଚାଉଳ ଓ ପାଣି ଭରି ଥୋଉଛନ୍ତି। ଅନେକ ଘରଚଟିଆ ପକ୍ଷୀ ଚାଉଳ ଖାଇବାକୁ ଯାଇ କିଛି ଖାଉଥିଲେ ତ କିଛି ବିଞ୍ଚି ହୋଇଯାଉଥିଲା। କୁନା ତଳକୁ ଦଉଡି ଯାଇ ବାପା ଆଣିଥିବା ନୂଆ ହେମଦସ୍ତାଟି ଧରି ଆସି ଚାଉଳ ଗୁଣ୍ଡ କରିଦେବା ପରେ ପକ୍ଷୀମାନେ ସହଜରେ ଖାଇପାରୁଥିବା ଦେଖି ଜେଜେମା ବହୁତ ଖୁସି ହେଲେ କଣ ହେବ ବାପା ତଳୁ ପାଠ ପଢିବା ବେଳ ହୋଇନିକି ତୋ ପାଇଁ କହି ବିରକ୍ତ ହେଉଥିଲେ ତ କୁନା ମନେ ମନେ ଭାବୁଥିଲା ଏ ବାପା ମାନେ ଭାରି ନିଷ୍ଠୁର। ଏମାନଙ୍କର ମନ ବୋଲି ଟିକେ ନାହିଁ। ଖାଲି ଜେଜେ, ଜେଜେମା, ଦାଦା, ଖୁଡି ଅଛନ୍ତି ଏକାଠି ବୋଲି ସିନା ତାକୁ ଜଣାପଡୁନି।

ଜେଜେ ତାକୁ ପିଠିରେ ବସେଇ ଚାଲ ଘୋଡ଼ା ଚାଲ କହିବା ବେଳେ ବାପା କୁହନ୍ତି ପିଲାଟାକୁ ଗେଲବସର କରିବାରୁ ସେ ପାଠରେ ମନ ଦେଉନି। ଜେଜେମା ପାଖରେ ରାତିରେ ଶୋଇ ଗପ ଶୁଣୁ ଶୁଣୁ ବାପା ଭିଡ଼ି ଆଣି ଏକୁଟିଆ ଡ୍ରଇଂ ରୁମରେ ଶୋଇବାକୁ ପରାମର୍ଶ ଦିଅନ୍ତି ଓ କହନ୍ତି ଏକୁଟିଆ ଶୋଇଲେ ଡର କମିବ ସାହସୀ ହେବୁ କିନ୍ତୁ ସେହି ଡ୍ରଇଂ ରୁମ ବାରଣ୍ଡାରେ ରାତି ସାରା ଶୋଇରହିଥାଆନ୍ତି ବାପା। କୁନା ଭାବେ ଭୋରରୁ ପାଠ ପଢିବାକୁ ନିଦ ଭାଙ୍ଗିବାକୁ ବାପାଙ୍କର ଏସବୁ ନାଟକ । ଚାରିଟା ପରେ ସ୍କୁଲରୁ ଆସି ଦାଦାଙ୍କ ସଙ୍ଗେ ଫୁଟୁବଲ, ଭଲିବଲ, କ୍ରିକେଟ ଖେଳୁଥିଲା ବେଳେ ବାପା ଡାକ ଛାଡ଼ନ୍ତି ଗୋଠବାହୁଡ଼ି ଗଲେଣି, ପକ୍ଷୀମାନେ ନୀଡ଼ ଫେରନ୍ତା ହେଲେଣି, ସଞ୍ଜ ମଧ୍ୟ ନଇଁ ଆସିଲାଣି। ଆଜି ଠାକୁର ଘରେ ଜେଜେ ଜେଜେବାପାଙ୍କ ପାଖରେ ଜଣାଣ କରି ପ୍ରଣାମୀ ଜଣାଇବୁ ନାହିଁକି କୁନା ? ତ ଦାଦା ପୁତୁରା ଖେଳ ଛାଡ଼ି ଆସନ୍ତି ସତ ହେଲେ ମୁନା ଭିତରେ ଭିତରେ ଗାଳି କରୁଥାଏ ବାପାଙ୍କୁ। କେବଳ ଖୁଡ଼ିଙ୍କ ସଙ୍ଗେ ରବିବାର ଦିନ ଆକ୍ୱାରିଅମ ସଫା କରିବା, ବାଡ଼ି ବଗିଚାରେ ଥିବା ଫର୍ଣ୍ଣ ଜାତୀୟ ଗଛକୁ ସୁନ୍ଦର ସୁନ୍ଦର ଆକୃତି ଦେଇ ସଜାଡ଼ି କାଟିବା ସହ ଋତୁ ଅନୁଯାଇ ଫୁଲ ଗଛ ଲଗେଇବା ବାଡ଼ି ବଗିଚା ପରିସ୍କାର କଲାବେଳେ ବାପା କିଛି କହୁନଥିଲେ ମଧ୍ୟ ରବିବାର ଦିନ ରାତିରେ ଦଶଟା ପରିବର୍ତ୍ତେ ବାରଟା ଯାଏଁ ତାକୁ ପଢ଼ିବାକୁ ହୁଏ। ପୁଣି ଭୋରରୁ ବାପା ଡାକ ଛାଡ଼ନ୍ତି ଉଠୁ ଉଠୁ ପାହାନ୍ତି ପାଠ ମନେରହିବ, ପଢ଼ ଟିକେ କହି ନିଜେ ବି ବସିଯାଆନ୍ତି ତ କୁନା ଚିଡୁଥାଏ ମନେ ମନେ ଯେ ବାପା କେଡ଼େ ନିଷ୍ଠୁର। ଦିଘଡ଼ି ଶୋଉନାହାଁନ୍ତି କି ଶୁଆଇ ଦେଉନାହାଁନ୍ତି। ହେଲେ କୁନା ଯେବେ କୃତିତ୍ୱର ସହ ସପ୍ତମ ଶ୍ରେଣୀରେ ଏନ. ଆର. ଟି. ଏସ ପରୀକ୍ଷାରେ ତାଙ୍କ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କଲା ବାପାଙ୍କ ଖୁସି ଦେଖେ କିଏ ! କେତେ ମିଠା ବାଣ୍ଟିଲେ, କେତେ ଚିହ୍ନା ଜଣା ଲୋକଙ୍କୁ ଡାକି ହାକି ମୋ ପୁଅ କୁନା ସଫଳତା ହାସଲ କରିଛି କହିଲେ ତାର ହିସାବ ନଥିଲା। ସେଦିନ ପ୍ରଥମ କରି କୁନାକୁ ଲାଗିଥିଲା ବାପା ତାକୁ କେତେ ଭଲପାଆନ୍ତି ପୁଣି ମନ ବିଦ୍ରୋହ କରେ ତା ସଫଳତାକୁ ଭଲ


ସୁନନ୍ଦା ମହାନ୍ତି


ପାଆନ୍ତି ତାକୁ ନୁହେଁ।

ଯେଉଁଦିନ ସେ ଘର ଛାଡ଼ି ଦାଦା ଖୁଡିଙ୍କ ସଙ୍ଗେ ସହରକୁ ପାଠ ପଢ଼ିବାକୁ ଗଲା ବାପା କାନ୍ଦୁଥିଲେ ଭୋ ଭୋ। ବୋଉ ତାକୁ ଗେଲ କରି ତା ନିଜ ଆଖିରୁ ଲୁହ ପୋଛି ଦେଲା ବେଳେ ଜେଜେ ଓ ଜେଜେମା କାନ୍ଦି ପକେଇ କହୁଥିଲେ ମନ ଦେଇ ପଢ଼ିବୁ ସେଠି। ବାପା ପରି ଆକଟ କରିବାକୁ, ମଣିଷ ପରି ମଣିଷ କରିବାକୁ ସେଠି କେହି ନାହିଁ। ଦାଦା ଖୁଡି ଗେଲବସର କରିବେ କିନ୍ତୁ ଭାଗ୍ୟ ଡୋରି ଏଣିକି ତୋ ନିଜ ହାତରେ। କୁନା ଭାବୁଥିଲା ବୋଉ ବାପା, ଜେଜେ ଜେଜେମାଙ୍କ କଥା ଶୁଣି ପ୍ରତିବାଦ କରୁନାହାଁନ୍ତି କାହିଁକି ?ଏଠି ସମସ୍ତେ ଏକାଠି ଥିଲା ବେଳେ ବାପାଙ୍କ କଟକଣା ଯୋଗୁଁ ସେ ଖୁସି ମଜ୍ଜା କରିପାରୁନଥିଲା ସେଠି ସେ ଦାଦା ଖୁଡ଼ିଙ୍କ ପାଖରେ ଖୁବ ଆରାମରେ ରହିବ। ଖେଳିବ, ଟିଭି ଦେଖିବ, ମୋବାଇଲ ଶିଖିବ ଇତ୍ୟାଦି ଇତ୍ୟାଦି କେତେ କଣ। ଖୁସି ଖୁସିରେ ଗାଡ଼ିରେ ବସିଲା ବେଳେ ବାପା କିଛି ନକହି ଖାଲି ଗାମୁଛାରେ ମୁହଁ ପୋଛି ଚାଲିଥିଲେ ଓ ଫୁସ ଫୁସ କରି କହୁଥିଲେ ଛୋଟୁର ଚାକିରି ହେଲାନି ଯେ ମୋ ଘର ଉଜୁଡ଼ି ଗଲା। ବାପାଙ୍କ ଶେଷ କେଇପଦ କୁନା କାନରେ ବାଜିଥିଲା ତ ସେ ଭାବୁଥିଲା ବାପାଙ୍କୁ ଯେତେ ମାଠିବୁ ମାଠ.. ସେ ସେଇ ଦରପୋଡା କାଠ। ଏମିତି କଣ କୁହନ୍ତି ? ଦାଦାଙ୍କ ଚାକିରି ସହରରେ ହେଲା ବୋଲି ସିନା ସେ ସହରରେ ରହି ଏନ. ଆର. ଟି. ଏସ ପରୀକ୍ଷାର ସ୍କଲାରସିପ ଟଙ୍କା ପାଇବା ସହ ସହରୀ ସଭ୍ୟତା ଶିଖି ପାରିବ ! ଜେଜେ, ଜେଜେମା ଓ ବୋଉ ଖଣ୍ଡେ ବାଟ ଗାଡ଼ି ପଛେ ଆସି ଲେଉଟି ଯାଇଥିଲେ। କୁନା ଖୁସିରେ ଗାଡ଼ିର ପଛ ସିଟରେ ଖୁଡ଼ିଙ୍କ ପାଖେ ବସି ତାଙ୍କ ଉପରେ ଆଉଜୁ ଆଉଜୁ ଶୋଇ ଶୋଇ ସ୍ୱପ୍ନ ଦେଖୁଥିଲା ସହରର। ପୁଣି ଦେଖୁଥିଲା ଗାଁର ନଈକୂଳ, ତୋଟାମାଳ, ଆମ୍ବବଉଳ ଭିତରେ ପ୍ରଜାପତିମାନେ ତାକୁ ହାତ ଠାରି ଡାକିବା ବେଳେ ସେ ସେମାନଙ୍କୁ ହାତ ହଲେଇ ହଲେଇ ବିଦାୟ ଜଣାଉଥିଲା ବେଳେ ଗାଁର ମହାଦେବ ମନ୍ଦିର ଉପରେ ଉଡୁଥିବା ନେତକୁ ବାପା ଯେମିତି ପ୍ରଣାମ ଜଣାଇବାକୁ କହୁଥିଲେ ତ ସେ ପ୍ରଣାମ କରୁ କରୁ ପଡ଼ି ଯାଇଥିଲା ତ ତା ଦେହରୁ ଧୂଳି ଝାଡ଼ି ବାପା କହୁଥିଲେ ତୁ ବୀର, ତୁ ସାହସୀ, ତୁ ମୋ ରାଜାପୁଅଟି ମୋର ଉଠୁ ଉଠୁ କହି ବାପା ହାତ ଧରି ଡାକୁଥିଲେ ତ କୁନାର ନିଦ ଭାଙ୍ଗିଯାଇଥିଲା।

ସେ ଗାଡ଼ିର ପଛ ସିଟରୁ ତଳକୁ ଖସି ପଡ଼ିଥିଲା। ଖୁଡି ଆଗସିଟରେ ବସି, ଜି. ପି. ଏସ କଣ୍ଟ୍ରୋଲ କରୁଥିଲେ ଓ ମଝିରେ ମଝିରେ ତାଙ୍କ ପସନ୍ଦର ଗୀତ ଶୁଣୁଥିଲେ। କୁନା ନିଜକୁ ସମ୍ଭାଳି ଉଠିଲା। ନିଜେ ବୋତଲ ଖୋଲି ପାଣି ପିଇଲା। ଘରେ ପଡ଼ିଗଲା ବେଳେ ଜେଜେ, ଜେଜେମା, ବୋଉ ଦଉଡ଼ି ଆସି ମୋ ଧନର କୋଉଠି କଣ ହେଇଛି ଦେଖି ଦେଖି ବୋଲି କହିବାକୁ କେହି ନଥିଲେ କି ବାପା ଛାତିକୁ ଆଉଜେଇ ନେଇ କହୁନଥିଲେ ଦେଖିଚାହିଁ ନ ଚାଲିଲେ ଝୁଣ୍ଟିବାକୁ ହୁଏ ପୁଅ ଦେଖି ଚାହିଁ ଚାଲିବୁ। ଗାଡ଼ି ସହର ଭିତରେ ପଶି ସାରିଥିଲା। ପିଲାଦିନକୁ ସବୁଦିନପାଇଁ ପଛରେ ପକାଇ କୁନା ଆସିଥିଲା ସହରକୁ ବୋଲି ସେ ଜାଣି ପାରିନଥିଲା। ଗାଡ଼ି କ୍ୱାଟର ଦ୍ୱାରରେ ରହିବାରୁ ଦାଦାଙ୍କ ସଙ୍ଗେ ସେ ଆଜି ପ୍ରଥମକରି ବ୍ୟାଗ ସବୁକୁ ବୋହି ନେଉଥିଲା ବେଳେ ବାପା ମନେପଡୁଥିଲେ ଖୁବ। ସତେ ଯେମିତି କହୁଥିଲେ ଦେଖିକି ପଢ଼ିବୁ। ମତେ ଦେ ମୁଁ ନେଇଯାଉଛି ତୁ ଭିତରକୁ ଯାଆ। କୁନା ପଛକୁ ଚାହୁଁଥିଲା ହେଲେ କେହିବି ନଥିଲେ।


ସାକ୍ଷୀଗୋପାଳ, ପୁରୀ
ମୋ-୯୦୪୦୯୭୭୩୨୭


# ବିକାଶ


ଶିବାଶିଷ ପାଢ଼ୀ




ପିଚୁ ରାସ୍ତା କିନ୍ତୁ ପିଚୁ ଅଂଶ ଦେଖା ଯାଏନାହିଁ କେବେ । ଦେଖାଯାଏ ତ କେବଳ ଘନ କୋଇଲାଗୁଣ୍ଡ। ତା'ଉପରେ କେବେ କେବେ ଛିଞ୍ଚାଯାଏଁ ପାଣି ।

ସେ ପାଣି ହିଁ କାଳ ହୁଏ। କାରଣ ହଜାରହଜାର ଟ୍ରକ ଚକରେ ପେଷି ହୋଇ କଳା ପାଉଡର ପାଲଟି ସାରିଥିବା ଗୁଣ୍ଡ ଉପରେ ପାଣି ପଡ଼ିଗଲେ ତିଆରି ହୁଏ ଦହିପରି ଏକ ଅର୍ଦ୍ଧ ତରଳ ପଦାର୍ଥ।

ସେ ଟାଣିନିଏ ଚକକୁ। ବିଗିଡ଼ିଯାଏଁ ବାଲାନ୍ସ । ମୋଡ଼ିମାଡି ହୋଇ ପଡ଼ିଯାଏ ତଳେ।

ଠିକ ଆଜି ଯେମିତି ମୁଁ ପଡ଼ିଥିଲି ମୁହଁମାଡ଼ି।

ଗାଡ଼ି ପଡିଥିଲା ଖଣ୍ଡେ ଦୂରରେ ଏବଂ ମୋର ମୁଣ୍ଡକୁ ସୁରକ୍ଷା ଦେବାର ସମ୍ପୂର୍ଣ କର୍ତ୍ତବ୍ୟ ନିର୍ବାହ କରିସାରି ଦୂରକୁ ଚାଲିଯାଇଥିଲା ମୋ ହେଲମେଟ ।

କିଛି ମିନିଟ ପାଇଁ ସେମିତି ପଡ଼ି ରହିଲି ମୁଁ ।ମୋ ମୁଣ୍ଡରୁ କିଛି ଦୂରରେ ଚାଲିଯାଉଥିଲା ଟ୍ରକସବୁ । ମୋ ପାଇଁ କାହାପାଖରେ ସମୟ ନଥିଲା ଯେମିତି। କିଛି ମିନିଟ ପରେ ଗୋଡ଼ ହାତ ହଲାଇଥିଲି ।

ଆଣ୍ଠୁରେ ପ୍ରବଳ ଯନ୍ତ୍ରଣା ହେଉଥିଲା କିନ୍ତୁ ଆଶ୍ୱସ୍ତ ଲାଗୁଥିଲା କାରଣ ଭାଙ୍ଗି ନଥିଲା ଆଣ୍ଠୁ । ଇଚ୍ଛା ହେଉଥିଲା ସେଇଠି ସେମିତି ପଡ଼ି ରହିବା ପାଇଁ ହେଲେ ସେ ଚକରୁ ଛିଟିକି ଆସୁଥିଲା କଳା କଳା କାଦୁଅ କିନ୍ତୁ ସେଇଠି ବି ରଖାଇ ଦେଲା ନାହିଁ।

ଗୁରୁଣ୍ଡି ଗୁରୁଣ୍ଡି ରାସ୍ତାପାର୍ଶ୍ୱରେ ଥିବା ଗଛତଳକୁ ଚାଲି ଆସିଲି ମୁଁ ।

ବିକଳ ହୋଇ ଉପରକୁ ଚାହିଁଥିଲି ମୁଁ। ଏତେଦିନ ଧରି ଏଇ ରାସ୍ତାରେ ସବୁଦିନ ଯାଉଥିଲେ ବି ଗଛସବୁକୁ ଯେମିତି ନୂଆକରି ଦେଖୁଥିଲି ମୁଁ। ମୋ ଠୁଁ କିଛି ଅଲଗା ନଥିଲା ତାର ଅବସ୍ଥା।

କଳା ରଙ୍ଗ ତଳେ ବନ୍ଦୀଥିବା ସବୁଜତା ବିଳାପ କରୁଥିଲା ! ଅକାଳ ମୃତ୍ୟୁକୁ ଅପେକ୍ଷା କରୁଥିଲା ସେ ତଥାପି କିଛି ପତ୍ର ଖସାଇ ମୋତେ ଆଶ୍ୱାସନା ଦେଉଥିବା ଗଛ ଯେମିତି କହୁଥିଲା



ବସିଗଲି ସେଇଠି ।ଦେହସାରା ସବୁଆଡ଼େ କଳା କାଦୁଅ । ଚେହେରାରୁ ସେ କଳାକୁ ପୋଛିବାକୁ ଚାହୁଁଥିଲି ମୁଁ ହେଲେ ହାତସାରା ବି ସେଇ କଳା । ହଠାତ ଗଛରୁ ଖସି ପଡିଲା ଦୁଇ ତିନୋଟି ଶୁଖିଲା ପତ୍ର। ମାସମାସ ଧରି କଳା ଗୁଣ୍ଡକୁ ସାମ୍ନା କରୁଥିବା ପତ୍ରରେ ବି ପରସ୍ତ ପରସ୍ତ ଗୁଣ୍ଡ ।

ତୁ ତ ଚାଲିଯିବୁ, ହେଲେ ମୁଁ... ମୋ ପାଖରେ ଉତ୍ତର ନଥିଲା । ଏଣୁ ଚୁପଥିଲି ମୁଁ । ଆଖିରୁ କିନ୍ତୁ କିଛି ବୁନ୍ଦା ନିଗିଡି ମିଶି ଯାଉଥିଲା ଗାଲର କଳା କାଦୁଅରେ।

ରାସ୍ତାରେ ଯାଉଥିଲା ଟ୍ରକସବୁ । ତାଙ୍କ ଚକରୁ ଶୁଣା ଯାଉଥିଲା ଚରର ଚରର ଶବ୍ଦ କିନ୍ତୁ ମୋତେ ବିକାଶ ବିକାଶ ଶୁଣା ଯାଉଥିଲା !


ହେମଗିର, ସୁନ୍ଦରଗଡ଼
ମୋ-୯୭୭୮୧୭୪୯୭୮


# ଭକ୍ତ ଆଉ ଭଗବାନ..


ମନୋଜ କୁମାର ବେହେରା




ଗୋଟିଏ ଝିଅ ଜଣେ ସନ୍ଥଙ୍କୁ ଅନୁରୋଧ କଲାକି ସେ ତାଙ୍କର ଘରକୁ ଆସି ତା' ଅସୁସ୍ଥ ପିତାଙ୍କୁ ଟିକିଏ ଦେଖା କରନ୍ତୁ । ସେଥିପାଇଁ ସେ ବାରମ୍ବାର ତାଙ୍କୁ ପ୍ରାର୍ଥନା କରୁଥିଲା । ଝିଅ ଏହା ମଧ୍ୟ କହିଥିଲା କି ତା' ବାପା ଏବେ ଖଟରେ ପଡି ରହିଛନ୍ତି ଆଉ ସେ ଚଲାବୁଲା କରିପାରୁ ନାହାନ୍ତି । ଯେତେବେଳେ ସନ୍ଥ ତାଙ୍କ ଘରକୁ ଆସିଲେ ତା' ବାପା ଖଟ ଉପରେ ଦୁଇଟା ତକିଆ ଉପରେ ମୁଣ୍ଡ ରଖି ଶୋଇଥିଲେ । ଗୋଟିଏ ଖାଲି ଚୌକି ଖଟ ପାଖରେ ପଡିଥିଲା । ସନ୍ଥ ଭାବିଲେ କି ବୋଧେ ମୋ ଆସିବା କାରଣ ପାଇଁ ଏହି ଚୌକି ପ୍ରଥମରୁ ରଖା ଯାଇଛି । ସନ୍ଥ ପଚାରିଲେ,ମୋତେ ଲାଗୁଛି ଆପଣ ମୋର ଆସିବାକୁ ଅପେକ୍ଷା କରିଥିଲେ । ପିତା କହିଲେ ନା.. ଆପଣ କିଏ ? ସନ୍ଥ ନିଜର ପରିଚୟ ଦେଲେ ଆଉ କହିଲେ,ମୋତେ ଖାଲି ଚୌକି ଦେଖିକରି ଲାଗିଲା କି ଆପଣଙ୍କୁ ମୋର ଆସିବାର ଆଭାସ ହେଇ ଯାଇଥିଲା । ପିତା କହିଲେ, ଓଃ.ଏକଥା ! ଖାଲି ଚୌକି ଆପଣଙ୍କ ପାଇଁ ନୁହେଁ, ଯଦି ଆପଣଙ୍କୁ ଖରାପ ନଲାଗେ ଦୟାକରି ରୁମ୍‌ର କବାଟକୁ ବନ୍ଦ କରିଦେବେ । ସନ୍ଥ ଏହା ଶୁଣି କରି ଆଶ୍ଚର୍ଯ୍ୟ ହୋଇଗଲେ, ଆଉ ଯାଇ କବାଟ ବନ୍ଦ କରିଦେଲେ । ଏବେ ପିତା କହିଲେ...କଥା କ'ଣ କି। ଏହି ଖାଲି ଚୌକିର ରହସ୍ୟ ମୁଁ ଆଜି ପର୍ଯ୍ୟନ୍ତ କାହାକୁ କହିନି, ମୋ ଝିଅକୁ ମଧ୍ୟ ନୁହେଁ । ପୁରା ଜୀବନରେ ମୁଁ ଜାଣି ପାରିଲିନି ପ୍ରାର୍ଥନା କେମିତି କରାଯାଏ । ମନ୍ଦିର ଯାଇଥିଲି, ପୂଜାରୀଙ୍କର ଶ୍ଳୋକକୁ ଶୁଣୁଥିଲି, ତାହା ଏହି ମୁଣ୍ଡ ଉପର ଦେଇ ଚାଲି ଯାଉଥିଲା କିଛି ଜଣା ପଡୁ ନଥିଲା । ତା'ପରେ ମୁଁ ପ୍ରାର୍ଥନା କରିବା ଚେଷ୍ଟା ଛାଡିଦେଲି । କିନ୍ତୁ ଚାରିବର୍ଷ ତଳେ ମୋର ଜଣେ ସାଙ୍ଗ ସହିତ ଦେଖା ହେଲା, ସେ ମୋତେ ବତେଇଲେ କି ପ୍ରାର୍ଥନା କିଛି ନୁହେଁ ଭଗବାନଙ୍କ ସହିତ ସିଧା ସମ୍ବାଦର ମାଧ୍ୟମ ଅଟେ । ସେ ମୋତେ ଉପାୟ ବତେଇଲେ କି ଗୋଟିଏ ଖାଲି ଚୌକି ସାମାନାରେ ରଖ, ଆଉ ବିଶ୍ୱାସ କରକି ସେଠାରେ ଭଗବାନ ସ୍ୱୟଂ ବିରାଜମାନ ଅଛନ୍ତି । ଏବେ ଭଗବାନଙ୍କୁ ନେଇ ସେହିପରି କଥା ହୁଅ ଯେମିତି ତୁମେ ଏବେ ମୋ ସହିତ କରୁଛ । ମୁଁ ଏମିତି କରି ଦେଖିଲି, ମୋତେ ବହୁତ ଭଲ ଲାଗିଲା । ତା'ପରେ ମୁଁ ସବୁଦିନ ଦୁଇ ଘଣ୍ଟା ଏମିତି କରିକି ଦେଖିଲି । ଆଉ ମୁଁ ଧ୍ୟାନ ରଖୁଥିଲି କି ମୋ ଝିଅ କେବେବି ମୋତେ ଏମିତି କରିବାରେ ଦେଖୁ । ଯଦି ସେ ଦେଖି ଦେଇଥାନ୍ତା ତା'ହେଲେ ତା'ର ସ୍ନାୟୁ ବ୍ରେକଡାଉନ୍ ହୋଇ ଯାଇଥାନ୍ତା କିମ୍ବା ସେ ମୋତେ ସାଇକ୍ରାଟିକ୍ସଙ୍କ ପାଖକୁ ନେଇ ଯାଇଥାନ୍ତା । ଏସବୁ ଶୁଣିକରି ସନ୍ଥ ସେହି ବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା କଲେ, ତାଙ୍କ ମୁଣ୍ଡରେ ହାତ ରଖି ଭଗବାନଙ୍କ ସହିତ କଥାହେବା କ୍ରମ ଚାଲୁ ରଖିବା ପାଇଁ କହିଲେ । ସନ୍ଥଙ୍କୁ ସେଦିନ କୌଣସି କାମ ପାଇଁ ଦୁଇଦିନ ସହରର ବାହାରକୁ ଯିବାକୁ ପଡିଲା ତେଣୁ ସେ ବିଦାୟ ନେଇକରି ସେଠାରୁ ଚାଲିଗଲେ । ଦୁଇ ଦିନ ପରେ ସେ ଝିଅ ସନ୍ଥଙ୍କୁ ଫୋନ୍ କରି କହିଲା କି ତା' ବାପାଙ୍କର ସେହିଦିନ କିଛି ଘଣ୍ଟା ପରେ ମୃତ୍ୟୁ ହୋଇଗଲା । ଯେଉଁଦିନ ଆପଣଙ୍କୁ ସେ ଦେଖା କରିଥିଲେ । ସନ୍ଥ ପଚାରିଲେ, ତାଙ୍କର ପ୍ରାଣ ଛାଡିଲା ବେଳେ କିଛି କଷ୍ଟ ହୋଇଥିଲା କି ? ଝିଅ ଉତ୍ତର ଦେଲା..ନା..ମୁଁ ଯେତେବେଳେ କାମ ପାଇଁ ବାହାରୁଥିଲି ସେତେବେଳେ ସେ ମୋତେ ଡାକିଲେ ଆଉ ମୋ ମୁଣ୍ଡ ଉପରେ ହାତ ବୁଲେଇ ଦେଲେ, ମୁଁ ଦେଖିଲି କି ତାଙ୍କ ଚେହେରା ଯେମିତି ଶାନ୍ତ ଥିଲା । ଯାହା ମୁଁ କେବେ ଦେଖି ନଥିଲି । ଯେତେବେଳେ ମୁଁ ଘରକୁ ଫେରିଲି ସେ ସବୁଦିନ ପାଇଁ ଆଖି ବୁଜି ସାରିଥିଲେ । କିନ୍ତୁ ମୁଁ ଗୋଟିଏ ଆଶ୍ଚର୍ଯ୍ୟଜନକ ଜିନିଷ ଦେଖିଲି । ସେ ଏମିତି ମୁଦ୍ରାରେ ଥିଲେ ଯେମିତି ଖାଲି ଚୌକିରେ କାହା କୋଳରେ ନିଜର ମୁଣ୍ଡକୁ ନୁଆଁଇ କରି ଶୋଇଛନ୍ତି । ହେ ମହାରାଜ ! ତାହା କ'ଣ ଥିଲା ? ଏହା ଶୁଣିକରି ସନ୍ଥଙ୍କ ଆଖିରୁ ଲୁହ ଝରିଲା । ସେ ବଡ କଷ୍ଟରେ କହିଲେ, ମୁଁ ମଧ୍ୟ ଯେବେ ଏ ଦୁନିଆରୁ ଯିବି ଏମିତି ହିଁ ଯିବି ! !




ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯ (ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧


# ବେପାର'ର ତିନୋଟି ସ୍କେଚ୍


ବିଜୟଲକ୍ଷ୍ମୀ ପାଣିଗ୍ରାହି


ପ୍ରବଳ ଖରା ଯୋଗୁଁ ବିଦ୍ୟାଳୟ ଗୁଡିକ ଛୁଟି ହୋଇ ଯିବା ପରେ ଆଦର୍ଶର ଖୁସି ବହୁଗୁଣିତ ହୋଇଗଲା। ବିଦ୍ୟାଳୟରୁ ଫେରି ତା' ସହିତ ଘରେ ଅଧିକ ସମୟ ରହୁଥିବା ମାଆ ରାତିରେ କହିଲେ, ବାପାରେ ! ଘରକାମ ଥିବା ପାଠ ସବୁ ସାରିଦେ। ଆଦର୍ଶ କହିଲା କାଲି ସକାଳୁ ଟିଫିନ କ'ଣ କରିବ ?

-ଇଡଲି ଆଉ ଚଟଣୀ।

-ଠିକ ଅଛି ଏଥିରେ ଓଡ଼ିଆ ହୋମୱାର୍କ ୩୦ ପ୍ରତିଶତ କରିଦେବି।

-ମାନେ ? ଆଉ ବଳକା ପାଠ ?

-ହଁ...ସାମ୍ବର ହେଲେ ଆଉ ୩୦ ପ୍ରତିଶତ। ଆଉ ଆଳୁମଟର ତରକାରୀ ହେଲେ ବାକିଟା।

-ଗଣିତ ହୋମୱାର୍କ କେବେ ଆରମ୍ଭ ହେବ ?

-ଯେବେ ଉଲି ଦୋଷାର ପାଳି ପ..ଡି...ବ।



୨

ଦୀର୍ଘ ଛଅ ବର୍ଷ ପରେ ଉପକୂଳ ଅଂଚଳର ଅସହ୍ୟ ଗୁଳୁଗୁଳିରେ ସନ୍ତୁଳି ହୋଇଯାଉଥିବା ଶାନ୍ତିଦେବୀଙ୍କୁ ଏବର୍ଷ ଖରାଦିନେ କୋରାପୁଟ ଡାକି ନେଲେ ଦୁଇ ଝିଅ। ସେପଟେ ଶାଶୁଘରେ ରହିବା ଅଭ୍ୟାସ ନ ଥିବା ବୋହୂମାନଙ୍କର ଭାଳେଣି ପଡିଗଲା। କିଏ ରହିବ ସେ ଘରେ ଆଉ ପୁଣି କେତେଦିନ ? ଦିନ ଦଶଟା ପୂରିଛି କି ନାହିଁ ପୁଅମାନଙ୍କର ଆରମ୍ଭ ହେଲା ମୂଳଚାଲ। କେଉଁ ଝିଅ ଘରେ କେତେ ଦିନ ରହିଲୁଣି ? ମାମୁଘରକୁ ଗଲୁଣି କି ନାହିଁ ? କେବେ ଫେରିବୁ ?। ଗାଆଁରୁ ସ୍ୱାମୀ କହୁଥିଲେ , ଆମେ ଏଠି ଗରମରେ ସିଝୁଛୁ...ଆଉ ତୁ ସେଠି ଶାନ୍ତିରେ ଅଛୁ। ଶାନ୍ତିଦେବୀ ତାଙ୍କ ଶାନ୍ତିର ଦାମ୍ ପରଖୁଥିଲେ...।



୩

ଟିଭିରୁ ଶୁଭିଲା, 'ଚିହ୍ନକୁ ଦେଖ, ବ୍ୟକ୍ତିକୁ ଜମାରୁ ଦେଖନି। ନୋଟ ନେଇ ଭୋଟ ଦିଅ।' ଆହାର କେନ୍ଦ୍ରରୁ ପାଞ୍ଚ ଟଙ୍କିଆ ଥାଳି ଖାଇ ଢୁଳାଉଥିବା ବେପାରିଟି ପକେଟରୁ ମିନି ଖାତାଟିଏ ବାହାର କରି ପୃଷ୍ଠା ଓଲଟାଇଲା। ଦେଖିଲା ଗତ ନିର୍ବାଚନରେ ମୁଣ୍ଡପିଛା ଭଲ ଦର ଥିଲା। ଏ ବର୍ଷ ଅଧିକ ଟକ୍କର ହେବ ତିନି ଦଳ ମଧ୍ୟରେ। ମୁଣ୍ଡ ପିଛା କିଏ କେତେ ଲଗେଇ ପାରେ ? ଏତିକି ଭାବିଲା ବେଳକୁ ଆଖି ଦୁଇଟା ବିସ୍ଫାରିତ ହୋଇଯାଉଥାଏ। ଏ ଅଦିନିଆ ବେପାରଟା କିଛି ଖରାପ ନୁହେଁ । ଟିକେ ସମୟ ଦେଲେ ଇଏ ବି ମାଲାମାଲ କରିଦେବ। ମୂଷା ପରି ଟିକେ ଆଗକୁ ବାହାରି ଲୁଚି ପାରିଲେ ତ ହେଲା।


ଶିକ୍ଷୟିତ୍ରୀ ଜୟପୁର, କୋରାପୁଟ
ମୋ -୮୨୪୯୪୫୦୦୫୦


# ତାତି


ଡ. ଦ୍ୱିତୀଚନ୍ଦ୍ର ସାହୁ


୧

ନେତା ନିଶ୍ଚିତ ଥିଲେ ତାଙ୍କୁ ଟିକେଟ ମିଳିବ । ସମସ୍ତ ପ୍ରସ୍ତୁତି ଚଳେଇଥିଲେ । ଅନୁଗତମାନେ ବି ଖୁବ ଉତ୍ସାହି ଥିଲେ । ପ୍ରାର୍ଥୀଙ୍କ ନାମ ଘୋଷଣାକଲେ ଦଳ ମୁଖ୍ୟ । ଟିଭିରେ ଯେତେବେଳେ ଦଳ ମୁଖ୍ୟନେତାଙ୍କ ନାମ ବଦଳରେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ନାମକୁ ଘୋଷଣାକଲେ ବାହାର ତାତିଠାରୁ ନେତାଙ୍କ ଭିତରର ତାତି ବଢିଗଲା । ରାଗରେ ଟିଭିକୁ ବାଡେଇ ଭାଂଗିଦେଲେ ।

୨

ନେତା ଭୋଟ ଭିକ୍ଷା ପାଇଁ ଗଲେ । ଗାଁକୁ ଗାଁ ବୁଲିଲେ । ଘରକୁ ଘର ବୁଲିଲେ ।ସାହି ଛେଦରେ ଏକୁଟିଆ ଝାଟିମାଟିର ଘର । ତାରି ଭିତରେ ଥିଲେ ବିଧବା ବୟସ୍କା ମହିଳା । ଅନେକ ହାରିଗୁହାରି ପରେ ବି ତା ଭାଗ୍ୟରେ ସରକାରୀ ଆବାସ ଜୁଟିଲା ନାହିଁ ।ନେତାଙ୍କୁ ଦେଖିବା ପରେ ସପ୍ତ ପୁରୁଷ ଉଦ୍ଧାରକଲେ । ଅଚାନକ ଜଣେ ଭୋଟରର ଅସ୍ୱାଭାବିକ ପ୍ରତିକ୍ରିୟାରେ ନେତାଙ୍କ ମୁହଁ ଲାଲ ପଡିଗଲା । ନଡାଛପର ଘରେ ଥାଇ ବି ନେତାଙ୍କ ତାତି ବଢିଗଲା ।

୩

ଦି ଦିନ ତଳେ ପଣାସଂକ୍ରାନ୍ତିରେ ନେତା ଓ ତାଙ୍କ ଚେଲା ଉତ୍ସାହିତ ହୋଇ ପଣା ବାଣ୍ଟିଲେ । ଯିବା ଆସିବା ଲୋକଙ୍କୁ ଡାକିଡାକି ପଣା ଦେଇ ଖୁସି ଜାହିରକଲେ ।ସକାଳୁ ସକାଳୁ ବିପକ୍ଷ ଦଳର ପ୍ରାର୍ଥୀ ନିଜ ସମର୍ଥକଙ୍କ ସହ ନେତାଙ୍କ ଦଳରେ ମିଶିବା ଖବର ଗଣମାଧ୍ୟମରେ ପ୍ରଚାରିତ ହୋଇଗଲା ପରେ ଅଂଚଳରେ ପଲଟିକାଲ ତାତି କାହିଁ କେତେଗୁଣ ବଢିଗଲା । ନେତା ଖାଲି ହାଉଳି ଖାଇବା ଆରମ୍ଭ କଲେ ।





୪

ତାତିରେ ନିର୍ବାଚନ ତାତି ମିଶିଗଲା । ହାଟବଜାର ଛକ ସବୁ ଖାଲି ହୁହୁ ହୋଇ ଜଳିଲା । ସବୁଠି ପଲଟିକାଲ ତାତି । ଯୁକ୍ତିତର୍କ ଓ ଉଚ୍ଚବାଚ । ଖଟିକୁ ସକାଳେ ପହଂଚିଗଲେ ଜଣେ ଗଣମାଧ୍ୟମ ପ୍ରତିନିଧି । ଲାଇଭ ଆରମ୍ଭ କଲେ । ଜଣ ଜଣଙ୍କୁ ପଚାରିଲେ । ମଝିରେ ସେଜଣଙ୍କୁ ପଚାରିଦେଲେ – ଏ ନିର୍ବାଚନରେ ଆପଣ କଣ ଦେଖୁଛନ୍ତି ।

ଭୋଟରଟି ସ୍ମିତହାସ୍ୟକଲା ଓ କହିଲା-ସବୁ ତ ଠିକ ଅଛି । ମୁଁକିନ୍ତୁ ଦେଖୁଛି ବଣରେ ନିଆଁଲାଗିଲା ପରି କ୍ଷମତାର ଲୋଭରେ ନେତାମାନେ ଏଥର ବେଶି ମାଙ୍କଡ ଡିଆଁମାରୁଛନ୍ତି ।

ଚ୍ୟାନେଲବାଲାଙ୍କୁ ଏଥିରୁ ମସଲାମିଳିଗଲା ବୋଧେ ଡିଆଁଡେଇଁକୁ ନେଇ ସିଧା ପ୍ରସାରଣ ଜାରି ରଖିଲେ । ସାମ୍ବାଦିକଙ୍କ ତାପମାତ୍ରା ବି ବଢିଗଲା। ଏଣିକି ସେପଟେ ଯିବା ଆସିବା ଲୋକଙ୍କୁ ଆଉ ନିସ୍ତାର ମିଳିଲାନି । ସମସ୍ତଙ୍କ ମୁହଁରେ ବୁମ ଲାଗିଲା।

୫

ବଢୁଥିବା ତାତିକୁ ଦେଖି ଗାଁମଣ୍ଡପ ଉପରେ ବସିଥିବା ଜଣେ ଭୋଟର କହିଲା – କି ଖରାହେଉଛି । ଜାଳିପୋଡି ମାରିଦେଉଛି ।

ଦ୍ୱିତୀୟ ଭୋଟର କହିଲେ – ଏବେ ତ ରାଜନୀତି ତାତି ବହୁତ ବଢିଯାଇଛି ।

ତୃତୀୟ ଭୋଟର କହିଲା – ଏ ତାତିରେ କିଏ ଯିବ ଯେ ଭୋଟ ଦେବାକୁ ?

ଚତୁର୍ଥ ଭୋଟର କହିଲା – ଏଇଠି ହିଁ ଓଡିଆ ମାଡ ଖାଇଲା । ଖରାହେବା ଆଗରୁ ଯିବ । ଅସଲି ବଟନ ଟିପି ନେତାଙ୍କ ତାତି ବଢେଇବ । ଏମିତି ମୌକାକୁ କଣ ଛାଡିବ ? ତେଣିକି ସମସ୍ତେ ହସି ଚତୁର୍ଥ ଭୋଟର କଥାକୁ ସମର୍ଥନ କଲେ ।




ଇନ୍ଦିରା ନଗର, ଚତୁର୍ଥ ଗଳି,
ରାୟଗଡା -୭୬୫୦୦୧,
ମୋ -୯୪୩୭୯୦୯୬୭୧

# ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଚୟନରେ ପକ୍ଷପାତ କରାଯାଇଛି : ଶ୍ରୀକାନ୍ତ

**ମୁମ୍ବାଇ**

ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଲାଗି ଟିମ୍ ବାଛିବାରେ ପକ୍ଷପାତ କରିଛି ଜାତୀୟ ଚୟନ କମିଟି । ଏଭଳି କହି ଏବେ ଚର୍ଚ୍ଚାରେ ଭାରତୀୟ କ୍ରିକେଟ ଦଳର ମହାନ ବ୍ୟାଟ୍ସମ୍ୟାନ କୃଷ୍ଣମାଚାରୀ ଶ୍ରୀକାନ୍ତ । ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଜୁନ୍ ୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ ଲାଗି ମଙ୍ଗଳବାର ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି । ହିଟ୍‌ମ୍ୟାନ ରୋହିତ ଶର୍ମାଙ୍କୁ ଆଶାଜନକ ଭାବେ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଗଠିତ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି । ତେବେ ଚଳିତ ଆଇପିଏଲ୍‌ରେ ଦୁର୍ବଳ ବ୍ୟାଟିଂ ସହ ଦୟନୀୟ ବୋଲିଂ କରିବା ସତ୍ତ୍ୱେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ଆସ୍ଥା ପ୍ରକଟ କରିଛି ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଜାତୀୟ ଚୟନ କମିଟି ।



ତେବେ ଅନେକ ଖେଳାଳିଙ୍କୁ ବାଦ୍ ଦିଆଯାଇଥିବା ବେଳେ ଟ୍ୱେଣ୍ଟି-୨୦ ବିଶ୍ୱକପ ଲାଗି ଅନେକ ଖେଳାଳିଙ୍କୁ ଏଣ୍ଟ୍ରି ମଧ୍ୟ ମିଳିଛି । ସବୁଠୁ ଆଶ୍ଚର୍ଯ୍ୟ କରିଛି ରୁତୁରାଜ ଗାଏକ୍ୱାଡ୍‌ଙ୍କ ବାଦ୍ ପଡ଼ିବା । ସିଏସ୍‌କେରୁ ରବିନ୍ଦ୍ର ଜାଡ଼େଜା ଏବଂ ଶିବମ ଦୁବେଙ୍କ ଭଳି ଖେଳାଳିଙ୍କୁ ବିଶ୍ୱକପ ଟିମ୍‌ରେ ସାମିଲ କରାଯାଇଥିବା ବେଳେ ଋତୁରାଜଙ୍କୁ ସ୍ଥାନ ମିଳିନାହିଁ । ଚଳିତ ଆଇପିଏଲ ସିଜନରେ ସର୍ବାଧିକ ରନ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ରୁତୁରାଜ ଗାଏକ୍ୱାଡ୍‌ଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି, ତଥାପି ସେ ବିଶ୍ୱକପ ଦଳରେ ସ୍ଥାନ ପାଇନଥିବାରୁ ପକ୍ଷପାତ କରାଯାଇଥିବା କହିଛନ୍ତି କୃଷ୍ଣମାଚାରୀ ।

ଶ୍ରୀକାନ୍ତ ନିଜ ୟୁଟ୍ୟୁବ୍ ଚ୍ୟାନେଲର ଏକ ଭିଡିଓରେ କହିଛନ୍ତି, ଶୁଭମନ ଗିଲ୍ ସମ୍ପୂର୍ଣ୍ଣ ରୂପେ ଫର୍ମରେ ନାହାନ୍ତି । କିନ୍ତୁ ସେ କାହିଁକି ଦଳରେ ମନୋନୀତ ହୋଇଛନ୍ତି ? ଏଥିରେ କୌଣସି ସନ୍ଦେହ ନାହିଁ ଯେ ରୁତୁରାଜ ଗାଏକ୍ୱାଡ୍ ଟିମ୍‌ରେ ସ୍ଥାନ ପାଇବାକୁ ଯୋଗ୍ୟ । ସେ ୧୭ଇନିଂସରେ ୫୦୦ରନ ସ୍କୋର କରିଛନ୍ତି । ଶୁଭମନ ଗିଲ୍ ଚୟନକର୍ତ୍ତାଙ୍କ ପାଇଁ ପ୍ରିୟ ଖେଳାଳି । ସେ ଟେଷ୍ଟ, ଓଡିଆଇ ଏବଂ ଟି-୨୦ରେ ବିଫଳ ହୋଇ ବି ଦଳରେ ସାମିଲ ହୋଇଛନ୍ତି ।

# ବାଂଲାଦେଶକୁ ୩-୦ରେ ହରାଇ ସିରିଜ୍ କବ୍‌ଜା କଲା ଭାରତ

**ସିଲ୍‌ହେଟ୍**

ବାଂଲାଦେଶ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ଭାରତ ୭ ୱିକେଟରେ ବିଜୟ ହାସଲ କରିଛି । ଏଥିସହିତ ଦୁଇ ଦଳ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜ୍‌ରେ ଭାରତ ୩-୦ରେ ଅଗ୍ରଣୀ ସହ ଆଗୁଆ ସିରିଜ କବ୍‌ଜା କରିନେଇଛି ।



ସ୍ଥାନୀୟ ସିଲ୍‌ହେଟ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଧିନାୟିକା ହରମନପ୍ରୀତ କୌର ଟସ୍ ଜିତି ପ୍ରଥମେ ବୋଲିଂ ନେବା ପରେ ବାଂଲାଦେଶ ସ୍କୋରକୁ ଭାରତ ୧୧୭/୮ରେ ସୀମିତ କରିଦେଇଥିଲା । ପରେ ଓପନର ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ୧୨.୧ ଓଭରରେ ୯୧ ରନ ଯୋଗ କରି ଭାରତକୁ ବିଜୟ ନିକଟତର କରିଦେଇଥିଲେ । ଶେଫାଳି ୩୮ ବଲ୍‌ରେ ୮ ଚୌକା ସହ ୫୧ ରନ କରିଥିବା ବେଳେ ମନ୍ଧାନା ୪୨ ବଲ୍ ସାମ୍ନା କରି ୫ ଚୌକା ଓ ଗୋଟିଏ ଛକା ସହ ୪୭ ରନ କରିଥିଲେ । ଶେଫାଳିଙ୍କୁ ରିତୁ ମୋନି କଟ୍ ଆଣ୍ଡ ବୋଲ୍ଡ କରିଦେଇଥିବା ବେଳେ ନାହିଦା ଅକତରଙ୍କ ବୋଲିଂରେ ଫାହିମା ଖାତୁନଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଯାଇଥିଲେ ମନ୍ଧାନା । ଦୟାଲାନ ହେମଲତା ୯ ରନ କରି ରାବେୟା ଖାନ୍‌ଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ ଅଧିନାୟିକା ହରମନପ୍ରୀତ କୌର । ୱିକେଟକିପର ରିଚା ଘୋଷ ଯଥାକ୍ରମେ ୬ ଓ ୮ରନ କରି ଅପରାଜିତ ରହିଥିଲେ ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶର ଆରମ୍ଭ ଉତ୍ସାହଜନକ ଥିଲା । ଦଳ ୬ ପାୱାରପ୍ଲେ ଓଭରରେ ବିନା କୌଣସି ୱିକେଟରେ ୪୪ ରନ କରିଥିଲା । ଓପନର ତଥା ଟପ୍ ସ୍କୋରର ଦିଲାରା ଅକତର (୨୫ ବଲ୍‌ରୁ ୩୯ରନ)ଙ୍କ ୱିକେଟ ପତନ ପରେ ଭାରତୀୟ ବୋଲରମାନେ ଘରୋଇ ଦଳର ବ୍ୟାଟିଂରେ ଅଙ୍କୁଶ ଲଗାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ତଥା ୱିକେଟକିପର ନିଗାର ସୁଲ୍‌ତାନା ୨୮ ଓ ଶୋଭାନା ମୋସ୍ତାରି ୧୫ ରନ କରିଥିବା ବେଳେ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ ।

# ଟି-୨୦ ବିଶ୍ୱକପ୍‌ରେ ଇତିହାସ ରଚିବେ ରୋହିତ ଶର୍ମା

**ନୂଆଦିଲ୍ଲୀ**

ଆସନ୍ତା ଟି-୨୦ ବିଶ୍ୱକପ୍‌ରେ ଭାରତୀୟ କ୍ରିକେଟ୍ ଦଳର ଅଧିନାୟିକତ୍ୱ କରିବେ ରୋହିତ ଶର୍ମା । ୨୦୦୭ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ରୋହିତ ଶର୍ମା ଏପର୍ଯ୍ୟନ୍ତ ଖେଳାଯାଇଥିବା ସମସ୍ତ ୮ ଟି-୨୦ ବିଶ୍ୱକପ୍‌ର ଏକ ଅଂଶ ହୋଇସାରିଛନ୍ତି ଏବଂ ତାଙ୍କୁ ଟୁର୍ଣ୍ଣାମେଣ୍ଟର ନବମ ସଂସ୍କରଣରେ ମଧ୍ୟ ଦେଖିବାକୁ ମିଳିବ । ଜୁନ୍ ୨୦୨୪ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପର ନବମ ସଂସ୍କରଣରେ ରୋହିତ ଶର୍ମା ଭାରତୀୟ ଅଧିନାୟକ ଭାବରେ କ୍ଷେତ୍ର ଗ୍ରହଣ କରିବେ । ଏହାପୂର୍ବରୁ ରୋହିତ ଶର୍ମା ୨୦୨୨ରେ ଖେଳାଯାଇଥିବା ଟି-୨୦ ବିଶ୍ୱକପରେ ଭାରତର କମାଣ୍ଡ ମଧ୍ୟ ନେଇଥିଲେ ।



୨୦୦୭ରେ ଟି-୨୦ ବିଶ୍ୱକପ ଆରମ୍ଭ ହୋଇଥିଲା, ଯେଉଁଥିରେ ଭାରତୀୟ ଦଳ ଏମ୍ଏସ ଧୋନୀଙ୍କ ଅଧିନାୟକତ୍ୱରେ ଟାଇଟଲ ଜିତିଥିଲେ । ରୋହିତ ଶର୍ମା ପ୍ରଥମ ଟି-୨୦ ବିଶ୍ୱକପରେ ଭାରତୀୟ କ୍ରିକେଟ ଦଳର ଏକ ଅଂଶ ଥିଲେ । ଏହା ପରେ ରୋହିତ ଶର୍ମା ୨୦୦୯ରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ବିଶ୍ୱକପରେ ଭାରତୀୟ ଦଳର ଏକ ଅଂଶ । ୨୦୧୦ରେ ତୃତୀୟ, ୨୦୧୨ରେ ଚତୁର୍ଥ, ୨୦୧୪ରେ ପଞ୍ଚମ, ୨୦୧୬ରେ ଷଷ୍ଠ, ୨୦୨୧ରେ ସପ୍ତମ ଏବଂ ୨୦୨୨ରେ ଅଷ୍ଟମ ।

୨୦୨୨ର ଶେଷ ଟି-୨୦ ବିଶ୍ୱକପରେ ରୋହିତ ଶର୍ମା ଭାରତୀୟ ଦଳର କମାଣ୍ଡ ନେଇଥିଲେ । ରୋହିତଙ୍କ ଦ୍ୱାରା ଅଧିନାୟକ ହୋଇଥିବା ଟିମ୍ ଇଣ୍ଡିଆ ଚମତ୍କାର ପ୍ରଦର୍ଶନ କରି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିଲା । କିନ୍ତୁ ସେମିଫାଇନାଲରେ ଇଂଲଣ୍ଡ ବିପକ୍ଷରେ ୧୦ ୱିକେଟ୍‌ରେ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା ।

ରୋହିତ ଶର୍ମା ସେପ୍ଟେମ୍ବର ୨୦୦୭ରେ ଅନ୍ତର୍ଜାତୀୟ ଟି-୨୦ରେ ଡେବ୍ୟୁ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ସେ ୧୫୧ଟି ମ୍ୟାଚ୍ ଖେଳିଛନ୍ତି । ଏହି ମ୍ୟାଚଗୁଡ଼ିକର ୧୪୩ ଇନିଂସରେ ବ୍ୟାଟିଂ କରି ରୋହିତ ହାରାହାରି ୩୧.୭୯ ଏବଂ ଷ୍ଟ୍ରାଇକ୍ ରେଟ୍ ୧୩୯.୯୭ରେ ୩୯୭୪ ରନ କରିଛନ୍ତି । ଏହି ଅବଧି ମଧ୍ୟରେ ସେ ୫ ଶତକ ଏବଂ ୨୯ ଅର୍ଦ୍ଧଶତକ ହାସଲ କରିଛନ୍ତି ।

# ଟି-୨୦ ବିଶ୍ୱକପ୍‌ରେ ସନରାଇଜର୍ସ ହାଇଦ୍ରାବାଦ ଓ ଲକ୍ଷ୍ନୌ ସୁପର ଜିଆଣ୍ଟସରୁ ଜଣେ ବି ଖେଳାଳି ପାଇଲେନି ସ୍ଥାନ

**ମୁମ୍ବାଇ**

ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଜୁନ୍ ୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ ଲାଗି ମଙ୍ଗଳବାର ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି । ହିଟ୍‌ମ୍ୟାନ ରୋହିତ ଶର୍ମାଙ୍କୁ ଆଶାଜନକ ଭାବେ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଗଠିତ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି । ତେବେ ଚଳିତ ଆଇପିଏଲ୍‌ରେ ଦୁର୍ବଳ ବ୍ୟାଟିଂ ସହ ଦୟନୀୟ ବୋଲିଂ କରିବା ସତ୍ତ୍ୱେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ଆସ୍ଥା ପ୍ରକଟ କରିଛି ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଜାତୀୟ ଚୟନ କମିଟି ।

ରୋହିତ ଶର୍ମା ବିଶ୍ୱକପରେ ଭାରତର ଅଧିନାୟକ ହେବେ, ହାର୍ଦ୍ଦିକ ପାଣ୍ଡ୍ୟା ଉପ-ଅଧିନାୟକ ହେବେ । ତାଙ୍କ ବ୍ୟତୀତ ଟି -୨୦ କ୍ରିକେଟରେ ବିଶ୍ୱର ୧ ନମ୍ବର ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବ ମଧ୍ୟ ବିଶ୍ୱକପ ଟିମ୍‌ରେ ଅଛନ୍ତି । ସେହିପରି ଏମ୍‌ଆଇର ଜସପ୍ରୀତ ବୁମ୍‌ରା ଭାରତୀୟ ଦଳର ମୁଖ୍ୟ ଦ୍ରୁତ ବୋଲର ହେବେ ।



ଅନ୍ୟପଟେ ରାଜସ୍ଥାନ ରୟାଲ୍ସ ବାବଦରେ କହିବାକୁ ଗଲେ ଏହି ଦଳ ଆଇପିଏଲ ୨୦୨୪ରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୯ଟି ମ୍ୟାଚ୍ ମଧ୍ୟରୁ ୮ଟି ଜିତିଛି । ୱିକେଟ କିପର ବ୍ୟାଟ୍ସମ୍ୟାନ ଭାବରେ ଆରଆର ଅଧିନାୟକ ସଞ୍ଜୁ ସାମସନ ମନୋନୀତ ହୋଇଥିବାବେଳେ ଯଶସ୍ୱୀ ଜୈସ୍ୱାଲ ରୋହିତ ଶର୍ମାଙ୍କ ସହ ଓପନିଂ କରିବାର ସୁଯୋଗ ପାଇବେ । ତାଙ୍କ ବ୍ୟତୀତ ସ୍ପିନ ବୋଲର ୟୁଜବେନ୍ଦ୍ର ଚହଲ ଭାରତୀୟ ଦଳକୁ ଫେରିଛନ୍ତି । ଦିଲ୍ଲୀ କ୍ୟାପିଟାଲ୍‌ସର ୪ ଖେଳାଳିଙ୍କୁ ସ୍ଥାନ ଦିଆଯାଇଛି । ଦିଲ୍ଲୀ ଦଳର ଋଷଭ ପନ୍ତ, ଅକ୍ଷର ପଟେଲ ଏବଂ କୁଲଦୀପ ଯାଦବଙ୍କ ରୂପରେ ଦୁଇଜଣ ସ୍ପିନ ବୋଲର ଭାରତୀୟ ଦଳକୁ ମଜବୁତ କରିବେ । ରିଜର୍ଭ ଖେଳାଳିଙ୍କ ମଧ୍ୟରେ ଖାଲିଲ ଅହମ୍ମଦଙ୍କୁ ରଖାଯାଇଥିବା ବେଳେ ବିରାଟ କୋହଲି ଏବଂ ମହମ୍ମଦ ସିରାଜଙ୍କୁ ଆରସିବିରୁ ଚୟନ କରାଯାଇଛି । ଅନ୍ୟପକ୍ଷରେ ସିଏସ୍‌କେରୁ ରବିନ୍ଦ୍ର ଜାଡ଼େଜା ଏବଂ ଶିବମ ଦୁବେଙ୍କ ଭଳି ଖେଳାଳି ବିଶ୍ୱକପ ଜିତିବାରେ ଭାରତୀୟ ଦଳକୁ ସହଯୋଗ କରିବେ । ପଞ୍ଜାବ କିଙ୍ଗ୍ସ, କୋଲକାତା ନାଇଟ ରାଇଡର୍ସ ଏବଂ ଗୁଜୁରାଟ ଟାଇଟାନ୍ସର ଜଣେ ଜଣେ ଖେଳାଳି ଏହି ଦଳରେ ସ୍ଥାନ ପାଇଛନ୍ତି । ତେବେ ସନରାଇଜର୍ସ ହାଇଦ୍ରାବାଦ ଓ ଲକ୍ଷ୍ନୌ ସୁପର ଜିଆଣ୍ଟସରୁ କୌଣସି ଖେଳାଳି ବିଶ୍ୱକପ ଦଳରେ ସ୍ଥାନ ପାଇନାହାନ୍ତି ।

## ଅରେଞ୍ଜ୍ କ୍ୟାପ୍ ଉପରେ କବ୍‌ଜା କଲେ ଗାଏକ୍ୱାଡ୍ : ୩ କ୍ରିକେଟର୍‌ଙ୍କ ପାଖରେ ଅଛି ପର୍ପଲ୍ କ୍ୟାପ୍

**ନୂଆଦିଲ୍ଲୀ**



ଚେନ୍ନାଇ ସୁପର କିଙ୍ଗ୍ସର ଅଧିନାୟକ ଋତୁରାଜ ଗାଇକ୍ୱାଡ୍ ପଞ୍ଜାବ କିଙ୍ଗସ ବିପକ୍ଷରେ ୫ ଚୌକା ଓ ୨ ଛକା ସହାୟତାରେ ୪୮ ବଲରେ ୬୨ ରନ ଖେଳି ଇନିଂସ ଖେଳିଥିଲେ । ଏହି ଇନିଂସ ସହ ସେ ବିରାଟ କୋହଲିଙ୍କୁ ପଛରେ ପକାଇ ଅରେଞ୍ଜ୍ କ୍ୟାପ୍ ଜିତିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ କ୍ୟାପ୍ ଗାଇକ୍ୱାଡ୍ ୫୦୯ ରନ ପୂରଣ କରିଛନ୍ତି । ୫୦୦ ରନ ସହ ଏହି ତାଲିକାରେ କୋହଲି ଦ୍ୱିତୀୟ ସ୍ଥାନରେ ଅଛନ୍ତି ।

ପର୍ପଲ କ୍ୟାପ ରେସ୍ ବି ରୋଚକ ସ୍ଥିତିରେ ପହଞ୍ଚିଛି ବର୍ତ୍ତମାନ ମୁମ୍ବାଇ ଇଣ୍ଡିଆନ୍ସ ଦ୍ରୁତ ବୋଲର ଜସ୍‌ପ୍ରୀତ ବୁମ୍‌ରା ୧୪ ଉଇକେଟ ନେଇ ଶୀର୍ଷ ସ୍ଥାନରେ ଅଛନ୍ତି । ଏହି ତାଲିକାରେ ଚେନ୍ନାଇ ସୁପର କିଙ୍ଗ୍ସର ମୁସ୍ତାଫିଜୁର ରହମାନ ଏବଂ ପଞ୍ଜାବ କିଙ୍ଗର ହର୍ଷଲ ପଟେଲ ଯଥାକ୍ରମେ ୧୪-୧୪ ଉଇକେଟ ନେଇ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଅଛନ୍ତି ।

## ରାହୁଲଙ୍କ ଚୟନ ନେଇ ମୁହଁ ଖୋଲିଲେ ଅଗରକର



**ମୁମ୍ବାଇ**

ଆମେରିକା ଏବଂ ୱେଷ୍ଟଇଣ୍ଡିଜରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ ପାଇଁ ଭାରତ ୧୫ ଜଣିଆ ଦଳ ଘୋଷଣା କରିଛି ଭାରତ । ଏଥିରେ ପ୍ରାରମ୍ଭିକ ବ୍ୟାଟର ତଥା ୱିକେଟ କିପର କେଏଲ ରାହୁଲଙ୍କୁ ସ୍ଥାନ ମିଳିନାହିଁ, ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଗୁରୁବାର ବିସିସିଆଇର ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ରାହୁଲ ଚୟନ ନ ହେବାର କାରଣ କହିଛନ୍ତି ।

ଅଜିତ ଅଗରକର କହିଛନ୍ତି ରାହୁଲ ଟପ୍ ଅର୍ଡରରେ ବ୍ୟାଟିଂ କରୁଛନ୍ତି, ଆମେ ମଧ୍ୟମ ଅର୍ଡର ୱିକେଟ କିପର ଖୋଜୁଥିଲୁ । ସଞ୍ଜୁଙ୍କ ନିମ୍ନ କ୍ରମରେ ବ୍ୟାଟିଂ କରିବାର କ୍ଷମତା ଅଛି ବୋଲି ଅନୁଭବ କରୁଛୁ । କଥା ହେଉଛି ଆମକୁ କେଉଁ ସ୍ଥାନରେ କେଉଁ ଖେଳାଳି ଆବଶ୍ୟକ, ଫଳରେ ଆମେ ପନ୍ତ ଏବଂ ସାମସନଙ୍କୁ ଚୟନ କରିଛୁ ।

# ଭେଟରାନ ସ୍ପିନର ରାଶିଦ ଖାନଙ୍କ ନେତୃତ୍ୱରେ ଟି-୨୦ ବିଶ୍ୱକପ୍ ଖେଳିବ ଆଫଗାନିସ୍ତାନ

**ନୂଆଦିଲ୍ଲୀ**

ଭେଟରାନ ସ୍ପିନର ରାଶିଦ ଖାନଙ୍କ ନେତୃତ୍ୱରେ ଟି-୨୦ ବିଶ୍ୱକପ ଖେଳିବ ଆଫଗାନିସ୍ତାନ । ଆସନ୍ତା ଜୁନ ୨ରୁ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଟି-୨୦ ବିଶ୍ୱକପ ଖେଳାଯିବ । ଏଥିପାଇଁ ଆଫଗାନିସ୍ତାନ କ୍ରିକେଟ ବୋର୍ଡ ୧୫ ଜଣିଆ ଦଳ ଘୋଷଣା କରିଛି । ଭେଟରାନ ସ୍ପିନର ରାଶିଦ ଖାନ୍ ଦଳର ଅଧିନାୟକ ଭାବେ ନିଯୁକ୍ତି ପାଇଛନ୍ତି । ସେହପରି ଆଫଗାନିସ୍ତାନ ସ୍କ୍ୱାଡ୍‌ରେ ୬ ଜଣ ଅଲରାଉଣ୍ଡର ରହିଛନ୍ତି । ୧୫ ଜଣ ଖେଳାଳିଙ୍କ ମଧ୍ୟରୁ ୮ ଜଣ ଏବେ ଭାରତରେ ଆଇପିଏଲରେ ବ୍ୟସ୍ତ ରହିଛନ୍ତି ।

ସ୍କ୍ୱାଡ୍‌ରେ କେବଳ ୪ ଜଣ ବ୍ୟାଟରଙ୍କୁ ରଖାଯାଇଛି । ସେମାନେ ହେଲେ ୱିକେଟ କିପର ରହମନୁଲ୍ଲା ଗୁରବାଜ, ଇବ୍ରାହିମ ଜଦ୍ରାନ, ନଜିବୁଲ୍ଲା ଜଦ୍ରାନ ଓ ବ୍ୟାକଅପ କିପର ମହମ୍ମଦ ଇଶାକ୍ ବ୍ୟାଟରଙ୍କ ଅଭାବକୁ ପୂରଣ କରିବା ପାଇଁ ଦଳରେ ୬ ଜଣ ଅଲରାଉଣ୍ଡର ରହିଛନ୍ତି । ଅଜମତୁଲ୍ଲା ଓମରଜାଇ, ମହମ୍ମଦ ନବି, ଗୁଲବଦିନ ନବି, କରିମ ଜନତ ଓ ଏନ ଖାରୋଟେ ବ୍ୟାଟିଂ ଓ ବୋଲିଂ କରିବାକୁ ସକ୍ଷମ ।

ସ୍ପିନ ବୋଲର ଭାବେ ମୁଜୀବ ଉର ରହମାନ ଓ ନୂର ଅହମଦଙ୍କୁ ଦଳରେ ରଖାଯାଇଛି । ଏମାନଙ୍କ ସହ ରାଶିଦ, ନବି ଓ ଖାରୋଟେଙ୍କ ଭଳି ବିଶ୍ୱସ୍ତରୀୟ ସ୍ପିନର ଆଫଗାନିସ୍ତାନ ପାଇଁ ବିଶ୍ୱକପରେ ଲଢ଼େଇ କରିବେ । ଦଳରେ ଏକମାତ୍ର ଡାହାଣହାତୀ ଦ୍ରୁତ ବୋଲର ହେଉଛନ୍ତି ନବୀନ ଉଲ ହକ୍ । ତାଙ୍କ ସହ ବାମହାତୀ ଫଜଲହକ ଫାରୁକି ଓ ଫରୀଦ ୧୫ ଜଣିଆ ସ୍କ୍ୱାଡ୍‌ରେ ଦ୍ରୁତ ବୋଲର ଭାବେ ରହିଛନ୍ତି ।



ପ୍ରଥମଥର ପାଇଁ ନୂର, ଖାରୋଟେ ଓ ଇଶାକ ମିଳିତ ଭାବେ ଟି-୨୦ ବିଶ୍ୱକପ ଖେଳିବାକୁ ଯାଉଛନ୍ତି । ଏମାନେ ଅଣ୍ଡର ୧୯ ବିଶ୍ୱକପରେ ଆଫଗାନିସ୍ତାନ ପାଇଁ ଖେଳିଥିଲେ । ୨୦୨୩ ଦିନିକିଆ ବିଶ୍ୱକପରେ ଆଫଗାନିସ୍ତାନର ନେତୃତ ନେଇଥିବା ହଶମତୁଲ୍ଲା ଶାହିଦିଙ୍କୁ ଟି-୨୦ ବିଶ୍ୱକପ ପାଇଁ ଚୟନ କରାଯାଇ ନାହିଁ । ମୁଖ୍ୟ ସ୍କ୍ୱାଡ୍‌ରେ ବାମହାତୀ ଓପନର ହଜର୍ତୁଲ୍ଲା ଜଜାଇଙ୍କୁ ସୁଯୋଗ ମିଳିନି । ସେ ସେଦିକୁଲା ଅତଲ ଓ ମହମ୍ମଦ ସଲୀମଙ୍କ ସହ ସଂରକ୍ଷିତ ଖେଳାଳି ଭାବେ ବିଶ୍ୱକପ ପାଇଁ ଆଫଗାନିସ୍ତାନ ସହ ଯାତ୍ରା କରିବେ ।

ଆଫଗାନିସ୍ତାନ ବିଶ୍ୱକପର ଗ୍ରୁପ୍ ସିରେ ରହିଛି । ଏହି ଗ୍ରୁପରେ ନ୍ୟୁଜିଲ୍ୟାଣ୍ଡ, ସହ ଆୟୋଜକ ୱେଷ୍ଟ ଇଣ୍ଡିଜ, ଉଗାଣ୍ଡା ଓ ପପୁଆ ନ୍ୟୁ ଗିନି ରହିଛନ୍ତି । ଜୁନ ୩ରେ ଉଗାଣ୍ଡ ବିପକ୍ଷ ମ୍ୟାଚ୍‌ରୁ ଆଫଗାନିସ୍ତାନ ତା'ର ବିଶ୍ୱକପ ଅଭିଯାନ ଆରମ୍ଭ କରିବ ।

# ମୁମ୍ବାଇ ଇଣ୍ଡିଆନ୍ସ ହାରିବାର କାରଣ କହିଲେ କ୍ଲାର୍କ

**ମୁମ୍ବାଇ**

ଆଇପିଏଲ ୨୦୨୪ର ୪୮ତମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମୁହାଁମୁହିଁ ହୋଇଥିଲେ । ଏହି ମ୍ୟାଚ୍‌ରେ ମୁମ୍ବାଇକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା । ଏବେ ପୁଣି ଥରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦଳର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପରିଚାଳନା ଉପରେ ପ୍ରଶ୍ନ ଉଠିବାରେ ଲାଗିଛି । ବାସ୍ତବରେ ୫ ଥର ଆଇପିଏଲ ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ୨୦୨୪ ସିଜନ ବହୁତ ଖରାପ ଚାଲିଛି । ଅଧିନାୟକଙ୍କ ପରିବର୍ତ୍ତନ ପରଠାରୁ ବିବାଦରେ ଘେରି ରହିଥିବା ଏହି ଟିମ୍ ବର୍ତ୍ତମାନ ଗୋଷ୍ଠୀବାଦର ଶିକାର ହୋଇଛି । ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ମାଇକେଲ କ୍ଲାର୍କ ଦାବି କରିଛନ୍ତି ଯେ ମୁମ୍ବାଇ ଇଣ୍ଡିଆନ୍ସର ଡ୍ରେସିଂ ରୁମ୍‌ରେ ଏବେ ଖେଳାଳିମାନଙ୍କ ମଧ୍ୟରେ ଗୋଷ୍ଠୀ ସୃଷ୍ଟି ହୋଇସାରିଛି ।

ଯେଉଁ କାରଣରୁ ଖେଳାଳିମାନେ ମିଳିତ ଭାବରେ ପ୍ରଦର୍ଶନ କରିପାରୁନାହାନ୍ତି । କ୍ଲାର୍କ କହିଛନ୍ତି ଯେ ମୋତେ ଲାଗୁଛି ଯେ ବାହାରକୁ ଯେମିତି ଦେଖାଯାଉଛି, ତାହାଠାରୁ କିଛି ଅଧିକ ଡ୍ରେସିଂ ରୁମ୍‌ରେ ହେଉଛି । ଏତେ ଭଲ ଖେଳାଳି ଥିବା ସତ୍ତ୍ୱେ ପ୍ରଦର୍ଶନରେ ସ୍ଥିରତାର ଅଭାବ ଅଛି ଏବଂ ଲାଗୁଛି ଯେ ମୁମ୍ବାଇ ଇଣ୍ଡିଆନ୍ସର ଖେଳାଳିମାନେ କିଛି ଗ୍ରୁପ୍‌ରେ ବିଭକ୍ତ ହୋଇସାରିଛନ୍ତି । କ୍ଲାର୍କ ଆହୁରି କହିଛନ୍ତି- ବଡ଼ ଟୁର୍ଣ୍ଣାମେଣ୍ଟ ବ୍ୟକ୍ତିଗତ ପ୍ରଦର୍ଶନ ଦ୍ୱାରା ନୁହେଁ ବରଂ ଦଳଗତ ପ୍ରଦର୍ଶନ ଦ୍ୱାରା ଜିତାଯାଇଥାଏ । ମୁମ୍ବାଇ ଏକ ଦଳ ଭଳି ଭଲ ଖେଳିନଥିଲା । ଆଶା କରୁଛି ସେମାନେ ଉନ୍ନତି କରିବେ । ଉଲ୍ଲେଖ ଥାଉ କି ମୁମ୍ବାଇ ଇଣ୍ଡିଆନ୍ସ ଏପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳିଛି । ଏଥିମଧ୍ୟରୁ ମୁମ୍ବାଇକୁ ୭ଟି ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା ଏବଂ ୩ଟି ମ୍ୟାଚରେ ଜିତିଥିଲା । ମୁମ୍ବାଇର ୬ ପଏଣ୍ଟ ରହିଛି । ଏହି ପଏଣ୍ଟ ଯୋଗୁଁ ମୁମ୍ବାଇ ଇଣ୍ଡିଆନ୍ସ ପଏଣ୍ଟ ଟେବୁଲରେ ୯ ନମ୍ବରରେ ରହିଛି ।

## ଆଇପିଏଲ ଅଧାରୁ ସ୍ୱଦେଶ ଫେରିଯିବେ ଇଂଲଣ୍ଡ ଖେଳାଳି

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ୨୦୨୪ ଆରମ୍ଭ ପୂର୍ବରୁ ଇଂଲଣ୍ଡ ଦଳ ପାକିସ୍ତାନ ସହିତ ୪ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଯାଉଛି । ଏହି ସିରିଜ୍ ମେ' ୨୨ରୁ ଆରମ୍ଭ ହେବ । ଏହି ସମୟରେ, ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) ନିକଟରେ ଘୋଷଣା କରିଛି ଯେ, ଆଇପିଏଲ ୨୦୨୪ ପ୍ଲେ ଅଫ ପାଇଁ ଇଂଲଣ୍ଡ ଖେଳାଳି ଉପଲବ୍ଧ ହେବେ ନାହିଁ । ଇସିବି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଦଳରେ ମନୋନୀତ ହୋଇଥିବା ଖେଳାଳି ମାନେ ପାକିସ୍ତାନ ବିପକ୍ଷ ସିରିଜ ପାଇଁ ଇଂଲଣ୍ଡକୁ ଫେରିବେ ।

ଏହାର ଅର୍ଥ ହେଉଛି ଯଦି ଜୋସ୍ ବଟଲର୍ (ରାଜସ୍ଥାନ ରୟାଲ୍ସ), ଫିଲ ସଲ୍ଟ (କୋଲକାତା ନାଇଟ ରାଇଡର୍ସ), ମୋଏନ ଅଲି (ଚେନ୍ନାଇ ସୁପର କିଙ୍ଗ୍ସ), ସାମ କୁରାନ (ପଞ୍ଜାବ କିଙ୍ଗସ), ଜନି ବେୟାରଷ୍ଟୋ (ପଞ୍ଜାବ କିଙ୍ଗସ), ୱିଲ ଜ୍ୟାକ୍ସ (ଆରସିବି) ଏବଂ ରିସ୍ ଟୋପଲି ଯଦି ଟୋପଲି (ଆରସିବି) ଦଳ ପ୍ଲେ ଅଫ ରେ ପହଞ୍ଚେ, ତେବେ ଏହି ଖେଳାଳି ମାନେ ନକ୍‌ଆଉଟ୍ ମ୍ୟାଚ୍‌ର ଅଂଶ ହୋଇପାରିବେ ନାହିଁ ।

# ମୃତ୍ତିକା ପରୀକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କରେ ତାଲିମ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା କୃଷି ବିଭାଗ ତରଫରୁ ନବୋଦୟ ବିଦ୍ୟାଳୟ ପରିସରରେ ଶତାଧିକ ଛାତ୍ରଛାତ୍ରୀ ମାନଙ୍କୁ କିଭଳି ମୃତ୍ତିକା ପରୀକ୍ଷା କରାଯାଏ ଓ ମାଟିର ସ୍ୱାସ୍ଥ୍ୟ ଉପାଦାନ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ କାର୍ଯ୍ୟକ୍ରମ ସଂପର୍କରେ ବିଶେଷ ଆଲୋଚନା କରିବା ସହ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବୃକ୍ଷ ଓ ମାଟିକୁ ପରୀକ୍ଷା କରିବା ପାଇଁ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସ୍କୁଲର ଅଧକ୍ଷ ରୁଦ୍ର ପ୍ରସାଦ ଓ ସାହୁ, ଅତିରିକ୍ତ କୃଷି ଅଧିକାରୀ ପରୀକ୍ଷିତ ସାହୁ, ମୃତ୍ତିକା ପରୀକ୍ଷକ ମନୋରନ ରାଉତ, ବବୁଲ ପ୍ରଧାନ, ଶିକ୍ଷକ ଡିକେ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।



# ଅଷ୍ଟ୍ରେଲିଆର ଟି-୨୦ ବିଶ୍ୱକପ ସ୍କ୍ୱାଡ୍‌ରୁ ବାଦ୍ ପଡ଼ିଲେ ସ୍ମିଥ୍ ଓ ଜ୍ୟାକ୍ ଫ୍ରେଜର ମ୍ୟାଗର୍କ

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ପାଇଁ ଟିମ୍ ଅଷ୍ଟ୍ରେଲିଆ ତା'ର ୧୫ ଜଣିଆ ସ୍କ୍ୱାଡ୍ ଘୋଷଣା କରିଛି । ତେବେ ସ୍କ୍ୱାଡ୍‌ରୁ ଆଶ୍ଚର୍ଯ୍ୟଜନକ ଭାବେ ଭେଟରାନ ବ୍ୟାଟର୍ ଷ୍ଟିଭ୍ ସ୍ମିଥ୍, ଯୁବ ବିସ୍ଫୋରକ ବ୍ୟାଟର ଜ୍ୟାକ ଫ୍ରେଜର ମ୍ୟାଗର୍କ ଓ ଇନଫର୍ମ ଜେସନ ବେହେର୍ନଡ୍ରଫ ନାହାନ୍ତି । ସେହିପରି ଅଲରାଉଣ୍ଡର ମ୍ୟାଟ ଶର୍ଟଙ୍କୁ ମଧ୍ୟ ୧୫ ଜଣିଆ ସ୍କ୍ୱାଡ୍‌ରେ ସାମିଲ କରାଯାଇ ନାହିଁ ।

ଜ୍ୟାକ ଫ୍ରେଜର ଏବେ ଆଇପିଏଲରେ ଦମ୍‌ଦାର ବ୍ୟାଟିଂ କରୁଛନ୍ତି । ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳୁଥିବା ଫ୍ରେଜର ୧୫ ବଲରେ ୫୦ ରନ କରି ଚଳିତ ଆଇପିଏଲରେ ରେକର୍ଡ କରିଛନ୍ତି । ଭେଟରାନ ଡାଭିଡ ୱାର୍ଣ୍ଣରଙ୍କ ବଦଳରେ ଦିଲ୍ଲୀ ତାଙ୍କ ଉପରେ ଅଧିକ ଭରସା ଦେଖାଉଛି । ତାଙ୍କ ଫର୍ମକୁ ଦୃଷ୍ଟିରେ ରଖି ସେ ଅଷ୍ଟ୍ରେଲିଆର ବିଶ୍ୱକପ ସ୍କ୍ୱାଡ୍‌ରେ ସାମିଲ ହେବେ ବୋଲି ଆଶା କରାଯାଉଥିଲା କିନ୍ତୁ କ୍ରିକେଟ ଅଷ୍ଟ୍ରେଲିଆ ଏହି ଯୁବ ବ୍ୟାଟରଙ୍କୁ ବିଶ୍ୱକପ ପାଇଁ ଚୟନ କରିନାହିଁ । ସେହିପରି ୨୦୨୨ ଟି-୨୦ ବିଶ୍ୱକପ ପରେ ଅଷ୍ଟ୍ରେଲିଆ ପାଇଁ ସମାନ ଫର୍ମାଟରେ ଗୋଟିଏ ହେଲେ ବି ମ୍ୟାଚ୍ ଖେଳି ନଥିବା ବାମହାତୀ ସ୍ପିନର ଅଷ୍ଟନ ଅଗରଙ୍କୁ ୧୫ ଜଣିଆ ସ୍କ୍ୱାଡ୍‌ରେ ସାମିଲ କରାଯିବା କ୍ରିକେଟ ପଣ୍ଡିତଙ୍କୁ ବିସ୍ମୟ କରିଛି । ଅଲରାଉଣ୍ଡର ଭାବେ ସ୍କ୍ୱାଡ୍‌ରେ ମାର୍କସ ଷ୍ଟୋଇନିସ, ଟିମ୍ ଡାଭିଡ, କାମେରନ ଗ୍ରୀନ ଓ ଗ୍ଲେନ ମ୍ୟାକ୍ସୱେଲ ସ୍କ୍ୱାଡ୍‌ରେ ରହିଛନ୍ତି । ଆଇପିଏଲରେ ରନ ପାଇଁ ସଂଘର୍ଷ କରୁଥିବା ଡାଭିଡ ୱାର୍ଣ୍ଣର ମଧ୍ୟ ଟି-୨୦ ବିଶ୍ୱକପ ଖେଳିବେ । ମିଚେଲ ମାର୍ଶଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଟ୍ରଫି ପାଇଁ ଟକ୍କର କରିବ ।

ଅଷ୍ଟ୍ରେଲିଆ ସ୍କ୍ୱାଡ୍ : ମିଚେଲ ମାର୍ଶ (ଅଧିନାୟକ), ଅଷ୍ଟନ ଅଗର, ପାଟ କମିନ୍ସ, ଟିମ୍ ଡାଭିଡ, ନାଥନ ଏଲିସ, କାମେରନ ଗ୍ରୀନ, ଜୋଶ ହେଜେଲଉଡ, ଟ୍ରାଭିସ ହେଡ, ଜୋଶ ଇଙ୍ଗଲିସ, ଗ୍ଲେନ ମ୍ୟାକ୍ସୱେଲ, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ, ମାଥ୍ୟୁ ୱେ, ଡାଭିଡ ୱାର୍ଣ୍ଣର ଓ ଆଡାମ ଜାମ୍ପା ।

# ଆଇନ ସେବା ପ୍ରାଧିକରଣ ତରଫରୁ ସଚେତନତା ଶିବିର

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ରମାଦେବୀ +୨ ବିଜ୍ଞାନ ମହା ବିଦ୍ୟାଳୟ ତଥା ନର୍ସିଂ କଲେଜରେ ମାନସିକ ଅସୁସ୍ଥତା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ମାନସିକ ଅବସାଦରୁ କିପରି ଦୂରେଇ ରହିବା ଓ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ଶିବିରରେ ମହା ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାସ କୁମାର ଧଳ, ଉପାଧ୍ୟକ୍ଷ ନିରନ ରାଉତଙ୍କ ସମେତ ନିର୍ଦ୍ଦେଶକ ଓ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ଶ୍ରମ ଦିବସ ପାଳିତ

# କର୍ମକୁ କର୍ତ୍ତବ୍ୟ, କର୍ତ୍ତବ୍ୟକୁ ଦାୟିତ୍ୱ ଓ ଦାୟିତ୍ୱକୁ ଉତ୍ତରଦାୟିତ୍ୱ ଭାବେ ଗ୍ରହଣ କର : କୁଳପତି

**ବାଲେଶ୍ୱର, ନ୍ୟୁଜ୍**

ସାମାଜିକ ନ୍ୟାୟ ଓ ସମସ୍ତଙ୍କ ପାଇଁ ଉପଯୁକ୍ତ କାର୍ଯ୍ୟକୁ ମୁଖ୍ୟ ପ୍ରସଙ୍ଗକୁ ନେଇ ଫକୀରମୋହନ ବିଶ୍ୱ-ବିଦ୍ୟାଳୟର ଫେକଲ୍ଟି ଅଫ ବିଜନେସ୍ ଷ୍ଟଡିଜ୍ ଓ ମ୍ୟାନେଜମେଣ୍ଟ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ଶ୍ରମ ଦିବସ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିସହିତ ସମ୍ମାନିତ ଅତିଥି ଭାବେ ବିଶ୍ୱ-ବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ଏହି ଦିନଟି ସମସ୍ତ କର୍ମୀ ତଥା ଶ୍ରମିକଙ୍କୁ ସେମାନଙ୍କ କଠିନ ପରିଶ୍ରମ ଓ ଅଧିକାରକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ ।



ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ ଯୋଗଦେଇ ଶ୍ରମିକମାନଙ୍କ ପରିଶ୍ରମ ଯୋଗୁଁ ଆମପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ସହଜରେ ଉପଲବ୍ଧ ହୋଇପାରୁଛି ତଥା ଆମ ସମସ୍ତଙ୍କୁ ପ୍ରତି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ଅଧିକାର ଓ ସାମଗ୍ରିକ ବିକାଶ ସମ୍ବନ୍ଧରେ ଜାଗ୍ରତ ରହିବା ଉଚିତ ବୋଲି ନିଜ ଉଦବୋଧନରେ ପ୍ରକାଶ କରିଥିଲେ ।

ଆମନ୍ତ୍ରିତ ପ୍ରମୁଖ ଅତିଥି ଭାବେ ଇମାମୀ ପେପର ମିଲ୍ସ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଡକ୍ଟର ୟୁସୁଫ ଅଲ୍ଲୀ ସୋଲଙ୍କି ଯୋଗଦେଇ, ପ୍ରତ୍ୟେକ କାମରେ ବ୍ୟକ୍ତିଗତ ଓ ଦଳଗତ କ୍ଷମତାର ବୃଦ୍ଧି ଓ କର୍ମସଂସ୍ଥାନ ମଧ୍ୟରେ ଉତ୍ତମ ପାରସ୍ପରିକ ଯୋଗା-ଯୋଗ ରକ୍ଷା କରିବା ଆବଶ୍ୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ ।

ଏହି ଅବସରରେ ବାଲେଶ୍ୱର ଜିଲ୍ଲା ଶ୍ରମ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଯୋଗଦେଇ ଶ୍ରମିକମାନଙ୍କ ଲାଗି ଉଦ୍ଦିଷ୍ଟ ସରକାରୀ ନିୟମକାନୁନ ଗୁଡ଼ିକ ବୁଝାଇ କହିଥିଲେ ଓ ଶ୍ରମ ବିଭାଗ ଦ୍ୱାରା ପ୍ରାୟୋଜିତ ସଚେତନତା ଆଧାରିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂପର୍କରେ ଅବଗତ କରାଇଥିଲେ ।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମରେ ଉପସ୍ଥିତ ବିଶ୍ୱବିଦ୍ୟାଳୟର ତୃଣମୂଳସ୍ତରରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ସମ୍ମାନୀତ କରିଥିଲେ । ସେମାନଙ୍କ କର୍ତ୍ତବ୍ୟନିଷ୍ଠା ଓ ବିଶ୍ୱବିଦ୍ୟାଳୟର ଉନ୍ନତିକରଣରେ ସେମାନଙ୍କ ସହଯୋଗକୁ ପ୍ରଶଂସା କରିବାସହ ଧନ୍ୟବାଦ ଜ୍ଞାପନ କରିଥିଲେ । ମନୋଭାବକୁ ନେଇ କର୍ମଚାରୀଙ୍କ ପ୍ରକାର ଭେଦ କରିବା ସହ ସମସ୍ତେ ନିଜ ନିଜ କାମକୁ କର୍ତ୍ତବ୍ୟ ରୂପେ ଗ୍ରହଣ କରିବା ଓ ତାହାକୁ ସୂଚାରୁ ଭାବେ ସଂପୂର୍ଣ୍ଣ କରିବା ସହ କାମକୁ ଉପଭୋଗ କରିବାକୁ କୁଳପତି ପ୍ରଫେସର ତ୍ରିପାଠୀ ଉପଦେଶ ଦେବା ସହ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ମାନଙ୍କୁ ଉତ୍ସାହିତ କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ବିଜନେସ୍ ମ୍ୟାନେଜମେଣ୍ଟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଭବାନୀ ଶଙ୍କର ଜେନା ସଂଚାଳନା କରିଥିଲେ । ବାଣିଜ୍ୟ ବିଭାଗର ସଂଯୋଜକ ଡକ୍ଟର ଆର୍ତ୍ତ ବନ୍ଧୁ ଜେନା ଅତିଥି ପରିଚୟ ଦେଇଥିଲେ । ଏଥିସହ ଶ୍ରମ ଦିବସ ସଂପର୍କରେ ପି.ଏମ.ଆଇ.ଆର ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସଲୋନୀ ମଲ୍ଲିକ ଆଲୋକ-ପାତ କରିଥିଲେ ଓ ସାମାଜିକ ନ୍ୟାୟ ଓ ସମସ୍ତଙ୍କ ପାଇଁ ଉପଯୁକ୍ତ କାର୍ଯ୍ୟ ପ୍ରସଙ୍ଗ ବିଷୟରେ ବିଜନେସ୍ ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର ପଦ୍ମଲିତା ରାଉତରାୟ ଅବଗତ କରାଇଥିଲେ । କାର୍ଯ୍ୟକ୍ରମ ଶେଷରେ ଆସିଷ୍ଟାଣ୍ଟ ପ୍ରଫେସର ଲକ୍ଷ୍ମୀ ପ୍ରିୟା ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୩ ମଇ ୨୦୨୪ ଶୁକ୍ରବାର







ଭୁବନେଶ୍ୱର ଫଟୋ ସାମ୍ବାଦକ ଆସୋସିଏସନ ପକ୍ଷରୁ ଶ୍ରମିକ ଦିବସ ସମାରୋହ-୨୦୨୪ ଅବସରରେ ଆୟୋଜିତ ବନ୍ଧୁ ମିଳନରେ ଉପସ୍ଥିତ ଅଛନ୍ତି ମୁଖ୍ୟ ଅତିଥି ଅଭିନେତା ସବ୍ୟସାଚୀ ଓ ଅଭିନେତ୍ରୀ ଅର୍ଚ୍ଚିତା । (ଫଟୋ : ସମ୍ବାଦ କଳିକା)

# ଭୁବନେଶ୍ୱର ଲୋକସଭା ଆସନ ପାଇଁ ନାମାଙ୍କନ ଦାଖଲ କଲେ ଅପରାଜିତା ଓ ମନ୍ମଥ





**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଲୋକସଭା ଆସନ ନିମନ୍ତେ ନାମାଙ୍କନ ଦାଖଲ କରିଛନ୍ତି ଦୁଇ ବିଜେପି ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଓ ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ । ଗୁରୁବାର ଦିନ ବିରାଟ ଶୋଭାଯାତ୍ରାରେ ହଜାର ହଜାର ସମର୍ଥକଙ୍କ ସହ ଉଭୟ ଅପରାଜିତା ଓ ମନ୍ମଥ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ଦାଖଲ କରିଛନ୍ତି । ତେବେ ନାମାଙ୍କନ ଦାଖଲ ବେଳେ ଉଭୟ ପ୍ରାର୍ଥୀଙ୍କ ସମର୍ଥକ ମୁହାଁମୁହିଁ ହେବାରୁ କିଛି ସମୟ ପାଇଁ ପରିସ୍ଥିତି ଅଣାୟତ ହୋଇ ପଡ଼ିଥିଲା । ବିଜେପିର ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଗୁରୁବାର ସକାଳେ ନିଜ ବାସଭବନରୁ ବାହାରି ସମର୍ଥକଙ୍କ ସହ ମା' ଭୁଆସୁଣି ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ଏହାପରେ ସେ ନିଜ ସମର୍ଥକଙ୍କ ସହ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଏକ ଖୋଲା ଜିପ୍‌ରେ ଯାଇଥିଲେ । ଅପରାଜିତା ଏକ ବିଶାଳ ରୋଡ ଶୋ' କରିଥିବା ବେଳେ ତାଙ୍କର ହଜାର ହଜାର ସମର୍ଥକ ଏଥିରେ ସାମିଲ ହୋଇଥିଲେ । ଏହାପରେ ସେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ଦାଖଲ କରିଥିଲେ । ଏହି ଅବସରରେ ପ୍ରିୟଦର୍ଶୀ ମିଶ୍ର, ପ୍ରଶାନ୍ତ ଜଗଦେବ, ବାବୁ ସିଂ ପ୍ରମୁଖ ନାମାଙ୍କନ ଦାଖଲ ବେଳେ ଉପସ୍ଥିତ ଥିଲେ । ସେହିପରି ଭୁବନେଶ୍ୱର ଲୋକସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ମଧ୍ୟ ଗୁରୁବାର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ସକାଳୁ ସକାଳୁ ଲିଙ୍ଗରାଜ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଭୁଙ୍କ ଆଶୀର୍ବାଦ ନେଇ ନାମାଙ୍କନ ପାଇଁ ବାହାରିଥିଲେ ମନ୍ମଥ । ଏହାପରେ ଗୋଡ଼ିପୋଖରୀ ଛକରୁ ନିଜ ସମର୍ଥକଙ୍କ ସହ ଶଗଡ଼ ଜରିଆରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ନାମାଙ୍କନପତ୍ର ଦାଖଲ କରିଥିଲେ । ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉଭୟ ବିଜେପି ଓ ବିଜେଡି ପ୍ରାର୍ଥୀ ନାମାଙ୍କନ ଦାଖଲ କରୁଥିବା ବେଳେ ବାହାରେ ଉପୁଜିଥିଲା ମୁହାଁମୁହିଁ ସ୍ଥିତି । ଅପରାଜିତା ଷଡ଼ଙ୍ଗୀ ଓ ମନ୍ମଥ ରାଉତରାୟଙ୍କ ସମର୍ଥକ ମୁହାମୁହିଁ ହୋଇଥିଲେ । ପରେ ଏସ୍‌ପି ଉଭୟ ପକ୍ଷଙ୍କ ସହ ଆଲୋଚନା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା । ଆସନ୍ତା ମେ' ୨୫ ତାରିଖରେ ତୃତୀୟ ପର୍ଯ୍ୟାୟରେ ଭୁବନେଶ୍ୱର ଲୋକସଭା କ୍ଷେତ୍ର ପାଇଁ ମତଦାନ ହେବ ।

# ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ: ପୋଷ୍ୟ ସନ୍ତାନକୁ ମିଳିବ ଅନୁକମ୍ପା ନିଯୁକ୍ତି



**କଟକ, ନ୍ୟୁଜ ବ୍ୟୁରୋ**

ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ପୋଷ୍ୟ ଭାବେ ଗ୍ରହଣ କରିଥିବା ପୁଅକୁ ଅନୁକମ୍ପାମୂଳକ ନିଯୁକ୍ତି ମିଳିପାରିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ମୃତ ସରକାରୀ କର୍ମଚାରୀଙ୍କ ପତ୍ନୀ ପୋଷ୍ୟ ଭାବେ ଗ୍ରହଣ କରିଥିବା ପୁଅକୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ ସପକ୍ଷରେ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସ୍ୟାଟ୍) ୨୦୧୫, ସେପ୍ଟେମ୍ବର ୨୯ରେ ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ କାଏମ ରଖିଛନ୍ତି । ଅନ୍ୟପଟରେ ସ୍ୟାଟ୍ ରାୟ ବିରୋଧରେ ରାଜ୍ୟ ସରକାର ଦାୟର କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି । ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି । ଆସନ୍ତା ଚାରି ସପ୍ତାହ ଭିତରେ ସ୍ୟାଟ୍ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କହିଛନ୍ତି ଖଣ୍ଡପୀଠ । ଓଡିଏସ୍ (ଆରଏ) ନିୟମାବଳୀ, ୧୯୯୦ ଅନୁସାରେ ପଞ୍ଜୀକୃତ ଦଲିଲ ମାଧ୍ୟମରେ ଆଇନ ଅନୁଯାୟୀ ପୋଷ୍ୟ ଭାବେ ଗ୍ରହଣ କରାଯାଇଥିବା ପୁଅ ଅନୁକମ୍ପାମୂଳକ ନିଯୁକ୍ତି ପାଇବେ । କର୍ମଚାରୀଙ୍କ ମୃତ୍ୟୁ ପରେ ପଞ୍ଜୀକୃତ କରାଯାଇଥିବା ପୋଷ୍ୟ ସନ୍ତାନ ଦଲିଲକୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ ବେଳେ ବିଚାରକୁ ନିଆଯିବ ନାହିଁ ବୋଲି ସାଧାରଣ ପ୍ରଶାସନ ବିଭାଗ ଜାରି କରିଥିବା ୧୯୯୬, ଅକ୍ଟୋବର ୧୦ର ଆଦେଶପତ୍ର ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିବା ସହ ଏହାକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ୧୯୯୦ ନିୟମାବଳୀର ବିରୁଦ୍ଧାଚରଣ କରିବା ସହିତ ପକ୍ଷଙ୍କ ମୌଳିକ ଅଧିକାର ଉଲ୍ଲଂଘନ କରୁଛି ବୋଲି ହାଇକୋର୍ଟ ମତ ଦେବା ସହିତ ସରକାରଙ୍କ ଆବେଦନକୁ ଖାରଜ କରିଛନ୍ତି । ମାମଲାରୁ ପ୍ରକାଶ ଯେ, ବାଲିଗୁଡ଼ା ବ୍ଲକ ଶିକ୍ଷାଅଧିକାରୀ(ବିଇଓ)ଙ୍କ ଅଧୀନ କେଟିଙ୍ଗା ୟୁପି ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ଓଲିୟମ ସିଂଙ୍କ ୧୯୯୨, ଏପ୍ରିଲ ୯ରେ ପରଲୋକ ହୋଇଥିଲା । ତାଙ୍କ ମୃତ୍ୟୁ ପରେ ପତ୍ନୀ ନିରଞ୍ଜନା ସିଂ ଜଣଙ୍କୁ ପୋଷ୍ୟ ପୁଅ ଭାବେ ଗ୍ରହଣ ନେଇ ଦଲିଲ ପଞ୍ଜୀକରଣ କରାଇଥିଲେ । ଏହାପରେ ପୋଷ୍ୟ ପୁଅଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଦରଖାସ୍ତ କରିବାରୁ ତାଙ୍କୁ ମାଷ୍ଟାପଙ୍ଗା ପ୍ରାଥମିକ ସ୍କୁଲରେ ସହକାରୀ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା । ୧୯୯୩, ନଭେମ୍ବର ୨୦ରେ ତାଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ କାର୍ଯ୍ୟ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏପରିକି ପରେ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା । ପୋଷ୍ୟପୁତ୍ର ପ୍ରମାଣ ସିଦ୍ଧ ପାଇଁ ସେ ବାଲିଗୁଡ଼ା ସିଭିଲ ଜଜ୍ (ଏସଡି) ଅଦାଲତରେ ମାମଲା ଦାୟର କରିଥିଲେ ।

# ବେଦାନ୍ତ ଆଲୁମିନିୟମ ରେଳବାଇ ପାଇଁ ସର୍ବବୃହତ ରାଜସ୍ୱ ଉତ୍ପାଦକ ଭାବେ ଖ୍ୟାତି ଅର୍ଜନ କରିଛି

**ଝାରସୁଗୁଡା, ନ୍ୟୁଜ ବ୍ୟୁରୋ**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ଅପରେସନ୍ ନିକଟରେ ସମ୍ବଲପୁର ଡିଭିଜନରେ ଭାରତୀୟ ରେଳବାଇ ପାଇଁ ସର୍ବାଧିକ ରାଜସ୍ୱ ଉତ୍ପାଦକ ଭାବରେ ବିଚାର କରାଯାଇଥିଲା । ଝାରସୁଗୁଡାରେ ଥିବା ଆଲୁମିନିୟମ ପ୍ଲାଣ୍ଟରେ ଏହି ମାଇଲଖୁଣ୍ଟକୁ ସ୍ମରଣୀୟ କରିବା ପାଇଁ ଏକ କାର୍ଯ୍ୟକ୍ରମରେ ସମ୍ବଲପୁର ଡିଭିଜନର ଡିଭିଜନାଲ ରେଳ ପରିଚାଳକ, ତୁଷାର କାନ୍ତ ପାଣ୍ଡେ, ବରିଷ୍ଠ ବିଭାଗୀୟ ପରିଚାଳନା ଅଧିକାରୀ ଶ୍ରୀ ତନ୍ମୟ ମୁଖୋପାଧାୟ ଏବଂ ବରିଷ୍ଠ ବିଭାଗୀୟ ସୁରକ୍ଷା ଅଧିକାରୀ ଶ୍ରୀ ଏସ୍ ନାୟକଙ୍କ ଦ୍ୱାରା କମ୍ପାନୀକୁ ସମ୍ମାନିତ କରାଯାଇଥିଲା । ଇଭେଣ୍ଟର ଏକ ଅଂଶ ଭାବରେ ବେଦାନ୍ତର ସୁରକ୍ଷା ଏବଂ ଲଜିଷ୍ଟିକ୍ ପରିଚାଳନାରେ ଦକ୍ଷତା ଉପରେ ପ୍ରତିବଦ୍ଧତା ଉପରେ ଏକ ସୁରକ୍ଷା ରାଲି କରାଯାଇଥିଲା । କର୍ମଚାରୀ ଏବଂ ବ୍ୟବସାୟିକ ଭାଗିଦାରୀମାନେ ମଧ୍ୟ ରେଳବାଇର ସମୃଦ୍ଧ ଇତିହାସ ଏବଂ ଐତିହ୍ୟକୁ ନେଇ କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଯୋଗ ଦେଇ ଶ୍ରୀ ସୁନୀଲ ଗୁପ୍ତା, ସିଓଓ, ବେଦାନ୍ତ ଆଲୁମିନିୟମ ମନ୍ତବ୍ୟ ଦେଇ କହିଛନ୍ତି, "ଭାରତୀୟ ରେଳବାଇ ଦ୍ୱାରା ସମ୍ବଲପୁର ଡିଭିଜନରେ ଶୀର୍ଷ ରାଜସ୍ୱ ଉତ୍ପାଦନକାରୀ ଭାବେ ସ୍ୱୀକୃତି ପାଇବା ପ୍ରକୃତରେ ଏକ ମାଇଲଖୁଣ୍ଟ ଅଟେ । ବେଦାନ୍ତରେ, ଆମେ ଆଲୁମିନିୟମର ଅସୀମ ସମ୍ଭାବନା




ଅନୁସନ୍ଧାନ ପାଇଁ ଉତ୍ସର୍ଗୀକୃତ ଏବଂ ଆମର ଲଜିଷ୍ଟିକ୍ ସାମର୍ଥ୍ୟକୁ ସାହାଯ୍ୟ କରିବାରେ ଭାରତୀୟ ରେଳବାଇର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆମେ ଗଭୀର ଭାବରେ ପ୍ରଶଂସା କରୁଛୁ । ନିରାପତା ସହିତ ଆମର ମାର୍ଗଦର୍ଶିକା ଭାବରେ, ଆମେ ଦୃଢ ସହଭାଗୀତା ସୃଷ୍ଟି କରିବା, ନୂତନ ମାନକ ସ୍ଥିର କରିବା ଏବଂ ଝାରସୁଗୁଡାକୁ ବିଶ୍ୱର ଆଲୁମିନିୟମ୍ ରାଜଧାନୀ ଭାବରେ ସ୍ଥାନିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏହି ଅବସରରେ ସମ୍ବଲପୁର ଡିଭିଜନର ରେଳ ପରିଚାଳକ ତୁଷାର କାନ୍ତ ପାଣ୍ଡେ ଆଲୋକିତ କରିଛନ୍ତି, ଯୁବ ଇଞ୍ଜିନିୟର ତଥା ସୁରକ୍ଷା ବିଶେଷଜ୍ଞଙ୍କ ଏକ ଦଳ ଦ୍ୱାରା ସଶକ୍ତ ହୋଇ ବେଦାନ୍ତ ରେଳ ଲଜିଷ୍ଟିକ୍ସ ଏବଂ ସୁରକ୍ଷା ମାନଦଣ୍ଡରେ ବୃଦ୍ଧି କରୁଛନ୍ତି । ଆମ ବିଭାଗରେ ବେଦାନ୍ତ ଅଗ୍ରଣୀ ରାଜସ୍ୱ ଯୋଗଦାନକାରୀ, ଏବଂ ଆମେ ଏହି ସହଭାଗିତାକୁ ଆହୁରି ବଢାଇବା ତଥା ଦୃଢ କରିବାକୁ ଆଗ୍ରହୀ । ବେଦାନ୍ତ ଆଲୁମିନିୟମ ଷବକ୍ସ । ରସୁଗୁଡାରେ ଏକ ବୃହତ ସ୍କେଲରେ କାର୍ଯ୍ୟ କରେ, ଯାହାକି ବାର୍ଷିକ କ୍ଷମତା ୧.୮ ଏମଟିପିଏ ସହିତ ବିଶ୍ୱର ସର୍ବ ବୃହତ ଆଲୁମିନିୟମ ସ୍ମେଲଟର ଅଟେ । ଓଡ଼ିଶା ଏବଂ ଛତିଶଗଡରେ ଭୂଲମ୍ବ ଭାବରେ ଏକୀକୃତ ତଥା ରଣନୈତିକ ସ୍ଥିତ ସମ୍ପତ୍ତି ସହିତ ବେଦାନ୍ତର ଗୁରୁତ୍ୱପୂର୍ଣ୍ଣ ଭୌଗୋଳିକ ସୁବିଧା ରହିଛି, ଯାହାଦ୍ୱାରା ବିଶ୍ୱସ୍ତରୀୟ କାର୍ଯ୍ୟକୁ ସୁନିଶ୍ଚିତ କରାଯାଏ । ଶିଳ୍ପ ମଧ୍ୟରେ ଏକ ବୃତାକାର ଅର୍ଥନୀତିକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟକୁ ସମର୍ଥନ କରି ବେଦାନ୍ତ ଆଲୁମିନିୟମ୍‌ହାସ୍ ମଧ୍ୟ ସିମେଣ୍ଟ ଏବଂ ଭିତ୍ତିଭୂମି ଶିଳ୍ପକୁ ସର୍ବାଧିକ ସଂଖ୍ୟକ ଫ୍ଲାଏ ପାଉଁଶ ଯୋଗାଇ ଦେଇଛନ୍ତି, ଯାହାକି ଭାରତୀୟ ରେଳବାଇ ମଧ୍ୟରେ ଏକ ରେକର୍ଡ । ବେଦାନ୍ତ ଆଲୁମିନିୟମ ବେଦାନ୍ତ ଲମିଟେଡର ବ୍ୟବସାୟ ହେଉଛି ବେଦାନ୍ତ ଲିମିଟେଡ଼ର ଏକ ଅଂଶ ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ମାତା ପ୍ରାୟତଃ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ ଉତ୍ପାଦନକାରୀ ଓ ଆର୍ଥିକ ବର୍ଷ ୨୪ ରେ ୨.୩୭ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ସଂସ୍ଥା । ବେଦାନ୍ତ ଆଲୁମିନିୟମ ଏସଆଣ୍ଡପି ଗ୍ଲୋବାଲ କର୍ପୋରେଟ ସସଟାନବିଲିଟି ଆସସମେଂଟ ୨୦୨୩ରେ ଆଲୁମିନିୟମ ଉଦ୍ୟୋଗ ପାଇଁ ପ୍ରଥମ ର୍ୟାଙ୍କ ଧାରୀ ଆଖ୍ୟା ଅର୍ଜନ କରିଛି ଓ ସ୍ଥାୟୀ ବିକାଶ ଅବଲମ୍ବନକାରୀ ସଂସ୍ଥା । ବେଦାନ୍ତର ବିଶ୍ୱ ଶ୍ରେଣୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନିୟମ ରିଫାଇନାରୀ ଓ ପାୱାରପ୍ଲାଣ୍ଟର ଅତ୍ୟାଧୁନିକ ସୁବିଧା, ଦକ୍ଷ ଇଂଜିନିୟରିଂ ଶକ୍ତିକୁ ନେଇ ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଡବଲ ଇଞ୍ଜିନକୁ ...

ମାଧ୍ୟମରେ ପାଠ ପଢିବାକୁ ଆଦର୍ଶ ବିଦ୍ୟାଳୟ ଗଠନ କରିଛନ୍ତି ମୁଖ୍ୟମନ୍ତ୍ରୀ । କୌଣସି ଡବଲ ଇଞ୍ଜିନ ସରକାର ଏହା କରିପାରିନାହାଁନ୍ତି । ଆଦିବାସୀଙ୍କ ଉପରେ ଥିବା ୫୦ ହଜାରରୁ ଅଧିକ ଛୋଟମୋଟ ମାମଲାକୁ ରଦ୍ଦ କରିଛନ୍ତି । ଏଭଳି ନିଷ୍ପତ୍ତି କୌଣସି ସରକାର କେବେ ନେଇନାହାଁନ୍ତି । ମୁଖ୍ୟମନ୍ତ୍ରୀ ସବୁ ସଂପ୍ରଦାୟକୁ ସମ୍ମାନ ଦେଉଛନ୍ତି । ଯେଉଁଥିପାଇଁ ଓଡିଶାରେ ଶାନ୍ତି ପ୍ରତିଷ୍ଠା ହେବାସହ ପ୍ରଗତିର ଧାରା ଜାରି ରହିଛି । ଗତ ଜୁନ ମାସରେ ମିଳିଥିବା ଆବେଦନ ଆଧାରରେ ସରକାର ନେଇଥିବା ନିଷ୍ପତ୍ତିର ହିସାବ ଦେଇଛନ୍ତି କାର୍ତ୍ତିକ ପାଣ୍ଡିଆନ । ବାଲିଗୁଡାରୁ ମିଳିଥିବା ଆବେଦନ ମଧ୍ୟରୁ ୮୦ ପ୍ରତିଶତ ସମସ୍ୟାର ସମାଧାନ ହୋଇଛି । ଏଥିସହ ନିର୍ବାଚନ ପରେ ମିଳିଥିବା ଆବେଦନ ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯିବ ତାର ହିସାବ ଦେବାକୁ ସେ ପ୍ରତିଶୃତି ଦେଇଛନ୍ତି ।

## ୪୫ ଡିଗ୍ରୀ...

ଆଗାମୀ ୨ଦିନ ପରେ ଉପକୂଳରେ ହିଟୱେଭରେ ବ୍ରେକ ଲାଗିପାରେ । ଆସନ୍ତା ୬ ତାରିଖ ପରେ ରାଜ୍ୟରୁ ଗ୍ରୀଷ୍ମ ପ୍ରବାହରେ ବ୍ରେକ ଲାଗିବା ସମ୍ଭାବନା ରହିଛି ।

## ମୁଁ ନବୀନ ପଟ୍ଟନାୟକଙ୍କ...

ତାଙ୍କ ଗୁରୁଙ୍କୁ ସାହାଯ୍ୟ କରିବା ପାଇଁ ସୂର୍ଯ୍ୟଙ୍କ ପ୍ରକୋପ ମଧ୍ୟରେ ସବୁକିଛି କରିବେ । ଯାହାଦ୍ୱାରା ସେ ରାଜ୍ୟବାସୀଙ୍କ ସେବା କରି ପାରିବେ । ତେବେ ଭାଜପା ଉପରେ କୌଣସି ପ୍ରତ୍ୟକ୍ଷ ଟାର୍ଗେଟ ନ କରି ପାଣ୍ଡିଆନ ଏହା ମଧ୍ୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଅନେକ ଅନୁରୋଧ ପରେ ମଧ୍ୟ କେନ୍ଦ୍ରରେ ଶାସକ ଦଳ ହିଁ ଓଡିଆ ଅସ୍ମିତା ପାଇଁ କିମ୍ବା ରାଜ୍ୟର ଭାଷା, କଳା ଏବଂ ସଂସ୍କୃତିର ପ୍ରଚାର ପାଇଁ କିଛି କରିନାହାଁନ୍ତି । ତେବେ କେବଳ ବିରୋଧୀମାନେ ହିଁ ମୋତେ ବାହାର ବ୍ୟକ୍ତି ବୋଲି କହୁଛନ୍ତି । ଏହି ସାକ୍ଷାତକାରରେ ସେ ମୁଖ୍ୟମନ୍ତ୍ରୀଙ୍କୁ ନିଜର ଗୁରୁ ବୋଲି କହିଛନ୍ତି । ସେ କହିଥିଲେ ମୁଁ ନବୀନ ବାବୁଙ୍କୁ ମୋର ଗୁରୁ ବୋଲି କହୁଛି ଏବଂ ମୁଁ ତାଙ୍କର ଶିଷ୍ୟ ।

## ଅନ୍ତିମ ପର୍ଯ୍ୟାୟ...

ଦାସଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ଖଣ୍ଡପଡ଼ାରୁ ସାବିତ୍ରୀ ପ୍ରଧାନ ଏବଂ ନୀଳଗିରି ଆସନରୁ ସୁକାନ୍ତ କୁମାର ନାୟକଙ୍କୁ ପ୍ରାର୍ଥୀ କରାଯାଇଛି । ସନ୍ଧ୍ୟାରାଣୀ ଦାସ ବିଜେଡି ସଂଗଠନ ସମ୍ପାଦକ ବବି ଦାସଙ୍କ ମା' । ସେହିପରି ଦେବଗଡ଼ ବିଧାନସଭା ଆସନରେ ପ୍ରାର୍ଥୀ ପରିବର୍ତ୍ତନ କରାଯାଇଛି । ଦେବଗଡ଼ ବିଧାନସଭା ପ୍ରାର୍ଥୀ ଅରୁନ୍ଧତୀ ଦେବୀଙ୍କ ବଦଳରେ ସେଠାରୁ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ପ୍ରାର୍ଥୀ କରାଯାଇଛି ।

## ସାମରିକ ବେସ୍‌ରୁ ...

ଥିବାବେଳେ ଅନ୍ୟଟି କାରିବିଆନ ଉପକୂଳରେ ଅବସ୍ଥିତ । ରାଷ୍ଟ୍ରପତି ପେଟ୍ରୋ କହିଛନ୍ତି ଗୁଳିଗୋଳାଗୁଡ଼ିକ କଲମ୍ବିଆର ବିଦ୍ରୋହୀ ସଂଗଠନଙ୍କ ହାତରେ ପଡିଥାଇପାରେ କିମ୍ବା ଅନ୍ୟ ଦେଶରେ ଅପରାଧୀ ଗୋଷ୍ଠୀକୁ ବେଆଇନ ଭାବେ ବିକ୍ରି ହୋଇଥାଇପାରେ । ସନ୍ଦେହରେ ବିଦ୍ରୋହୀମାନେ ମଧ୍ୟ ରହିଛନ୍ତି । ସେ କହିଛନ୍ତି, ନିଖୋଜ ଥିବା ଜିନିଷଗୁଡ଼ିକ ବିଷୟରେ, ଯାହା କୁହାଯାଇପାରେ ତାହା ହେଉଛି ସଶସ୍ତ୍ର ବାହିନୀର ଲୋକମାନଙ୍କର ନେଟୱାର୍କ ଅଛି, ଯେଉଁମାନେ ବେଆଇନ ଅସ୍ତ୍ରଶସ୍ତ୍ର କ୍ରୟ ଏବଂ ବିକ୍ରୟ ସହିତ ଜଡ଼ିତ ଅଛନ୍ତି । ରାଷ୍ଟ୍ରପତି କହିଛନ୍ତି ଯେ ସାମରିକ ବେସର ଯାଞ୍ଚ ଦ୍ୱାରା ସଶସ୍ତ୍ର ବାହିନୀକୁ କୌଣସି ଅପରାଧିକ ସଂଗଠନଠାରୁ ଦୂରରେ ରଖାଯିବ । ସାମରିକ ବେସର ଅନୁସନ୍ଧାନ ଏପରି ଏକ ସମୟରେ ଆସିଛି ଯେତେବେଳେ କଲମ୍ବିଆ ଦେଶର ଦକ୍ଷିଣ-ପଶ୍ଚିମରେ ବିଦ୍ରୋହୀ ସଂଗଠନ ଫାର୍କ-ଇଏମସି ବିରୋଧରେ ଲଢେଇ ଆରମ୍ଭ କରିଛି ।୨୦୧୬ ରେ, କଲମ୍ବିଆର ବୈପ୍ଳବିକ ସଶସ୍ତ୍ର ବାହିନୀ ଏବଂ ସରକାର ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ପରେ, ଏହି ବିଦ୍ରୋହୀ ସଂଗଠନ ଅଲଗା ହୋଇ ଫାର୍କ-ଇଏମସି ଗଠନ କରିଥିଲା ।

## ପଥର ଖଣିରେ...

ସମୟ ଧରି ରାସ୍ତା ରୋକ ହେବାରୁ ଉଭୟ ପଟରେ ଶହ ଶହ ଗାଡ଼ି ଅଟକ ରହିଥିଲା । ପୁଲିସ ଓ ପ୍ରଶାସନ ଲୋକଙ୍କୁ ବେଶ କିଛି ଘଣ୍ଟା ବୁଝାସୁଝା କରିବା ପରେ ସେମାନେ ରାସ୍ତା ଅବରୋଧ ପ୍ରତ୍ୟାହାର କରିଥିଲେ । ଅନ୍ୟପକ୍ଷରେ ଭୀରୁଧୁନଗର ଜିଲ୍ଲାପାଳ ଭିପି ଜୈୟସୀଲାନ, ଏସ୍‌ପି କେ ଫିରୋଜ ଖାନ ଅବଦୁଲ୍ଲା ଖଣି ଅଞ୍ଚଳ ପରିଦର୍ଶନ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି । ଏଥିସହ ଆହତଙ୍କୁ ଉପଯୁକ୍ତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ଏକ ତୃତୀୟାଂଶ ...

ତିଆରି ସିନିୟର ଏକ୍‌ଜିକ୍ୟୁଟିଭର ୬ ଜଣ ସଦସ୍ୟଙ୍କ ମଧ୍ୟରୁ ଦୁଇ ଜଣ ଏବଂ ଜେନେରାଲ ଏକ୍‌ଜିକ୍ୟୁଟିଭ ନଅ ଜଣଙ୍କ ମଧ୍ୟରୁ ତିନିଜଣ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ।

ଆସନ୍ତା ୧୬ ତାରିଖରେ ହେବାକୁ ଥିବା ସୁପ୍ରିମକୋର୍ଟ ବାର ଆସୋସିଏସନ ନିର୍ବାଚନରେ ପ୍ରଥମ ଥର ପାଇଁ ଏହି ନିର୍ଦ୍ଦେଶ ପାଳନ କରାଯିବ । ୧୮ ତାରିଖରେ ଏହି ନିର୍ବାଚନର ଫଳାଫଳ ଘୋଷଣା ହେବ ।

# ୫,୪୦୦ କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ପୁଞ୍ଜିନିବେଶ ନେଇ ଜିନ୍ଦଲ ଷ୍ଟେନଲେସର ଘୋଷଣା

**ନୂଆଦିଲ୍ଲୀ,**

ଭାରତର ଅଗ୍ରଣୀ ଷ୍ଟେନଲେସ ଷ୍ଟିଲ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନଲେସ ଆଜି ଏହାର ମେଲ୍ଟିଙ୍ଗ ଏବଂ ଡାଉନଷ୍ଟ୍ରିମ କ୍ଷମତାକୁ ବୃଦ୍ଧି କରିବା ସହ ବିଶ୍ୱରେ ଏକ ସର୍ବବୃହତ ଷ୍ଟେନଲେସ ଷ୍ଟିଲ ଉତ୍ପାଦନକାରୀ ଭାବେ ପରିଗଣିତ ହେବା ଉଦ୍ଦେଶ୍ୟ ନେଇ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ଏବଂ ଅଧିଗ୍ରହଣ ଯୋଜନା ଘୋଷଣା କରିଛି । ଷ୍ଟେନଲେସ ଷ୍ଟିଲରେ ବିଶ୍ୱସ୍ତରୀୟ ନେତୃତ୍ୱ ହାସଲ କରିବା ପାଇଁ କମ୍ପାନୀ ପ୍ରାୟ ୫,୪୦୦ କୋଟି ଟଙ୍କାର ଏକ ତ୍ରିସ୍ତରୀୟ ନିବେଶ ରଣନୀତି ଘୋଷଣା କରିଛି । ଜିନ୍ଦଲ ଷ୍ଟେନଲେସ ଇଣ୍ଡୋନେସିଆରେ ବାର୍ଷିକ ୧.୨ ମିଲିୟନ୍ ଟନ୍ ଉତ୍ପାଦନ କ୍ଷମତା ଥିବା ଏକ ଷ୍ଟେନଲେସ୍ ଷ୍ଟିଲ୍ ମେଲ୍ଟ ସୋପ୍ ବିକାଶ ଏବଂ ପରିଚାଳନା ପାଇଁ ଯୌଥ ଉଦ୍ୟୋଗ ଆରମ୍ଭ କରିଛି । ଏଥିରେ ୭୦୦ କୋଟି ଟଙ୍କାରୁ ଅଧିକ ନିବେଶ ହେବା ସହ କମ୍ପାନୀର ମେଲ୍ଟିଂ କ୍ଷମତା ୪୦% ବୃଦ୍ଧି ପାଇ ବାର୍ଷିକ ୪.୨ ମିଲିୟନ ଟନ୍ ହେବ । ଯାଜପୁରରେ ଏହାର ଡାଉନଷ୍ଟ୍ରିମ ଲାଇନର ସମ୍ପ୍ରସାରଣ ପାଇଁ କମ୍ପାନୀ ପ୍ରାୟ ୧୯୦୦ କୋଟି ଟଙ୍କା ବ୍ୟୟ ବରାଦ କରିଛି । ଏହା ବ୍ୟତୀତ ରେଲୱେ ସାଇଡିଂ, ସଷ୍ଟେନେବିଲିଟି ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ଅକ୍ଷୟ ଶକ୍ତି ଉତ୍ପାଦନ ଭଳି ଭିତ୍ତିଭୂମି ସୁବିଧାଗୁଡ଼ିକର ଉନ୍ନତୀକରଣ ପାଇଁ କମ୍ପାନୀ ପ୍ରାୟ ୧୪୫୦ କୋଟି ଟଙ୍କାର ନିବେଶ ଆକଳନ କରିଛି । ତୃତୀୟତଃ, କମ୍ପାନୀ ଏକ ଗଠନମୂଳକ ପରୋକ୍ଷ ଅଧିଗ୍ରହଣ ଚୁକ୍ତି ମାଧ୍ୟମରେ ଗୁଜରାଟର ମୁନ୍ଦ୍ରାରେ ଥିବା ୦.୬ ଏମଟିପିଏ କୋଲ୍ଡ ରୋଲିଂ ମିଲ, କ୍ରୋମେନି ଷ୍ଟିଲ୍ସ ପ୍ରାଇଭେଟ୍ ଲିମିଟେଡ୍ (ସିଏସପିଏଲ)ର ୫୪% ଇକ୍ୱିଟି ଅଂଶଧନ ଅଧିଗ୍ରହଣ କରିବ । ଏହି କାରବାରରେ ପ୍ରାୟ ୧,୩୪୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଯେଉଁଥିରେ ୟ୧,୨୯୫ କୋଟି ଟଙ୍କାର ଋଣ ଏବଂ ଇକ୍ୱିଟି କ୍ରୟ ବାବଦରେ ଅବଶିଷ୍ଟ ୪୫ କୋଟି ଟଙ୍କା ରହିଛି ।ଜିନ୍ଦଲ ଷ୍ଟେନଲେସର ବୋର୍ଡ ଅଫ୍ ଡିରେକ୍ଟରଙ୍କ ଦ୍ୱାରା ଅନୁମୋଦନ କରାଯାଇଥିବା ଉଲ୍ଲେଖନୀୟ ନିଷ୍ପତ୍ତି ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ପରିଚାଳନା ନିର୍ଦ୍ଦେଶକ, ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'ଏହି ଅଧିଗ୍ରହଣ ଏବଂ ପୁଞ୍ଜିନିବେଶ ସହ ଆମେ ବିଶ୍ୱର ଅନ୍ୟତମ ଅଗ୍ରଣୀ କମ୍ପାନୀ ହେବା ପାଇଁ ଏକ ସ୍ପଷ୍ଟ ଅଭିବୃଦ୍ଧି ଯୋଜନା ପ୍ରସ୍ତୁତ କରିଛୁ । ଇଣ୍ଡୋନେସିଆର ଯୌଥ ଉଦ୍‌ଯୋଗ ଆମକୁ ସର୍ବୋତ୍ତମ ଗତି ଏବଂ କଞ୍ଚାମାଲ ସୁରକ୍ଷା ପ୍ରଦାନ କରିବ ଏବଂ ଯାଜପୁର ଲାଇନର ଉନ୍ନତିକରଣ ଘରୋଇ ଏବଂ ବିଦେଶୀ ଗ୍ରାହକଙ୍କ ପାଇଁ ବର୍ଦ୍ଧିତ ମୂଲ୍ୟ ପ୍ରଦାନ କରିବ ।କ୍ରୋମେନିର କୋଲ୍ଡ ରୋଲିଂ ମିଲ୍ ଉଭୟ ଭାରତ ତଥା ବିଦେଶରେ ଆମର ପ୍ରସାରକୁ ବିସ୍ତାର କରିବ ଏବଂ ଦୀର୍ଘକାଳୀନ ମୂଲ୍ୟଯୁକ୍ତ ବିଭାଗରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବ । "ଏହି ଅବସରରେ ସିଇଓ ତଥା ସର୍ବକାଳୀନ ନିର୍ଦ୍ଦେଶକ, ତରୁଣ କୁମାର ଖୁଲବେ କହିଛନ୍ତି, 'ଇଣ୍ଡୋନେସିଆର ଅପଷ୍ଟ୍ରିମ୍ ସୁବିଧାରେ ପୁଞ୍ଜିନିବେଶ ହେଉଛି ଏକ ପ୍ଲଗ୍ ଆଣ୍ଡ ପ୍ଲେ ମଡେଲ୍, ଯାହା ବର୍ତ୍ତମାନର ଇଣ୍ଡଷ୍ଟ୍ରିଆଲ ପାର୍କ ସୁବିଧାକୁ ଦୃଷ୍ଟିରେ ରଖି ଆଗାମୀ ୨୪ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି । ଲଜିଷ୍ଟିକ୍ ଏବଂ ଶକ୍ତି ଖର୍ଚ୍ଚ ଇଣ୍ଡୋନେସିଆକୁ ଏଭଳି ନିବେଶ ପାଇଁ ଅଧିକ ଅନୁକୂଳ କରିଥାଏ । ଏହାବ୍ୟତୀତ ଇଣ୍ଡୋନେସିଆ ସରକାର ନିକେଲ ଓର୍ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଛନ୍ତି ଏବଂ ଦୀର୍ଘମିଆଦୀ ଟିକସ ହୋଲିଡେ ମାଧ୍ୟମରେ ଡାଉନଷ୍ଟ୍ରିମ୍ ସୁବିଧାରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରୁଛନ୍ତି । କ୍ରୋମେନି ଅଧିଗ୍ରହଣ ଆମର କୋଲ୍ଡ ରୋଲ ଉତ୍ପାଦ ବୃଦ୍ଧି କରିବାରେ ସହାୟକ ହେବ ।' କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ରୁପ୍ ସିଏଫ୍‌ଓ ଅନୁରାଗ ମନ୍ତ୍ରୀ କହିଛନ୍ତି, 'ଏହି ନିବେଶ ଆମର ଡାଉନଷ୍ଟ୍ରିମ୍ କୋଲ୍ଡ ରୋଲ କ୍ଷମତାକୁ ସାମଗ୍ରିକ ଭାବେ ସନ୍ତୁଳନ କରିବାରେ ସହାୟକ ହେବ ଏବଂ ବିଶ୍ୱସ୍ତରୀୟ ବେଞ୍ଚମାର୍କର ନିକଟତର ହେବ । ଇଣ୍ଡୋନେସିଆରେ ଉତ୍ପାଦନର ବିକଳ୍ପ ମାର୍ଗ କଞ୍ଚାମାଲ ସମସ୍ୟାକୁ ହ୍ରାସ କରିବାରେ ସାହାଯ୍ୟ କରିବ । ଆଭ୍ୟନ୍ତରୀଣ ଆୟ ଏବଂ ଋଣ ମାଧ୍ୟମରେ ଆମେ ଏହି ପୁଞ୍ଜିନିବେଶ କରିବୁ ଏବଂ ଲିଭରେଜ୍ ଅନୁପାତ ଉପରେ ନଜର ରଖିବୁ । 'ଇଣ୍ଡୋନେସିଆ ଏସଏମଏସ ପାଇଁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ତଥା ପ୍ରକଳ୍ପ କାର୍ଯ୍ୟକ୍ଷମତାରେ ବ୍ୟାପକ ଅଭିଜ୍ଞତା ଥିବା ଅଂଶୀଦାର ସଂସ୍ଥା ରହିଛି । ଯାଜପୁରରେ ଡାଉନଷ୍ଟ୍ରିମ୍ ସମ୍ପ୍ରସାରଣ ଏବଂ ସିଏସପିଏଲ୍ ଅଧିଗ୍ରହଣ ଇଣ୍ଡୋନେସିଆ ଏସ୍‌ଏମ୍‌ଏସ୍ କ୍ଷମତା ସହିତ ଜଡ଼ିତ ଏବଂ ଏହା ଜିନ୍ଦଲ ଷ୍ଟେନଲେସର କମ୍ପାନୀ ସ୍ତରରେ ସାମଗ୍ରିକ ସୁବିଧା ସନ୍ତୁଳନକୁ ସମର୍ଥନ କରିବ । ଭିତ୍ତିଭୂମିରେ ଉନ୍ନତି ଲଜିଷ୍ଟିକ୍ ସାମର୍ଥ୍ୟକୁ ଯଥେଷ୍ଟ ବୃଦ୍ଧି କରିବ, ଯାହା ଯୋଜନାବଦ୍ଧ ପରିମାଣ ବୃଦ୍ଧିକୁ ପୂରଣ କରିବା ପାଇଁ ଆବଶ୍ୟକ ।

# କୁମ୍ଭୀରଙ୍କ ପ୍ରଜନନ ଋତୁ ଆରମ୍ଭ : ୩ମାସ ବନ୍ଦ ଭିତରକନିକା



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ବନ୍ଦ ହେଲା ବିଶ୍ୱ ପ୍ରସିଦ୍ଧ ଜାତୀୟ ଉଦ୍ୟାନ ଭିତରକନିକା । ତିନିମାସ ପାଇଁ ଭିତରକନିକାରେ ପଡିଲା ତାଲା । ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ବିଭିନ୍ନ ପ୍ରକାର କୁମ୍ଭୀର ମାନଙ୍କ ପ୍ରଜନନ ପାଇଁ ବନ୍ଦ ରହିବ କୁମ୍ଭୀର ମାନଙ୍କ ଏନ୍ତୁଡ଼ିଶାଳ ଭାବେ ପରିଚିତ ଭିତରକନିକା । ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୩ ମାସ ଧରି ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରହିବ । ବଉଳା କୁମ୍ଭୀରମାନଙ୍କ ପ୍ରଜନନ ଋତୁ ଆରମ୍ଭ ହେବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ବନବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ୩ମାସ ପର୍ଯ୍ୟନ୍ତ କୌଣସି ପର୍ଯ୍ୟଟକ ଜାତୀୟ ଉଦ୍ୟାନ ଭିତରକନିକାକୁ ପ୍ରବେଶ କରିପାରିବେ ନାହିଁ ବୋଲି ସୂଚନା ଦିଆଯାଇଛି । ଏହି ୩ ମାସ ଭିତରକନିକା ଭିତରେ ବୋଟ ଚଳାଚଳ ମଧ୍ୟ କରିବ ନାହିଁ କାରଣ ବୋଟ ଚଳାଚଳ କରିବା ଦ୍ୱାରା କୁମ୍ଭୀରମାନଙ୍କ ମିଳନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଥାଏ ବୋଲି ବୁଦ୍ଧିଜୀବୀ ମାନେ ମତ ରଖିଛନ୍ତି ।
କୁମ୍ଭୀରମାନଙ୍କ ମିଳନ ପ୍ରକ୍ରିୟା ପରେ ମା' କୁମ୍ଭୀରମାନେ ଅଣ୍ଡା ଦେଇଥାନ୍ତି । ଅଣ୍ଡାଦାନ କରିବା ପରେ ଛୁଆ ଫୁଟିବା ଯାଏ ଅଣ୍ଡା ଦେଇଥିବା ବସାକୁ ଜଗି ରହିଥାନ୍ତି ମା'କୁମ୍ଭୀରମାନେ ।ଅଣ୍ଡାଦାନ ପରେ ମା'କୁମ୍ଭୀରମାନେ ଅଧିକ ହିଂସ୍ର ହେବା ସହ ଆକ୍ରମଣ କରିବାର ସମ୍ଭାବନା ଅଧିକ ଥାଏ । ପର୍ଯ୍ୟଟକମାନଙ୍କ ସୁରକ୍ଷା ଓ କୁମ୍ଭୀର ସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଏହି ତିନିମାସ ଭିତରକନିକା ବନ୍ଦ ରହିଥାଏ । ଅନ୍ୟପଟେ ଭିତରକନିକା ସଂଲଗ୍ନ ନଦୀକୂଳିଆ ଗ୍ରାମବାସୀ ମାନେ ସତର୍କତାର ସହ ନଦୀରେ ଚଳପ୍ରଚଳ ହେବା ପାଇଁ ରାଜନଗର ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଚଳିତବର୍ଷ ଜାନୁଆରୀ ମାସରେ ୧୧ଦିନ ପର୍ଯ୍ୟନ୍ତ କୁମ୍ଭୀର ଗଣନା ପାଇଁ ଭିତରକନିକା ମଧ୍ୟକୁ ପର୍ଯ୍ୟଟକ ବାରଣ ରହିଥିଲା । ବିଶ୍ୱର କୋଣ ଅନୁକୋଣରୁ ଜ୍ଞାନ ଆହରଣ ପାଇଁ ଭିତରକନିକାକୁ ଗତ କିଛି ବର୍ଷ ଧରି ପର୍ଯ୍ୟଟକ ମାନଙ୍କ ଆଗମନ ହେଉଥିବା ବେଳେ ଏବେ ଏଥିରେ ସାମୟିକ ବିରାମ ଲାଗିବ । ତେବେ ପର୍ଯ୍ୟଟକ ମାନେ ଜୈବ ବିବିଧତା ତଥା ଉପକୂଳର ସୁରକ୍ଷା ପ୍ରାଚୀର ଭିତରକନିକା ମଧ୍ୟରେ ଥିବା ଲୁଣା ଜଙ୍ଗଲକୁ ଅନୁଭବ କରିବା,ବଉଳା କୁମ୍ଭୀର ମାନଙ୍କ ଜୀବନ ପ୍ରକ୍ରିୟା, ବୋଟ ଲାଇବ୍ରେରୀ, ଉପାଦେୟ ନର୍ସରି ଆଦି ଦେଖିବାରୁ ଏବେ ବଞ୍ଚିତ ହେବାକୁ ଥିବା ବେଳେ ଆସନ୍ତା ଅଗଷ୍ଟ ୧ ତାରିଖରୁ ପୁଣିଥରେ ପର୍ଯ୍ୟଟକ ମାନେ ଏହି ସୁବିଧା ପାଇପାରିବେ ବୋଲି କହିଛନ୍ତି ବନଖଣ୍ଡ ଅଧିକାରୀ ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.
eT-M-KUR-AMC-CRANE-252-24

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ 140T BD କ୍ରେନ୍/ଖୋର୍ଦ୍ଧା ରୋଡ଼ର ହାଇଡ୍ରୋଲିକ୍ ଏବଂ ନ୍ୟୁମେଟିକ୍ (Hydraulic and Pneumatic) ସିଷ୍ଟମ୍ (ମୁଖ୍ୟ ଇଞ୍ଜିନ୍, ସହାୟକ ଇଞ୍ଜିନ ଏବଂ SLI ସିଷ୍ଟମ ବ୍ୟତୀତ ସମସ୍ତ ସିଷ୍ଟମ)ର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

**ବିଜ୍ଞାପିତ ମୂଲ୍ୟ :** ₹17,70,000/-, EMD : ₹35,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹2,360/-, ଶେଷ ହେବା ଅବଧି: 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.07.05.2024ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.05.2024 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ଼
PR-69/P/24-25

# ବିଜେଡ଼ିରେ ଯୋଗଦେଲେ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କଟକ ସଦର ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ କର୍ମକର୍ତ୍ତା ଏବଂ ନିର୍ବାଚିତ ପ୍ରତିନିଧି ଗୁରୁବାର ଶଙ୍ଖଭବନ ଠାରେ କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ବିଜେପି ଓ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ବେହେରା ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ବିଜେପି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି କଟକ ସଦର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ବେହେରା ଓ ଡକ୍ଟର ପାତ୍ର କହିଥିଲେ । ଏହି ମିଶ୍ରଣ ପର୍ବରେ ପୂର୍ବତନ ବିଜେପି ରାଜ୍ୟ ସମ୍ପାଦକ ସତ୍ୟ ଜେନା, ପୂର୍ବତନ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଅନ୍ନପୂର୍ଣ୍ଣା ସାହୁ, ଅକ୍ଷୟ କୁମାର ପରିଜା, ପ୍ରଦୀପ୍ତି ପାତ୍ର, ସଂଗ୍ରାମ ସିଂହ, ଆଲୋକ କୁମାର ବେହେରା, ବିଜୟକେତନ ବିଶୋୟୀ, ଗୋବର୍ଦ୍ଧନ ଖୁଣ୍ଟିଆ, ପ୍ରମୋଦ କୁମାର ସାହୁ, ନିର୍ମଳ ପଢ଼ିହାରୀ, କଳ୍ପନା ମହାନ୍ତି, କୈଳାସ ଚନ୍ଦ୍ର ବେହେରା, ବିଷ୍ଣୁ ଚନ୍ଦ୍ର ବେହେରା, କ୍ଷୀରୋଦ ବେହେରା, ଶିବରଞ୍ଜନ ନାୟକ, ମାନସ ରଞ୍ଜନ ମହାପାତ୍ର, କମଳାକାନ୍ତ ବେହେରା, ଡମ୍ବରୁଧର ମଣ୍ଡଳ, ସୁକାନ୍ତ ମହାପାତ୍ର, ଅଜିତ କୁମାର ଦାସ, ଚିତ୍ତରଞ୍ଜନ ବେହେରା, ଉତ୍ତମ କୁମାର ସାହୁ, ସରୋଜ ଖୁଣ୍ଟିଆ, ମୋନିଜା ବେଗମ, ଜାନକୀ ବଲ୍ଲଭ ମହାନ୍ତି, ଦୀପକ ସ୍ୱାଇଁ, ସଞ୍ଜୟ ବେହେରା, ରୁଦ୍ର ପ୍ରସନ୍ନ ଦାସ, ରଞ୍ଜିତ ସାହୁ, ଅବିନାଶ ମହାନ୍ତି, ଜଗନ୍ନାଥ ସ୍ୱାଇଁ, ମକର ବେହେରା, ସରୋଜକାନ୍ତ ଦାସ, ସଞ୍ଜୟ ମହାରଣା, ବିବେକାନନ୍ଦ ସାହୁ, ବାପୀ ଖଟୁଆ, ପ୍ରତାପ କୁମାର ସାହୁ, ରାଜେଶ କୁମାର ମହାନ୍ତି, ରାକେଶ ସାହୁ, ଲକ୍ଷ୍ମୀକାନ୍ତ ଚୌଧୁରୀ, ଜ୍ଞାନରଞ୍ଜନ ସ୍ୱାଇଁ, ପ୍ରଭାତ ବେହେରାଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

ସମ୍ବାଦ କଳିକା

ଭୁବନେଶ୍ୱର
୩ ମଇ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

## ମେ' ୧୦ରୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା

# ଶ୍ରୀଜୀଉଙ୍କ ଶୃଙ୍ଖଳିତ ନୀତିକାନ୍ତି ସମ୍ପନ୍ନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ପୁରୀ, ୨/୫ ନ୍ୟୁଜ ବ୍ୟୁରୋ**

ଆସନ୍ତା ୧୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା । ଏହିଦିନ ଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଚନ୍ଦନ ଯାତ୍ରା । ଏଥିପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି । ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୁରୀ ଏସ୍‌ପି ପିନାକ ମିଶ୍ର, ଶ୍ରୀମନ୍ଦିର ନୀତି ପ୍ରଶାସକ, ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଓ ପରିଚାଳନା କମିଟି ସେବାୟତ ସଦସ୍ୟମାନେ ଉପସ୍ଥିତ ଥିଲେ । ତେବେ ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତିକାନ୍ତି, ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସମସ୍ତ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ



ଦେଇଛନ୍ତି । ସେହିପରି ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ପାନୀୟ ଜଳ ଯୋଗାଣ ଓ ଜଳ ସିଞ୍ଚନ ବ୍ୟବସ୍ଥା ମଧ୍ୟ କରାଯିବ । ମେ' ୧୦ ତାରିଖରେ ଚନ୍ଦନ ଯାତ୍ରା ଆରମ୍ଭ ହେବାକୁ ଯାଉଥିବା ବେଳେ ଏହା ୨୧ ଦିନ ବ୍ୟାପୀ ଅନୁଷ୍ଠିତ ହେବ । ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ନନ୍ଦା, ଭଦ୍ରା ଓ ବୈଜୟନ୍ତୀ ଡଙ୍ଗାରେ ବସି ନରେନ୍ଦ୍ର ସରୋବରରେ ଜଳକ୍ରୀଡ଼ା କରିବେ । ତେଣୁ ପ୍ରବଳ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଥିବା କହିଛନ୍ତି ଜିଲ୍ଲାପାଳ ।

## ପୁଣି ଏକ ମାଈ ହାତୀର ଜୀବନ ଗଲା

**କେନ୍ଦୁଝର, ୨।୫ ନ୍ୟୁଜ ବ୍ୟୁରୋ**

ଚମ୍ପୁଆ ରେଞ୍ଜ ବସନ୍ତପୁର ଗ୍ରାମ ନିକଟରେ ଗୁରୁବାର ଏକ ହାତୀର ମୃତଦେହ ବନ ବିଭାଗ ଉଦ୍ଧାର କରିଛି । ପ୍ରସବ ବେଦନା ଯୋଗୁଁ ମା'ହାତୀ ମୃତ୍ୟୁବରଣ କରିଥିବା ଡିଏଫ୍‌ଓ ଧନରାଜ ଏଚ୍.ଡି ସୂଚନା ଦେଇଛନ୍ତି । ବୁଧବାର ପୂର୍ବାହ୍ନ ୧୧ ଟାରୁ ଶାବକ ଜନ୍ମ ଦେବା ବେଳେ ହାତୀଟି ଯନ୍ତ୍ରଣା ପାଇବା ପରେ ଗୁରୁବାର ସକାଳ ୯ଟାରେ ମୃତ ଶାବକକୁ ବାହାର କରାଯାଇଥିଲା । ଏହା ସତ୍ତ୍ୱେ ହାତୀଟି ଛିଡ଼ା ହୋଇପାରିଲା ନାହିଁ । ଫଳରେ ଗୁରୁବାର ମଧ୍ୟାହ୍ନରେ ମା' ହାତୀର ଜୀବନ ଚାଲିଯାଇଛି ।



ଭୁବନେଶ୍ୱର : ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ପାଇଁ ମନ୍ଦିର କମିଟି ପକ୍ଷରୁ ବିନ୍ଦୁ ସାଗର ପରିସରରେ ଥିବା ଜଗତିରେ ରଙ୍ଗ ଦିଆଯାଉଛି । (ଫଟୋ : ସମ୍ବାଦ କଳିକା)

# ୧୭ ଲୋକସଭା ଓ ତିନି ଚତୁର୍ଥାଂଶ ବିଧାନସଭା ଆସନ ଜିତିବ ବିଜେଡି




**ଭୁବନେଶ୍ୱର, ୨/୫ ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ମନ୍ତବ୍ୟ ପରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର । ୧୭ରୁ ଅଧିକ ଲୋକସଭା ସହ ତିନି ଚତୁର୍ଥାଂଶ ବିଧାନସଭା ସିଟ୍‌ରେ ଜିତିବା ନେଇ ଦମ୍ଭୋକ୍ତି ଦେଖାଇଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର । ଚଳିତ ୨୦୨୪ ନିର୍ବାଚନର ଫଳାଫଳ କାହା ସପକ୍ଷରେ ଯିବ ସେନେଇ ଚାଲିଛି ଆକଳନ । ଓଡ଼ିଶାରେ ବିଜେପି ପାଖାପାଖି ୧୬ଟି ସଂସଦୀୟ କ୍ଷେତ୍ର ହାତେଇବ ବୋଲି ଜାତୀୟ ଗଣମାଧ୍ୟମରେ ମତ ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ଅମିତ ଶାହା । ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର କହିଛନ୍ତି, 'ବିଜେପିର ଜାତୀୟ ନେତୃତ୍ୱ ଭଲ ଭାବେ ଜାଣିଛନ୍ତି ୨୦୨୪ ନିର୍ବାଚନରେ ଓଡ଼ିଶାର ବିଜେପି ଶାଖା ଏକ ଶୋଚନୀୟ ପରାଜୟ ଆଡ଼କୁ ଯାଉଛି । ସେମାନେ ଏହା ମଧ୍ୟ ଭଲ ଭାବେ ଜାଣିଛନ୍ତି ଯେ, ଦୁଇ ବର୍ଷ ତଳେ ଓଡ଼ିଶାରେ ହୋଇଥିବା ପଞ୍ଚାୟତ, ପୌର ଓ ଜିଲ୍ଲା ପରିଷଦ ନିର୍ବାଚନରେ ଫଳଫଳ କ'ଣ ରହିଛି । ୩୦ରୁ ୩୦ ଜିଲ୍ଲା ପରିଷଦ ବିଜେଡି ଦଖଲରେ ରହିଛି । ସେହିପରି ୯୦ ପ୍ରତିଶତ ୟୁଏଲବିରେ ବିଜେଡି ଜୟଯୁକ୍ତ ହୋଇଥିଲା । ବିଜେପିର ସମାନ ଅବସ୍ଥା ପୌର ନିର୍ବାଚନରେ ହୋଇଥିଲା । ବାରମ୍ବାର ସାଧାରଣ ନିର୍ବାଚନ, ଉପ ନିର୍ବାଚନ, ପୌର ଏବଂ ପଞ୍ଚାୟତ ନିର୍ବାଚନରେ ହାରି ହାରି ଓଡ଼ିଶା ବିଜେପିର କ୍ୟାଡର ହତାଶ ଓ ନିରାଶ ହୋଇଯାଇଛନ୍ତି । ସେମାନଙ୍କର ମନୋବଳ ଭାଙ୍ଗି ଯାଇଛି । ସେମାନଙ୍କ ମଧ୍ୟରେ ଉତ୍ସାହ ଭରିବା ପାଇଁ ବିଜେପିର ବରିଷ୍ଠ ନେତା ଅମିତ ଶାହ ଏଭଳି ବକ୍ତବ୍ୟ ଦେଇଛନ୍ତି । ଏ ବକ୍ତବ୍ୟର ଆଉ କୌଣସି ଅର୍ଥ ନାହିଁ । ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଆଶୀର୍ବାଦ କ୍ରମେ ବିଜୁ ଜନତା ଦଳ ଚଳିତ ନିର୍ବାଚନରେ ୧୭ରୁ ଊର୍ଦ୍ଧ୍ୱ ଲୋକସଭା ଆସନରେ ବିଜୟୀ ହେବ । ସେହିପରି ୨୦୧୯ ନିର୍ବାଚନରେ ଯେତିକି ବିଧାନସଭା ଦଖଲ କରିଥିଲୁ, ତା'ଠାରୁ ଯଥେଷ୍ଟ ଅଧିକ ୨୦୨୪ରେ ବିଜେଡି ପାଇବ । ଜୁନ ୪ରେ ଆମେ ଏମିତି ପ୍ରେସ୍ ମିଟ କରି ଏହି କଥା ମନେ ପକେଇଦେବୁ ବୋଲି କହି ବିଜେପିକୁ ଟାର୍ଗେଟ୍ କରିଛନ୍ତି ସସ୍ମିତ ପାତ୍ର ।

## ସମ୍ଭାବ୍ୟ ଗ୍ରୀଷ୍ମକାଳୀନ ପ୍ରାକ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ

# ବିପର୍ଯ୍ୟୟ ପ୍ରସ୍ତୁତି ଓ ମୁକାବିଲା କ୍ଷେତ୍ରରେ ଓଡ଼ିଶା ପ୍ରଶାସନ ଉଚ୍ଚତର ମାନଦଣ୍ଡ ବଜାୟ ରଖିଛି



**ଭୁବନେଶ୍ୱର, ୨/୫ ନ୍ୟୁଜ ବ୍ୟୁରୋ**

ବିଗତ କିଛି ବର୍ଷରେ ଗ୍ରୀଷ୍ମ ଋତୁରେ ସାମୁଦ୍ରିକ ବାତ୍ୟା ଦ୍ୱାରା ଓଡ଼ିଶା ଗଭୀର ଭାବେ ପ୍ରଭାବିତ ହୋଇଛି । ୨୦୧୯ ମସିହା ମେ' ମାସରେ 'ଫନୀ' ବାତ୍ୟା ଓଡ଼ିଶାରେ ବ୍ୟାପକ କ୍ଷତି ଘଟାଇଥିଲା । ପରବର୍ତ୍ତୀ ବିଭିନ୍ନ ବର୍ଷରେ ଗ୍ରୀଷ୍ମ ଋତୁରେ 'ଅମ୍ଫାନ', 'ୟସ', 'ଅସାନୀ' ଭଳି ବାତ୍ୟା ସଂଗଠିତ ହୋଇଥିଲା । ତେଣୁ ଚଳିତବର୍ଷ ଗ୍ରୀଷ୍ମକାଳୀନ ବାତ୍ୟା ଆଶଙ୍କାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତିର ନିତାନ୍ତ ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଶାସନିକ ସ୍ତରରେ ଏକ ପ୍ରାକ ବାତ୍ୟା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଛି ଏହି ବୈଠକ । ବିଗତ ବର୍ଷର ଅନୁଭୂତି ଓ ଅଭିଜ୍ଞତାକୁ ପାଥେୟ କରି ସମସ୍ତ ପ୍ରକାର ପ୍ରସ୍ତୁତି ଜାରି ରଖିବା ପାଇଁ ବୈଠକରେ ସମ୍ପୃକ୍ତ ବିଭିନ୍ନ ବିଭାଗ ଓ ସହଯୋଗୀ ସଂସ୍ଥାମାନଙ୍କୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଏବଂ ପରାମର୍ଶ ଦେଇଛନ୍ତି । ସ୍ୱତନ୍ତ୍ର ରିଲିଫ କମିଶନ (ଏସଆରସି) ସତ୍ୟବ୍ରତ ସାହୁଙ୍କ ଦ୍ୱାରା ଆହୁତ ହୋଇଛି ସମ୍ଭାବ୍ୟ ଗ୍ରୀଷ୍ମକାଳୀନ ପ୍ରାକ ବାତ୍ୟା ପ୍ରସ୍ତୁତି ବୈଠକ । ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ଡଃ.ମନୋରମା ମହାନ୍ତି ବିଭିନ୍ନ ଜିଲ୍ଲାରେ କ୍ରମାଗତ ଭାବେ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହ ଏବଂ ଉପଗ୍ରହ ତଥ୍ୟ ଆଧାରରେ ଚଳିତ ମେ' ମାସରେ ପାଣିପାଗର ସ୍ଥିତି କିପରି ରହିବ ସେ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି । ଚଳିତମାସ ୧୫ ତାରିଖ ଭିତରେ ବାତ୍ୟା ସମ୍ପର୍କରେ ସେପରି ତଥ୍ୟ ସ୍ପଷ୍ଟ ଦୃଶ୍ୟମାନ ହେଉନଥିବା ଓ ଏହା ପରେ ସ୍ଥିତି ଜଣାଯିବା ସମ୍ପର୍କରେ ସେ ବୈଠକରେ ଅବଗତ କରିଛନ୍ତି । ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତୁତ ହୋଇଥିବା କଣ୍ଟିଜେଣ୍ଟ ପ୍ଲାନ ସମ୍ପର୍କରେ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି । ସମ୍ଭାବ୍ୟ ବାତ୍ୟା ପରିପ୍ରେକ୍ଷୀରେ ଜନସାଧାରଣ ଓ ପ୍ରଶାସନିକ ଆଦି ସବୁସ୍ତରରେ ସତର୍କ ରହିବାକୁ ବୈଠକରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି । ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ବିପର୍ଯ୍ୟୟ ପ୍ରସ୍ତୁତି ଓ ମୁକାବିଲା କ୍ଷେତ୍ରରେ ଓଡ଼ିଶା ପ୍ରଶାସନ ଉଚ୍ଚତର ମାନଦଣ୍ଡ ବଜାୟ ରଖିଛି । ଆମର ସବୁ ପ୍ରକାର ପ୍ରସ୍ତୁତି ରହିଛି । ତେବେ ଆମେ ଏହାକୁ କେବେହେଲେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ । ସବୁ ବିଭାଗରେ ପ୍ରାକ ବାତ୍ୟା ସମୀକ୍ଷା ବୈଠକ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ସମ୍ଭାବ୍ୟ ଗ୍ରୀଷ୍ମକାଳୀନ ବାତ୍ୟା ପରିପ୍ରେକ୍ଷୀରେ ଓଡ୍ରାଫ ଓ ଏନଡିଆରଏଫ ତରଫରୁ ଟିମ୍ ମୁତୟନ, ଆବଶ୍ୟକ ଉପକରଣ ସହ ପ୍ରସ୍ତୁତି ସଂପର୍କରେ ଉପସ୍ଥାପନ କରାଯାଇଛି । ବାତ୍ୟାରେ ବିଦ୍ୟୁତ ସରବରାହ ବ୍ୟାହତ ସମ୍ଭାବନାକୁ ଦୃଷ୍ଟିରେ ରଖି ମାନବ ସମ୍ବଳ, ଆବଶ୍ୟକ ଯନ୍ତ୍ରପାତି ଓ ଉପକରଣ ପ୍ରସ୍ତୁତ ରଖିବାକୁ ବିଦ୍ୟୁତ ବିତରକ ସଂସ୍ଥାମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ବାତ୍ୟା ସମୟରେ ପାନୀୟ ଜଳ ଯୋଗାଣ ପାଇଁ ଜେନେରେଟର ବ୍ୟବସ୍ଥା ସହ ସିନଟେକ୍ସ ଯୋଗେ ପାନୀୟ ଜଳ ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି । ସେହିପରି ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆବଶ୍ୟକ ଔଷଧ, ଆମ୍ବୁଲାନ୍ସ ବ୍ୟବସ୍ଥା ସହ ଜରୁରୀକାଳୀନ ଯୋଜନା ପ୍ରସ୍ତୁତ ହୋଇଥିବା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଉପସ୍ଥାପନ କରିଛନ୍ତି । ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡଃ.ସୁଧାଂଶୁ ଷଡଙ୍ଗୀଙ୍କ ସହ ଶକ୍ତି ତଥା ଅର୍ଥ ବିଭାଗ ସଚିବ ବିଶାଳ ଦେବ, ପୂର୍ତ୍ତ ବିଭାଗ ସଚିବ ଭି.ଭି ଯାଦବ, ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକ ସମ୍ପର୍କ ସଚିବ ସଞ୍ଜୟ ସିଂ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ସୁଶୀଲ କୁମାର ଲୋହାନୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶାଳିନୀ ପଣ୍ଡିତ, ମହିଳା ଓ ଶିଶୁ ବିକାଶ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, କୃଷି ଓ କୃଷକ ସଶକ୍ତି କରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ମତ୍ସ୍ୟ ଓ ପ୍ରାଣୀ ପାଳନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ସମେତ ଅଗ୍ନିଶମ, ଓଡ୍ରାଫ, ଏନଡିଆରଏଫ ଆଦି ୧୮ଟି ବିଭାଗ ଓ ସଂସ୍ଥାର ପ୍ରମୁଖ ଶାସନ ସଚିବ, ସଚିବ ଓ ଉଚ୍ଚ କର୍ତ୍ତୃପକ୍ଷମାନେ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି ।

## ଜୟପୁରରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ

# ଜଗତଜନନୀ ମନ୍ଦିରରେ ମା'ଙ୍କୁ ଦର୍ଶନ କଲେ

**ଜୟପୁର, ୨/୫ ନ୍ୟୁଜ ବ୍ୟୁରୋ**

ଜୟପୁରରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ । ସେ ବିଶାଳ ରୋଡ ଶୋ'ରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଥିଲେ । ଗୁରୁବାର ସକାଳୁ ଜୟପୁରର ପ୍ରସିଦ୍ଧ ଜଗତଜନନୀ ମନ୍ଦିର ଯାଇ ମାଆଙ୍କୁ ଦର୍ଶନ କରିଛନ୍ତି । ସେଠାରେ ପୂଜାର୍ଚ୍ଚନା କରି ପୂଜକ ଓ ଶ୍ରଦ୍ଧାଳୁଙ୍କ ସହ ଆଲୋଚନା କରିଛନ୍ତି । ବୁଧବାର ସନ୍ଧ୍ୟାରେ କାର୍ତ୍ତିକ ପାଣ୍ଡିଆନ ଜୟପୁର ସହରରେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ । ବିଶାଳ ରୋଡ ଶୋ'ରେ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ ଆଉ ଲୋକଙ୍କଠାରୁ ସମ୍ବର୍ଦ୍ଧନା ବି ପାଇଥିଲେ । ହଜାର ହଜାର ଲୋକ ପାଣ୍ଡିଆନଙ୍କୁ ପାଛୋଟି ନେବା ସହ ନିଜ ନିଜର ଭଲପାଇବା ଓ ଭରସାକୁ ପ୍ରତିପାଦିତ କରିଥିଲେ । ରାସ୍ତାର ଉଭୟ ପାର୍ଶ୍ୱରେ ଯୁବକ, ଛାତ୍ର, ମହିଳା ଏକାଠି ହୋଇ ପାଣ୍ଡିଆନଙ୍କୁ ଅପେକ୍ଷା କରିଥିଲେ । ପାଣ୍ଡିଆନଙ୍କ ଉପରକୁ କିଏ ଫୁଲ ସ୍ୱାଗତ କରୁଥିଲା ତ ଆଉ କିଏ ସେଲ୍ଫି ଟିଏ ନେବାକୁ ଅପେକ୍ଷା କରିଥିଲା । ବିକାଶ ପାଇଁ ବିଜେଡିକୁ ବାଛିବାକୁ ପାଣ୍ଡିଆନ ଜୟପୁରବାସୀଙ୍କୁ ଅନୁରୋଧ କରିଛନ୍ତି । ନବୀନଙ୍କ ଗ୍ୟାରେଣ୍ଟି ଦେବା ସହ ଏଥର ଉଭୟ ବିଧାୟକ ଓ ସାଂସଦ ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଜନତାଙ୍କୁ ଅପିଲ କରିଛନ୍ତି ।



# ବିଶାଳ ରାଲିରେ ଆସି ନାମାଙ୍କନ ଭରିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



**ସମ୍ବଲପୁର, ୨/୫ ନ୍ୟୁଜ ବ୍ୟୁରୋ**

ସମ୍ବଲପୁରରେ ହେବାକୁ ଯାଉଛି ବିଗ୍ ଫାଇଟ । ଲୋକସଭା ଆସନ ପାଇଁ ବିଜେଡିରୁ ପ୍ରଣବ ପ୍ରକାଶ ଦାସ ଲଢୁଥିବା ବେଳେ ବିଜେପିରୁ ପ୍ରାର୍ଥୀ ହୋଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗୁରୁବାର ସମ୍ବଲପୁରରେ ନାମାଙ୍କନ ଭରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସମ୍ବଲପୁର ଜିଲ୍ଲାପାଳଙ୍କ ଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରକୁ ଯାଇ ଦର୍ଶନ କରି ତାଙ୍କର ଆଶୀର୍ବାଦ ନେଇଥିଲେ । ତାଙ୍କ ସହ ସମ୍ବଲପୁର ବିଧାନସଭା ବିଜେପି ପ୍ରାର୍ଥୀ ଜୟ ନାରାୟଣ ମିଶ୍ର ଓ ରେଙ୍ଗାଲି ବିଧାନସଭା ବିଜେପି ପ୍ରାର୍ଥୀ ନାଉରି ନାଏକଙ୍କ ସମେତ ସମ୍ବଲପୁର ଲୋକସଭା ଅଧୀନରେ ଥିବା ୭ଟି ଯାକ ବିଧାନସଭାର ବିଜେପି ପ୍ରାର୍ଥୀ ମାନେ ଉପସ୍ଥିତ ରହିଥିଲେ । ସେଠାରୁ ଧର୍ମେନ୍ଦ୍ର ନିଜର ବିଜେପି ସମର୍ଥକ ଓ ବିଜେପି ନେତୃମଣ୍ଡଳୀ ମାନଙ୍କ ସହିତ ସମଲେଶ୍ୱରୀ ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲେ । ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲ୍ଲାପାଳଙ୍କ ଠାରେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ରେଙ୍ଗାଲି ବିଧାନସଭାର ବିଜେପି ପ୍ରାର୍ଥୀ ନାଉରି ନାଏକ ସମ୍ବଲପୁରର ଅତିରିକ୍ତ ଜିଲ୍ଲାପାଳଙ୍କ ଠାରେ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ ।

## ମା'-ପୁଅଙ୍କଠାରୁ ୨୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**ନୟାଗଡ଼, ୨/୫ ନ୍ୟୁଜ ବ୍ୟୁରୋ**

ନୟାଗଡ଼ ଅବକାରୀ ବିଭାଗ ସ୍କ୍ୱାଡ୍‌କୁ ଏକ ବଡ଼ ସଫଳତା ମିଳିଛି । ଦୀର୍ଘ ଦିନ ହେଲା ସ୍କ୍ୱାଡ୍‌ର ସ୍କାନରରେ ଥିବା ଚାନ୍ଦପୁର ଥାନା ଅଧୀନ ମୟୂରଝାଲିଆ ଗାଁର ରୀନା ପ୍ରଧାନ (୪୮) ଓ ତାଙ୍କ ପୁଅ ସଚିନ ପ୍ରଧାନ (୨୧)ଙ୍କୁ ଗିରଫ କରାଯାଇଛି । ଗୁରୁବାର ସକାଳ ୭ଟାରେ ମା'-ପୁଅ ଏକ ଟାଟା ଏସିଇ ଭ୍ୟାନ୍‌ରେ ବ୍ରାଉନସୁଗାର ଆଣି ଘରକୁ ଆସୁଥିବା ସମୟରେ ମୟୂରଝାଲିଆ ଛକ ନିକଟରେ ଅବକାରୀ ପୁଲିସ ସେମାନଙ୍କୁ ଅଟକାଇ ପଚରାଉଚରା କରିବା ସହ ଯାଞ୍ଚ କରିଥିଲେ । ଏହି ଯାଞ୍ଚରୁ ୨୦୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି । ଏହା ସହ ସେମାନଙ୍କ ନିକଟରୁ ୭ଟି ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି । ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶରେ ଏହି ମା'-ପୁଅଙ୍କ ଉପରେ ସ୍କ୍ୱାଡ୍ ନଜର ରଖିଥିଲା । ଶେଷରେ ଗୁରୁବାର ଖବର ପାଇ ଅବକାରୀ ସ୍କ୍ୱାଡ୍‌ର ସବ୍‌ଇନ୍ସପେକ୍ଟର ଅର୍ପିତାରାଣୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ଉ କରି ଏହି ଦୁଇ ଜଣଙ୍କୁ ହେପାଜତକୁ ନେଇଥିଲା । ଏ ଦିଗରେ ତଦନ୍ତ ଚାଲିଛି ଓ ଘଟଣାର ମୂଳ ପର୍ଯ୍ୟନ୍ତ ପହଞ୍ଚିବାକୁ ସମସ୍ତ ପ୍ରୟାସ କରାଯିବ ବୋଲି ଶ୍ରୀ ତିୱାରୀ କହିଛନ୍ତି ।

# ସାଂସଦ ପ୍ରାର୍ଥୀ ଅଚ୍ୟୁତ ବାବୁଙ୍କ ଉଚ୍ଚ ପ୍ରଶଂସା କଲେ ଶ୍ରୀ ପାଣ୍ଡିଆନ



**ଭୁବନେଶ୍ୱର, ୨/୫ ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଗୁରୁବାର କନ୍ଧମାଳ ଲୋକସଭା ନିର୍ବାଚନମଣ୍ଡଳୀରେ ଧୂଆଁଧାର ପ୍ରଚାର କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି । ସାଂସଦ ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ, ବାଲିଗୁଡା ବିଧାନସଭା ପ୍ରାର୍ଥୀ ଚକ୍ରମଣି କହଁର, ଜି.ଉଦୟଗିରି ପ୍ରାର୍ଥୀ ସାଲୁଗା ପ୍ରଧାନ ଓ ଦଶପଲ୍ଲା ବିଧାନସଭା ପ୍ରାର୍ଥୀ ରମେଶ ବେହେରାଙ୍କ ପାଇଁ ବିଶାଳ ଜନସଭାରେ ଯୋଗ ଦେଇ ବିଜୁ ଜନତା ଦଳକୁ ବିପୁଳ ସଂଖ୍ୟାରେ ଜିତାଇବା ପାଇଁ ଆହ୍ୱାନ ଦେଇଛନ୍ତି । ଯୋଡି ଶଙ୍ଖରେ ଭୋଟ ଦେଇ ନବୀନ ବାବୁଙ୍କୁ ଆଶୀର୍ବାଦ କରିବାକୁ ସେ ଅନୁରୋଧ କରିଛନ୍ତି । ସାଂସଦ ପ୍ରାର୍ଥୀ ଅଚ୍ୟୁତ ବାବୁଙ୍କ ଉଚ୍ଚ ପ୍ରଶଂସା କରି ଶ୍ରୀ ପାଣ୍ଡିଆନ କହିଲେ ଯେ ସେ ଜୀବନରେ ବହୁତ କିଛି ହାସଲ କରିଛନ୍ତି । କେବଳ ସେବା ପାଇଁ ସେ ରାଜନୀତିକୁ ଆସିଛନ୍ତି । ନବୀନ ବାବୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସେ ଲୋକଙ୍କ ସେବା କରୁଛନ୍ତି । ସେ କହିଥିଲେ ଯେ ସବୁଆଡେ ବିଶାଳ ଜନସମାବେଶ ଦେଖି ବିରୋଧୀ ଦଳ ଆତ୍ମବିଶ୍ୱାସ ହରାଉଛି । ବର୍ଷକ ତଳେ ପଂଚାୟତ ନିର୍ବାଚନରେ ସବୁ ଜିଲ୍ଲାରେ ହାରିଥିଲେ, ତେଣୁ ତାଙ୍କ ମନୋବଳ ପୁରା ଭାଙ୍ଗି ଯାଇଛି । ସେ ପୁଣି କହିଲେ ଯେ ବିରୋଧୀଙ୍କ ପାଖରେ କହିବାକୁ କିଛି ନାହିଁ, ତେଣୁ ମିଛ କହିବା ଆରମ୍ଭ କରିଛନ୍ତି, କେବଳ ଦଳୀୟ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଁ ଅପପ୍ରଚାର କରୁଛନ୍ତି । ସାଂସଦ ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ କହିଲେ ଯେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ଓଡିଶାର ମା ଭଉଣୀ ମାନଙ୍କ ପାଇଁ ସୁବର୍ଣ୍ଣ ଯୁଗ ଆସିଛି । ସେମାନେ ସମ୍ମାନର ସହ ବଞ୍ଚିଛନ୍ତି । ପାଣ୍ଡିଆନଙ୍କ କଠିନ ପରିଶ୍ରମର ପ୍ରଶଂସା କରି ସେ କହିଲେ ଯେ ନବୀନଙ୍କ ବିକାଶ ରଥର ସାରଥୀ ହେଉଛନ୍ତି କାର୍ତ୍ତିକ ପାଣ୍ଡିଆନ । ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସେ ସାକାର କରୁଛନ୍ତି । ଓଡିଶାବାସୀଙ୍କର ଶୀରାପ୍ରଶିରାରେ ମିଶି ଯାଇଛନ୍ତି । ସେ ପୁଣି କହିଥିଲେ ଯେ ଓଡିଶାରେ ଆଜି ଯେଉଁ ରୂପାନ୍ତର ପ୍ରକ୍ରିୟା ଚାଲିଛି, ସେଥିପାଇଁ ସାରା ବିଶ୍ୱରେ ଥିବା ଓଡିଆ ଭାଇଭଉଣୀ ଆଜି ଗର୍ବିତ ଓ ଗୌରବାନ୍ୱିତ । ନବୀନ ବାବୁଙ୍କ ଯୋଗୁ ଆଜି ଓଡିଆ ଜାତି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ପାଇଛି ।

## ଷ୍ଟିଲ ପ୍ଲାଣ୍ଟରେ ବିସ୍ଫୋରଣ : ୯ ଆହତ



**କେନ୍ଦୁଝର, ୨/୫ ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଷ୍ଟିଲ ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ ହୋଇଛି । ରୁଗୁଡି ସ୍ଥିତ ଆଲୁଓ୍ୱାଲିଆ ଷ୍ଟିଲ ପ୍ଲାଣ୍ଟରେ ବିସ୍ଫୋରଣ ଘଟିବାରୁ ୯ଜଣ ଶ୍ରମିକ ଆହତ ହୋଇଥିବାବେଳେ କାହାର ମୃତ୍ୟୁ ହୋଇନଥିବା ସୂଚନା ମିଳିଛି । ରୁଗୁଡ଼ିସ୍ଥିତ କେଜେଏସ ଆଲୁଓ୍ୱାଲିଆ ଷ୍ଟିଲ ପ୍ଲାଣ୍ଟରେ ଫର୍ଣ୍ଣେସ ଫାଟିଯାଇଥିଲା । ସେମାନଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ହୋଇଥିବା ଜଣାପଡ଼ିଛି । ଗୁରୁତର ଆହତ ହୋଇଥିବା ୪ଜଣ ଶ୍ରମିକଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

# ୭୧ କୋଟିର ମାଲିକ ମୁଖ୍ୟମନ୍ତ୍ରୀ : ନବୀନଙ୍କ ପ୍ରିୟ ୧୯୮୦ ମଡେଲ ଆମ୍ବାସଡାର କାର୍

**ଭୁବନେଶ୍ୱର, ୨/୫ ନ୍ୟୁଜ ବ୍ୟୁରୋ**

୭୧ କୋଟି ଟଙ୍କାର ମାଲିକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନବୀନଙ୍କ ପାଖରେ ହାତଖର୍ଚ୍ଚ ବାବଦକୁ ମାତ୍ର ୩୦ ହଜାର ଟଙ୍କା କ୍ୟାସ ରହିଛି । ତାଙ୍କର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧୪ କୋଟି ଟଙ୍କା ଏବଂ ୫୭ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି । ନିର୍ବାଚନୀ ସତ୍ୟପାଠରେ ନିଜ ସମ୍ପତ୍ତିର ତଥ୍ୟ ଦେଇଛନ୍ତି ନବୀନ ପଟ୍ଟନାୟକ । ବିଭିନ୍ନ ବ୍ୟାଙ୍କରେ ତାଙ୍କର ଫିକ୍ସଡ ଓ ଡେପୋଜିଟ ଆକାରରେ ଟଙ୍କା ରହିଛି । ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଦିଲ୍ଲୀରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆର ସେଭିଂ ଆକାଉଣ୍ଟରେ ନବୀନଙ୍କ ୬୮,୩୪,୩୧୬ ଟଙ୍କା ୧୩ ପଇସା ରହିଛି । ପାର୍ଲାମେଣ୍ଟ ହାଉସ୍ ସ୍ଥିତ ଷ୍ଟେଟ ବ୍ୟାଙ୍କରେ ୧୯୯୯ ଟଙ୍କା ଏବଂ ଭୁବନେଶ୍ୱର ବାପୁଜୀନଗର ଠାରେ ରହିଥିବା ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟରେ ୨୨,୫୦,୯୯୦ ଟଙ୍କା ୨୭ ପଇସା ଅଛି । ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜିର ଷ୍ଟେଟବ୍ୟାଙ୍କ ଶାଖାରେ ଆକାଉଣ୍ଟ ଖୋଲି ୩୦ ଲକ୍ଷ ଟଙ୍କା ଜମା ରଖିଛନ୍ତି । ଏହାକୁ ନିର୍ବାଚନ ଖର୍ଚ୍ଚ ପାଇଁ ରଖିଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି । ସେହିପରି ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଏସବିଆଇ ଶାଖାରେ ସେ ନିର୍ବାଚନ ଖର୍ଚ୍ଚ ପରିଚାଳନା ପାଇଁ ନୂଆ ଆକାଉଣ୍ଟ ଖୋଲି ସେଥିରେ ମଧ୍ୟ ୩୦ ଲକ୍ଷ ଜମା ରଖିଛନ୍ତି । ଦିଲ୍ଲୀର ଜନପଥରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖାରେ ତାଙ୍କର ୭୫ ଲକ୍ଷ ଟଙ୍କା ଏବଂ ଏଚ୍.ଡି.ଏଫ୍.ସି ଶାଖାରେ ଏକ କୋଟି ଟଙ୍କା ରହିଛି । ୨୦୨୧ ମସିହାରୁ ଏଚ୍.ଡି.ଏଫ୍.ସି ବ୍ୟାଙ୍କରେ ୯ କୋଟି ଟଙ୍କାର ଏକ ସ୍ଥାୟୀ ଜମା ସାତ ବର୍ଷ ପାଇଁ ରଖାଯାଇଛି । ସେହିପରି ମୁଖ୍ୟମନ୍ତ୍ରୀ ଭାରତୀୟ ଡାକଘରେ ତିନୋଟି ଭିନ୍ନ ଭିନ୍ନ ଆକାଉଣ୍ଟରେ ୨୫ ଲକ୍ଷ ୧୯ ହଜାର ୫୩୦ ଟଙ୍କା, ଏକ କୋଟି ଟଙ୍କା ଏବଂ ୫୦ ଲକ୍ଷ ଟଙ୍କା ଜମା ରଖିଥିବା ଦର୍ଶାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପ୍ରିୟ ୧୯୮୦ ମଡେଲ ଆମ୍ବାସଡାର । ନିଜର ସରଳ ଜୀବନଯାପନ ପାଇଁ ରାଜ୍ୟ ତଥା ଦେଶରେ ସବୁବେଳେ ଚର୍ଚ୍ଚାରେ ରହିଆସିଛନ୍ତି ନବୀନ ପଟ୍ଟନାୟକ । ତେବେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ୧୯୮୦ ମଡେଲର ଏକ ଆମ୍ବାସଡର କାର୍ ରହିଛି । ଏହି ଆମ୍ବାସଡର କାର୍ ଏବଂ ହୀରା ବୋତାମ ମୁଖ୍ୟମନ୍ତ୍ରୀ ପ୍ରିୟ ହୋଇଥିବା ସତ୍ୟପାଠରୁ ଜଣାଯାଇଛି । ନବୀନଙ୍କ ଆମ୍ବାସଡର କାର୍ ନଂ OR02A-7007 ରହିଥିବା ବେଳେ ତାହାର ମୂଲ୍ୟ ୬୪୩୪ ଟଙ୍କା ହେବ । ତାଙ୍କ ପାଖରେ ୪୫.୭୭୦ ଗ୍ରାମ୍‌ର ଅଳଙ୍କାର ରହିଛି । ସେ ହୀରା ଓ ମାଣିକ୍ୟର ବୋତାମ ରଖିଥିବା ବେଳେ ତାହାର ଆନୁମାନିକ ମୂଲ୍ୟ ପ୍ରାୟ ୪ ଲକ୍ଷ ୧୭ ହଜାର ୯୫ ଟଙ୍କା ହେବ ବୋଲି କୁହାଯାଇଛି । ଏହି ସମସ୍ତ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧୪ କୋଟି ୫ ଲକ୍ଷ ୬୦ ହଜାର ୩୬୪ ଟଙ୍କା ୪୦ ପଇସା ହେବ । ନବୀନଙ୍କ ୫୭ କୋଟିର ସ୍ଥାବର ସମ୍ପତ୍ତି ରହିଛି । ସେହିପରି ସ୍ଥାବର ସମ୍ପତ୍ତିରେ ମୁଖ୍ୟମନ୍ତ୍ରୀଙ୍କ ବାସଗୃହ ଭାବେ ନବୀନ ନିବାସ ଏବଂ ନୂଆଦିଲ୍ଲୀର ୩-ଏପିଜେ ଅବଦୁଲ କଲାମ୍ ରୋଡକୁ ସତ୍ୟପାଠରେ ଦର୍ଶାଯାଇଛି । ଏହାର ବର୍ତ୍ତମାନର ଆନୁମାନିକ ମୂଲ୍ୟ ଯଥାକ୍ରମେ ୧୩,୬୬,୦୦,୦୦୦ ଟଙ୍କା ଏବଂ ୪୩,୩୬,୧୮,୦୦୦ ହେବ । ଏହି ସମସ୍ତ ସ୍ଥାବର ସମ୍ପତ୍ତିର ମୋଟ ମୂଲ୍ୟ ୫୭ କୋଟି ୨ ଲକ୍ଷ ୧୮ ହଜାର ଟଙ୍କା ହେବ । ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳୁଥିବା ଦରମା ଏବଂ ବ୍ୟାଙ୍କରୁ ମିଳୁଥିବା ସୁଧ ହିଁ ତାଙ୍କର ମୁଖ୍ୟ ଆୟ ।



**ପ୍ରକାଶ ଅପେକ୍ଷାରେ...**

**'କଥାକଳିକା'ର ମେ' ମାସ ସଂଖ୍ୟା, ୨୦୨୪**




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ବରଦା ପ୍ରସନ୍ନ ଦାସ
**ସମକାଳର କଥା :** ପୁଷ୍ପାଞ୍ଜଳି କର, ଶଶିଭୂଷଣ ମହାନ୍ତି, ପ୍ରଭାତ ସିହ୍ନା, ବିଜନବାଳା ପାଟଯୋଶୀ, ଗଙ୍ଗାଧର ବିଶ୍ୱାଳ, ସନ୍ତୋଷୀ ସ୍ୱାଇଁ ।
**ଅନ୍ୟଭାଷାର କଥା :** ସାରଦା ରଥ ।
**ଯୁବ ମାନସର କଥା :** କ୍ଷୀରୋଦ ବିହାରୀ ବିଶ୍ୱାଳ, କିରଣ ମିଶ୍ର, ଦୀପକ କୁମାର ମହାନ୍ତି, ରଜନୀକାନ୍ତ ମିଶ୍ର, ବିଧ୍ୟାଧର ଗୁରୁ ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)